

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-87 SUNDAY 20 SEPTEMBER 2026 PAGE-12+4 ₹ 7.00 | PANIKOILI | ବର୍ଷ-୪୪ ସଂଖ୍ୟା-୮୭ ରବିବାର ୨୦ ସେପ୍ଟେମ୍ବର ୨୦୨୬ ପୃଷ୍ଠା-୧୨+୪ (ସିନ୍ଦୂରା) ଟ.୭.୦୦





# ୪ ହାଇକୋର୍ଟରେ ୧୪ ନୂଆ ବିଚାରପତି

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଦେଶର ୪ଟି ହାଇକୋର୍ଟରେ ୧୪ ଜଣ ନ୍ୟାୟିକ ଅଧିକାରୀଙ୍କୁ ବିଚାରପତି ଓ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଶନିବାର ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରିଛି। ସୁପ୍ରିମକୋର୍ଟ କଲେଜିୟମ୍ ସେପ୍ଟେମ୍ବର ୧୦ରେ ଏହି ନାମଗୁଡ଼ିକୁ ସୁପାରିସ କରିଥିଲେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଶନିବାର 'ଏକ୍ସ' ମାଧ୍ୟମରେ ଏହି ନିଯୁକ୍ତି ସୂଚନା ଦେଇଛନ୍ତି। ଭାରତୀୟ ସମ୍ବିଧାନ ପ୍ରଦତ୍ତ କ୍ଷମତା ଅନୁଯାୟୀ ଭାରତର ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ ପରେ ରାଷ୍ଟ୍ରପତି ଏହି ନିଯୁକ୍ତି ଦେଇଥିବା ମନ୍ତ୍ରୀ କହିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ନିବେଦିତା ଅନିଲ ଶର୍ମା ଓ ନିଶା ସାହାୟ ସାକ୍ସେନାଙ୍କୁ ବିଚାରପତି ଭାବେ ନିଯୁକ୍ତି ମିଳିଛି। ସେହିପରି ସଞ୍ଜୟ ଶର୍ମା-୧, ଭରତ ପରାଶର, ଡ. ଅଦିତି ଚୌଧୁରୀ, ଦିନେଶ ଭଟ୍ଟ ଓ ଅରୁଣ ଭରଦ୍ୱାଜଙ୍କୁ ଅତିରିକ୍ତ ବିଚାରପତି କରାଯାଇଛି। ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟରେ ନ୍ୟାୟିକ ଅଧିକାରୀ ଯଶ ପାଲ ବୋର୍ନିଙ୍କୁ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଝାଡ଼ଖଣ୍ଡ ହାଇକୋର୍ଟରେ ମନୋଜ ପ୍ରସାଦ, ଅଖିଳ କୁମାର ଓ ରାମ ଶର୍ମାଙ୍କୁ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ, କର୍ଣ୍ଣାଟକ ହାଇକୋର୍ଟରେ ଉଷାରାଣୀ, କେଏସ୍ ଭରତ କୁମାର ଓ ନେରାଲେ ବୀରଭଦ୍ରାୟା ଭବାନୀଙ୍କୁ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସହ ଦେଶର ଏହି ୪ଟି ହାଇକୋର୍ଟରେ ନ୍ୟାୟିକ ଅଧିକାରୀଙ୍କୁ ଉଚ୍ଚ ନ୍ୟାୟାଳୟର ବିଚାରପତି ପଦକୁ ଉନ୍ନୀତ କରାଯାଇଛି।

# ମାନ୍‌ଙ୍କୁ ବିରୋଧ, ବିଜେପି ନେତା ରବନୀତ ବିଟ୍ଟୁ ଅଟକ

ଲୁଧିଆନା, ୧୯।୯ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ କାରକେଡ୍ ସମ୍ମୁଖରେ ପ୍ରତିବାଦ କରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ରବନୀତ ସିଂହ ବିଟ୍ଟୁଙ୍କୁ ଶନିବାର ପଞ୍ଜାବ ପୁଲିସ ଅଟକ ରଖିଛି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ମାନ୍ କିଷାନ ମେଳାରେ ଯୋଗଦେବାକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। ବିଟ୍ଟୁଙ୍କ ଅଭିଯୋଗ ଅନୁସାରେ, ଶୁକ୍ରବାର ପଠାନକୋଟ ଯିବା ସମୟରେ ତାଙ୍କ କାରକେଡ୍ ଉପରକୁ ଅଣ୍ଡା ଓ ଟମାଟୋ ଫିଙ୍ଗାଯାଇଥିଲା। ଏହାର ପ୍ରତିବାଦରେ ସେ ଶନିବାର ଅଣ୍ଡା ଓ ଟମାଟୋ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମସ୍ଥଳକୁ ଯାଇଥିଲେ। ବିଟ୍ଟୁ କହିଛନ୍ତି, ରାଜନୈତିକ ପ୍ରତିବାଦ କରିବା ଗଣତାନ୍ତ୍ରିକ ଅଧିକାର ଏବଂ ବିଜେପି କର୍ମୀମାନେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜାରି ରଖିବେ। ଅନ୍ୟପକ୍ଷରେ ପୁଲିସ କହିଛି, ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଉପରେ ଅଣ୍ଡା ଓ ଟମାଟୋ ଫିଙ୍ଗିବାକୁ ଉଦ୍ୟମ କରିବାରୁ ବିଟ୍ଟୁଙ୍କୁ ଅଟକ କରାଯାଇଛି। ଶୁକ୍ରବାର ବିଟ୍ଟୁଙ୍କ କାରକେଡ୍ ଉପରେ ଆକ୍ରମଣ ନେଇ ବିଜେପି ଅଭିଯୋଗ କରିଥିଲା। ଆମ୍ ଆଦମୀ ପାର୍ଟି ଏହି ଅଭିଯୋଗକୁ ଖଣ୍ଡନ କରିଥିଲା।

# ମୋଦୀଙ୍କ ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗ ନ ଦେବାରୁ ଜରିମାନା

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବା ଛାତ୍ରଛାତ୍ରୀଙ୍କୁ ନୋଟିସ୍ ଦିଆଯାଇଥିବା ଏବଂ ଜବାବ ନଦେଲେ ୫୦୦ ଟଙ୍କା ଜରିମାନା ଲାଗିପାରେ ବୋଲି ଚେତାବନୀ ଦିଆଯାଇଥିବା ଅଭିଯୋଗ ଆସିଛି। କଂଗ୍ରେସ ନେତା ସୟଦ୍ ନସୀର ହୁସେନ ଏହି ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସେପ୍ଟେମ୍ବର ୧୭ରେ ଆଇଆଇଏମ୍ ଜମ୍ମୁରେ ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ 'ଦୀପକ ଲାଇଟିଂ ସେରେମୋନି' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ବାଧ୍ୟତାମୂଳକ ଥିବା ଦର୍ଶାଇ ଜଣେ ଛାତ୍ରଙ୍କୁ ଇ-ମେଲ୍ ପଠାଯାଇଥିବା ଦାବି କରି ହୁସେନ ଏହାର ସ୍କ୍ରିନ୍‌ସଟ୍ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତାଙ୍କ ଦାବି ଅନୁଯାୟୀ, କେବଳ ଚିକିତ୍ସାଜନିତ କାରଣରେ ଅନୁପସ୍ଥିତିକୁ ବିଚାର କରାଯିବ ଏବଂ ଏଥିପାଇଁ 'ସଞ୍ଜୀବନୀ'ର ଲିଖିତ ପ୍ରମାଣପତ୍ର ଆବଶ୍ୟକ ବୋଲି ନୋଟିସ୍‌ରେ ଉଲ୍ଲେଖ ଥିଲା। ଶୁକ୍ରବାର ରାତି ୧୧ଟା ୫୯ ସୁଦ୍ଧା ଜବାବ ନଦେଲେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ମଧ୍ୟ ଦାବି କରାଯାଇଛି। ତେବେ ଏହି ଅଭିଯୋଗ ନେଇ ଆଇଆଇଏମ୍ ଜମ୍ମୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍କାଳ କୌଣସି ପ୍ରତିକ୍ରିୟା ମିଳିନାହିଁ। ତେଣୁ ନୋଟିସ୍ ଓ ଜରିମାନା ସମ୍ପର୍କିତ ଦାବିର ସ୍ୱତନ୍ତ୍ର ପୁଷ୍ଟି ଏପର୍ଯ୍ୟନ୍ତ ହୋଇନାହିଁ।

■ ଆଇଆଇଏମ୍ ଜମ୍ମୁକୁ ନେଇ କଂଗ୍ରେସ ନେତାଙ୍କ ଅଭିଯୋଗ

# କାଠମାଣ୍ଡୁ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ବୈଷୟିକ ତ୍ରୁଟି ଦେଖାଦେବା ପରେ ନୂଆଦିଲ୍ଲୀରୁ କାଠମାଣ୍ଡୁ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଦିଲ୍ଲୀ ଫେରିଆସିଛି। କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରର ଜଣେ ଅଧିକାରୀ ଏହି ସୂଚନା ଦେଇଥିବା ଏଏନ୍‌ଆଇ ରିପୋର୍ଟରେ କୁହାଯାଇଛି। ଏୟାର ଇଣ୍ଡିଆର ଏଆଇ୨୧୯ ବିମାନଟି ନେପାଳ ଆକାଶସୀମାରେ ପ୍ରବେଶ କରିବାକୁ ଯାଉଥିବା ବେଳେ ବୈଷୟିକ ସମସ୍ୟା ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ବିମାନଟି ଲକ୍ଷ୍ନୌ ଉପରିସ୍ଥ ଆକାଶସୀମାରୁ ଦିଗ ପରିବର୍ତ୍ତନ କରି ଦିଲ୍ଲୀ ଫେରିଥିବା ଅଧିକାରୀ କହିଛନ୍ତି। ଏ୩୨୦-୨୧୪ ବିମାନଟି ଅପରାହ୍ନ ୨ଟା ୪୨ରେ ଦିଲ୍ଲୀରୁ ଉଡ଼ାଣ ଭରିଥିଲା। ଏହା କାଠମାଣ୍ଡୁରେ ସାଢେ ୪ଟାରେ ପହଞ୍ଚିବାର ଥିଲା। ବିମାନରେ କେତେ ଯାତ୍ରୀ ଥିଲେ, ସେ ସମ୍ପର୍କରେ ତତ୍କାଳ ସୂଚନା ମିଳିନାହିଁ। ଘଟଣା ନେଇ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବିବୃତି ଜାରି ହୋଇନାହିଁ।



# ସାଉଦି ଆରବରେ ନିଶା କାରବାର, ପଞ୍ଜାବ ଟ୍ରକ୍ ଚାଳକଙ୍କୁ ମୃତ୍ୟୁଦଣ୍ଡ

ଚଣ୍ଡିଗଡ଼, ୧୯।୯(ଏଜେନ୍ସି): ସାଉଦି ଆରବରେ ମାଦକଦ୍ରବ୍ୟ ଚୋରାଚାଲାଣ ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ପଞ୍ଜାବର ଜଣେ ଟ୍ରକ୍ ଚାଳକଙ୍କ ମୁକ୍ତି ପାଇଁ ତାଙ୍କ ପରିବାର ପଞ୍ଜାବ ସରକାର ଓ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପଠାନକୋଟ ଜିଲ୍ଲା ସୁଜାନପୁରର ବଲଜିନ୍ଦର ସିଂହ ପ୍ରାୟ ୩ ବର୍ଷ ଧରି ସାଉଦି ଆରବରେ ଜେଲ୍‌ରେ ଅଛନ୍ତି। ପରିବାର ଅନୁସାରେ, ସେ ପ୍ରାୟ ୧୦ ବର୍ଷ ଧରି ଦୁବାଇରେ ଟ୍ରକ୍ ଚାଳକ ଭାବେ କାମ କରୁଥିଲେ ଏବଂ ନିୟମିତ ଭାବେ ସାଉଦି ଆରବକୁ ସାମଗ୍ରୀ ପରିବହନ କରୁଥିଲେ। ଏକ ଯାତ୍ରା ପୂର୍ବରୁ ଦୁବାଇରେ ତାଙ୍କ ସହ କାମ କରୁଥିବା ଜଣେ ବ୍ୟକ୍ତି ଜଣେ ବୃଦ୍ଧଙ୍କ ପାଇଁ ଔଷଧ ପ୍ୟାକେଟ୍ ସାଉଦି ଆରବ ନେଇଯିବାକୁ ଦେଇଥିଲେ। ବଲଜିନ୍ଦର ପ୍ୟାକେଟ୍‌ରେ କ'ଣ ରହିଛି ଜାଣି ନଥିବା ଦାବି କରି ପ୍ୟାକେଟ୍‌ଟି ନେଇଥିଲେ। ସୀମାରେ ଟ୍ରକ୍ ଯାଞ୍ଚ ବେଳେ ପ୍ୟାକେଟ୍ ଭିତରୁ ମାଦକଦ୍ରବ୍ୟ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ସାଉଦି ଅଦାଲତ ତାଙ୍କୁ ମାଦକଦ୍ରବ୍ୟ ଚୋରାଚାଲାଣ ମାମଲାରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଦେଇଛନ୍ତି। ତେବେ ବଲଜିନ୍ଦରଙ୍କର ମାଦକଦ୍ରବ୍ୟ କିମ୍ବା କୌଣସି ବେଆଇନ କାର୍ଯ୍ୟ ସହ ସମ୍ପର୍କ ନଥିବା ଏବଂ ସେ ଅଜାଣତରେ ପ୍ୟାକେଟ୍ ନେଇଥିବା ପରିବାର ଦାବି କରିଛି। ମୃତ୍ୟୁଦଣ୍ଡ ରୋକିବା ସହ ତାଙ୍କ ମୁକ୍ତି ପାଇଁ ତୁରନ୍ତ ଆଇନଗତ ଓ କୂଟନୈତିକ ହସ୍ତକ୍ଷେପ କରିବାକୁ ପରିବାର ନିବେଦନ କରିଛି।

# ସ୍ତ୍ରୀ ଓ ୩ ଶିଶୁଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ

ଦମୋହ, ୧୯।୯(ଏଜେନ୍ସି): ପ୍ରାୟ ବର୍ଷେ ଧରି ଚାଲିଥିବା ପାରିବାରିକ ବିବାଦର ଭୟାବହ ପରିଣତି ମଧ୍ୟପ୍ରଦେଶର ଦମୋହ ଜିଲ୍ଲାରେ ଦେଖିବାକୁ ମିଳିଛି। ଶନିବାର ଭୋର ପ୍ରାୟ ୪ଟା ୩୦ରେ ଜଣେ ବ୍ୟକ୍ତି କୁରାଢ଼ିରେ ନିଜ ସ୍ତ୍ରୀ ଓ ୩ ଶିଶୁଙ୍କୁ ହତ୍ୟା କରିଥିବା ପୁଲିସ କହିଛି। ଅଭିଯୁକ୍ତ ଦ୍ୱାରକା ପଟେଲଙ୍କୁ ଘଟଣାସ୍ଥଳରୁ ପୁଲିସ ଅଟକ କରିଛି। ମୃତକମାନେ ହେଲେ ୨୭ ବର୍ଷୀୟା ଖେମା ବାଇ ଏବଂ ତାଙ୍କ ୧, ୪ ଓ ୭ ବର୍ଷର ୩ ଶିଶୁ। ଦମୋହ ଜିଲ୍ଲାର ମାଗରୋନ ଥାନା ଅଧୀନ କବୀରପୁର ଗାଁରେ ଏହି ଘଟଣା ଘଟିଛି। ଦମୋହ ଏସ୍‌ପି ଆନନ୍ଦ କାଲାଡଗିଙ୍କ ସୂଚନା ଅନୁସାରେ, ଦମ୍ପତିଙ୍କ ମଧ୍ୟରେ ପ୍ରାୟ ଏକ ବର୍ଷ ଧରି ବିବାଦ ଚାଲିଥିଲା। ଏହି ବିବାଦକୁ ନେଇ ଖେମା ବାଇ ପୂର୍ବରୁ ମାଗରୋନ ଥାନାରେ ଧାରା ୪୯୮ ଅଧୀନରେ ମାମଲା ମଧ୍ୟ କରିଥିଲେ। ଶୁକ୍ରବାର ରାତିରେ ମଧ୍ୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ମହିଳାଙ୍କ ବାପା ଗାଁକୁ ଆସି ଅଭିଯୁକ୍ତଙ୍କୁ ବୁଝାଇଥିଲେ। ପୁଲିସ କହିଛି, ରାତିରେ ଝଗଡ଼ା ପରେ ଖେମା ବାଇ ଓ ତାଙ୍କ ଶିଶୁମାନେ ଶୋଇପଡ଼ିଥିଲେ। ଭୋର ପ୍ରାୟ ୪ଟା ୩୦ରେ ଦ୍ୱାରକା କୁରାଢ଼ିରେ ସେମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସକାଳ ପ୍ରାୟ ୬ଟାରେ ପୁଲିସକୁ ଘଟଣା ସମ୍ପର୍କରେ ଖବର ମିଳିଥିଲା। ଡାଏଲ୍-୧୧୨ ଟିମ୍ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ମାଗରୋନ ଥାନା ପୁଲିସ ଓ ଏସ୍‌ପି ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତ ଘର ବାହାରେ କୁରାଢ଼ି ଧରି ବସିଥିବା ବେଳେ ତାଙ୍କୁ ଅଟକ କରାଯାଇଥିବା ପୁଲିସ କହିଛି।

# ଟ୍ରମ୍ପଙ୍କ ଦଖଲରେ ଗ୍ରୀନ୍‌ଲାଣ୍ଡ

## 'ସ୍ଥାୟୀ ନିୟନ୍ତ୍ରଣ' ନେଇ ଆମେରିକା-ଡେନମାର୍କ ଚୁକ୍ତି



ୱାସିଂଟନ, ୧୯।୯(ଏଜେନ୍ସି): ଗ୍ରୀନଲ୍ୟାଣ୍ଡ ଉପରେ ଏବେ ଆମେରିକାର ସ୍ଥାୟୀ ନିୟନ୍ତ୍ରଣ ରହିବ। ଗ୍ରୀନ୍‌ଲାଣ୍ଡର ସୁରକ୍ଷା ଓ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଆବଶ୍ୟକତା ଉପରେ ଆମେରିକାକୁ 'ସ୍ଥାୟୀ ନିୟନ୍ତ୍ରଣ' ଦେବା ଭଳି ଏକ ଚୁକ୍ତି ଡେନମାର୍କ ଓ ଗ୍ରୀନଲ୍ୟାଣ୍ଡ ସହ ହୋଇଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ସେ ଏହାକୁ 'ଇନ୍‌ଫିନିଟ୍ ଲାଇଫ୍' ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି। ଟ୍ରମ୍ପ ଶୁକ୍ରବାର 'ଟ୍ରୁଥ୍ ସୋସିଆଲ'ରେ ଏହି ଘୋଷଣା କରି କହିଛନ୍ତି ଯେ, ଏହି ଚୁକ୍ତି ଆମେରିକାର ଗ୍ରୀନଲ୍ୟାଣ୍ଡ ସମ୍ପର୍କିତ ସୁରକ୍ଷା ଚିନ୍ତାକୁ ସମାଧାନ କରିଛି। ଏଥିପାଇଁ ଆମେରିକାକୁ କୌଣସି ଖର୍ଚ୍ଚ ବହନ କରିବାକୁ ପଡ଼ିବ ନାହିଁ ବୋଲି ମଧ୍ୟ ସେ ଦାବି କରିଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଏହି ବ୍ୟବସ୍ଥା ଅଧୀନରେ ଗ୍ରୀନଲ୍ୟାଣ୍ଡର ସୁରକ୍ଷା ଓ ଆମେରିକାର ସୁରକ୍ଷା ପାଇଁ ଆବଶ୍ୟକ ଯେକୌଣସି ପଦକ୍ଷେପ ନେବାର କ୍ଷମତା ଆମେରିକା ପାଖରେ ରହିବ। ଏଥିସହ ଆମେରିକାର ଅନୁମତି ବିନା ଏହାର କୌଣସି ପ୍ରତିଦ୍ୱନ୍ଦ୍ୱୀ ଦେଶ ଗ୍ରୀନଲ୍ୟାଣ୍ଡରେ ସାମରିକ ଘାଟି ସ୍ଥାପନ, ସାମରିକ ଉପସ୍ଥିତି କିମ୍ବା ସମ୍ବେଦନଶୀଳ କ୍ଷେତ୍ରରେ ନିବେଶ କରିପାରିବ ନାହିଁ ବୋଲି ସେ କହିଛନ୍ତି। ଏହି ଚୁକ୍ତିର କୌଣସି ସମୟସୀମା ନଥିବା ଦାବି କରି ଟ୍ରମ୍ପ ଏହାକୁ 'ଇନ୍‌ଫିନିଟ୍ ଲାଇଫ୍' ଚୁକ୍ତିର ନାମ ଦେଇଛନ୍ତି। ଏଥିସହ ଗ୍ରୀନଲ୍ୟାଣ୍ଡରେ ଆମେରିକାର ବଡ଼ ସାମରିକ ଉପସ୍ଥିତି ବିକଶିତ କରିବା ପ୍ରକ୍ରିୟା ତୁରନ୍ତ ଆରମ୍ଭ ହେବ ବୋଲି ସେ ଘୋଷଣା କରିଛନ୍ତି। ଗ୍ରୀନଲ୍ୟାଣ୍ଡ ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ। ଉତ୍ତର ଆମେରିକା ଓ ୟୁରୋପ ମଧ୍ୟରେ ଏହାର ଭୌଗୋଳିକ ଅବସ୍ଥିତି ଏବଂ ଆର୍କଟିକ୍ ଓ ଉତ୍ତର ଆଟଲାଣ୍ଟିକ୍ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ମାର୍ଗ ନିକଟରେ ଥିବାରୁ ଏହାର ରଣନୈତିକ ଗୁରୁତ୍ୱ ରହିଛି। ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ନେଇ ଟ୍ରମ୍ପ ପୂର୍ବରୁ ମଧ୍ୟ ମତ ପ୍ରକାଶ କରିଆସିଛନ୍ତି। ଆର୍କଟିକ୍ ଅଞ୍ଚଳରେ ରୁଷିଆ ଓ ଚୀନ୍‌ର ବଢୁଥିବା ଉପସ୍ଥିତିକୁ ଦୃଷ୍ଟିରେ ରଖି ସେ ଗ୍ରୀନଲ୍ୟାଣ୍ଡର ରଣନୈତିକ ଗୁରୁତ୍ୱ ଉପରେ ଜୋର୍ ଦେଇଛନ୍ତି। ତେବେ ଟ୍ରମ୍ପ ଘୋଷଣା କରିଥିବା ଚୁକ୍ତିର ସଠିକ୍ ସର୍ତ୍ତାବଳୀ ଓ ଆଇନଗତ ପରିସର ତୁରନ୍ତ ସାର୍ବଜନୀନ କରାଯାଇନାହିଁ। ଅନ୍ୟପକ୍ଷରେ, ସେପ୍ଟେମ୍ବର ୭ରେ ୟୁରୋପୀୟ ସଂଘ, ଡେନମାର୍କ ଓ ଗ୍ରୀନଲ୍ୟାଣ୍ଡ ମଧ୍ୟରେ ସହଯୋଗ ମଜଭୁତ କରିବା ନେଇ ଏକ ମିଳିତ ଘୋଷଣାନାମା ସ୍ୱାକ୍ଷର ହୋଇଥିଲା। ସେପଟେ ପ୍ରସ୍ତାବିତ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନ। ଏହି ଚୁକ୍ତି 'ନାଟୋ ଓ ୟୁରୋପ ପାଇଁ ଭଲ' ବୋଲି ସେ କହିଛନ୍ତି। ଆସନ୍ତା ସପ୍ତାହରେ ଜାତିସଂଘ ସାଧାରଣ ସଭା ଅବସରରେ ଏହା ସ୍ୱାକ୍ଷର ହେବାର ଆଶା ରହିଛି। ଫ୍ରେଡେରିକସେନଙ୍କ କହିବାନୁସାରେ, ଚୁକ୍ତି ଆର୍କଟିକ୍ ଓ ଉତ୍ତର ଆଟଲାଣ୍ଟିକ୍ ଅଞ୍ଚଳରେ ସାମୂହିକ ସୁରକ୍ଷାକୁ ମଜବୁତ କରିବ।

# ହ୍ୱାଇଟ୍‌ହାଉସ୍‌ରେ ସିଏନ୍‌ଏନ୍ ଉପରେ କଟକଣା

ୱାସିଂଟନ, ୧୯।୯(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଏନ୍‌ଏନ୍, ଏମ୍‌ଏସ୍‌ନାଓ ଓ ପଲିଟିକୋକୁ ହ୍ୱାଇଟ୍ ହାଉସ୍‌ରୁ ବାରଣ କରିଛନ୍ତି। ଏହି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଲଗାତାର 'ମିଥ୍ୟା ଖବର' ପ୍ରସାରଣ କରୁଥିବା ଅଭିଯୋଗ କରି ଟ୍ରମ୍ପ ଶୁକ୍ରବାର ଏହି ପଦକ୍ଷେପ ଘୋଷଣା କରିଛନ୍ତି। ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଏହି କଟକଣା ତୁରନ୍ତ ଲାଗୁ ହେବ ବୋଲି କହିବା ସହ ଆଗକୁ ଆହୁରି କିଛି ଗଣମାଧ୍ୟମ ସଂସ୍ଥା ଉପରେ ଏଭଳି ପଦକ୍ଷେପ ନିଆଯାଇପାରେ ବୋଲି ସଙ୍କେତ ଦେଇଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଗଣମାଧ୍ୟମ ସହ ତାଙ୍କର ଦୀର୍ଘଦିନର ବିବାଦକୁ ପୁଣି ସାମ୍ନାକୁ ଆଣିଛି। ୨୦୨୫ ଫେବୃଆରିରେ ମଧ୍ୟ ସେ ଆସୋସିଏଟେଡ୍ ପ୍ରେସ୍‌ର ସାମ୍ବାଦିକମାନଙ୍କୁ ଓଭାଲ୍ ଅଫିସ୍, ଏୟାର ଫୋର୍ସ ୱାନ୍ ଓ କିଛି କାର୍ଯ୍ୟକ୍ରମରେ ପ୍ରବେଶରୁ ବାରଣ କରିଥିଲେ। ସିଏନ୍‌ଏନ୍, ଏମ୍‌ଏସ୍ ନାଓ ଓ ପଲିଟିକୋ ଟ୍ରମ୍ପ ପ୍ରଶାସନର ନୀତି ଓ ନିଷ୍ପତ୍ତି ଉପରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ କରୁଛନ୍ତି। ଟ୍ରମ୍ପ ଦୀର୍ଘଦିନ ଧରି ବିଭିନ୍ନ ଗଣମାଧ୍ୟମକୁ ତାଙ୍କ ବିରୋଧରେ ପକ୍ଷପାତପୂର୍ଣ୍ଣ ଖବର ପ୍ରକାଶ କରୁଥିବା ଅଭିଯୋଗ କରିଆସିଛନ୍ତି। ଏହା ପୂର୍ବରୁ ଏପି ଏହି ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା ଦାୟର କରିଥିଲା।

# ଜାଲ୍ ପରିଚୟପତ୍ରରେ ନୌସେନାରେ ଚାକିରି, ବାଂଲାଦେଶୀ ଗିରଫ

କନ୍ନୁର, ୧୯।୯(ଏଜେନ୍ସି): କେରଳର ଏଝିମାଲାସ୍ଥିତ ସମ୍ବେଦନଶୀଳ ନୌସେନା ଏକାଡେମିରେ ଜାଲ୍ ଦସ୍ତାବିଜ ଜରିଆରେ ଭାରତୀୟ ନାଗରିକ ପରିଚୟ ଦେଇ କାମ କରୁଥିବା ଜଣେ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିଙ୍କୁ ୩୨ ବର୍ଷୀୟ ବିପ୍ଳବ ସୋରେନ୍ ବୋଲି ଚିହ୍ନଟ କରାଯାଇଛି। ସୋରେନ୍ ପ୍ରାୟ ଏକ ବର୍ଷ ଧରି ଏକାଡେମିର ଲଣ୍ଡ୍ରି ବିଭାଗରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ। ତାଙ୍କ ନାଗରିକତା ନେଇ ସନ୍ଦେହ ହେବା ପରେ ତାଙ୍କ ଉପରେ ନଜର ରଖିଥିଲେ। ପରେ ତାଙ୍କୁ ଅଟକାଇ ପଚରାଉଚରା କରାଯାଇଥିଲା। ଘଟଣାର କୌଣସି ବ୍ୟାପକ ସୁରକ୍ଷାଗତ ପ୍ରଭାବ ରହିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଉଛି।



# ରିୟାଦ ବିମାନବନ୍ଦର ନିକଟରେ ଧୂଆଁ

ରିୟାଦ, ୧୯।୯(ଏଜେନ୍ସି): ସାଉଦି ଆରବର ରାଜଧାନୀ ରିୟାଦର ଆନ୍ତର୍ଜାତିକ ବିମାନବନ୍ଦର ନିକଟରେ ଶନିବାର ଧୂଆଁ ଓ ନିଆଁ ଦେଖାଯାଇଥିବା ନେଇ ରିପୋର୍ଟ ଆସିଛି। ଏହା ସହିତ ବିମାନ ଚଳାଚଳରେ ବ୍ୟାପକ ତ୍ରୁଟି ଓ ବାଧା ଦେଖାଦେଇଥିବା ବେଳେ ଅନେକ ବିମାନ ବାତିଲ ହୋଇଥିବା ଜଣାପଡ଼ିଛି। ଏଏଫ୍‌ପି ଓ ରଏଟର୍ସ ରିପୋର୍ଟ ଅନୁସାରେ, ବିମାନବନ୍ଦର ଦିଗରେ କଳା ଧୂଆଁ ଓ ନିଆଁ ଦେଖିଥିବା କହିଛନ୍ତି ସ୍ଥାନୀୟବାସିନ୍ଦା। ତେବେ ଏହି ଘଟଣାର କାରଣ ସମ୍ପର୍କରେ ସଙ୍ଗେ ସଙ୍ଗେ ସ୍ପଷ୍ଟ ସୂଚନା ମିଳିନାହିଁ। ବିମାନ ଚଳାଚଳ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍‌ରାଡାର୨୪ର ତଥ୍ୟ ଅନୁଯାୟୀ, ରିୟାଦ ବିମାନବନ୍ଦରରେ ଆଗମନ ଓ ପ୍ରସ୍ଥାନ ବିଳମ୍ବ ସୂଚକାଙ୍କ ୫ରେ ପହଞ୍ଚିଥିଲା। ଏହା ସେହି ୱେବସାଇଟ୍‌ର ପଞ୍ଚସ୍ତରୀୟ ବାଧାକ ସୂଚକାଙ୍କର ସର୍ବାଧିକ ସ୍ତର। ଏହି ସ୍ତରରେ ବିମାନ ଚଳାଚଳରେ ଗୁରୁତର ସମସ୍ୟା, ଦୀର୍ଘ ବିଳମ୍ବ ଓ ଏକାଧିକ ବିମାନ ବାତିଲ ହେବାର ସଙ୍କେତ ମିଳିଥାଏ। ଏହା ପୂର୍ବରୁ ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ମଧ୍ୟରେ ସାଉଦି ଆରବ କର୍ତ୍ତୃପକ୍ଷ ଦେଶର ବିଭିନ୍ନ ସ୍ଥାନ ସମେତ ରିୟାଦରେ 'ଶତ୍ରୁପକ୍ଷର ବାୟୁ ଆକ୍ରମଣର ଆଶଙ୍କା' ନେଇ ଚେତାବନୀ ଜାରି କରିଥିଲେ। ୟେମେନର ହୁତି ବିଦ୍ରୋହୀଙ୍କ ସହ ଚାଲିଥିବା ସାମ୍ପ୍ରତିକ ଉତ୍ତେଜନା ବୃଦ୍ଧି ପରେ ରିୟାଦରେ ଏପରି ସତର୍କ ସୂଚନା ପ୍ରଥମ ଥର ପାଇଁ ଜାରି ହୋଇଥିବା ରିପୋର୍ଟରେ କୁହାଯାଇଛି।

**ଅନେକ ବିମାନ ବାତିଲ**

# ୨.୯ କୋଟି ଟଙ୍କାର ନୋଟ୍‌ରେ ସଜାହେଲେ ଗଣେଶ



ଭଦ୍ରାଦ୍ରି କୋଠାଗୁଡ଼ମ, ୧୯।୯(ଏଜେନ୍ସି): ଗଣେଶ ପୂଜା ଅବସରରେ ତେଲେଙ୍ଗାନାର ପାଲଭାଞ୍ଚାରେ ଦୁଇଟି ଗଣେଶ ମୂର୍ତ୍ତି ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଉଭୟ ମୂର୍ତ୍ତିକୁ ମୋଟ ୨.୯ କୋଟି ଟଙ୍କା ମୂଲ୍ୟର ଭାରତୀୟ ମୁଦ୍ରା ନୋଟ୍‌ରେ ସଜାଯାଇଛି। କାପୁ ସମ୍ପ୍ରଦାୟର ସଦସ୍ୟମାନେ ଆୟୋଜନ କରିଥିବା ଗଣେଶ ମୂର୍ତ୍ତିକୁ ପ୍ରାୟ ୧.୪ କୋଟି ଟଙ୍କାର ନୋଟ୍‌ରେ ସଜାଯାଇଥିବା ବେଳେ 'ଟିମ୍ ଏକଦନ୍ତ' ପକ୍ଷରୁ ଅନ୍ୟ ଏକ ସ୍ଥାନରେ ୧.୫ କୋଟି ଟଙ୍କାର ନୋଟ୍ ବ୍ୟବହାର କରାଯାଇଛି। ୧୦, ୨୦, ୧୦୦, ୨୦୦ ଓ ୫୦୦ ଟଙ୍କିଆ ନୋଟ୍‌ରେ ମୂର୍ତ୍ତି ଓ ପୂଜାମଣ୍ଡପ ସଜାଯାଇଥିଲା। ଏପରିକି ଗୋଟିଏ ମୂର୍ତ୍ତିର ମାଳ ଓ ମୁକୁଟ ମଧ୍ୟ ନୋଟ୍‌ରେ ତିଆରି କରାଯାଇଥିଲା। ଏହି ଅଭିନବ ସାଜସଜ୍ଜା ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଆୟୋଜକଙ୍କ କହିବା ଅନୁଯାୟୀ, ସ୍ଥାନୀୟ ବ୍ୟବସାୟୀଙ୍କ ଅବଦାନରେ ଏହି ନୋଟ୍‌ଗୁଡ଼ିକ ସଂଗ୍ରହ କରାଯାଇଥିଲା। ବ୍ୟାଙ୍କଗୁଡ଼ିକ ମଧ୍ୟ ନୂଆ ନୋଟ୍ ଯୋଗାଇଥିଲେ। ପାଲଭାଞ୍ଚାରେ ଏଭଳି ନୋଟ୍‌ରେ ଗଣେଶ ପୂଜାମଣ୍ଡପ ସଜାଇବାର ପରମ୍ପରା ନୂଆ ନୁହେଁ। ୨୦୨୪ରେ ୧.୧ କୋଟି ଟଙ୍କା ଓ ୨୦୨୩ରେ ପ୍ରାୟ ୧ କୋଟି ଟଙ୍କାର ନୋଟ୍‌ରେ ଗଣେଶ ମଣ୍ଡପ ସଜାଯାଇଥିବା ରିପୋର୍ଟରେ କୁହାଯାଇଛି।

■ ତେଲେଙ୍ଗାନାରେ ଆକର୍ଷଣ ପାଲଟିଲା ପୂଜାମଣ୍ଡପ

# ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନରେ ଏବିଭିପିର ବାଜିମାତ୍



ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂଘ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ୪ଟି କେନ୍ଦ୍ରୀୟ ପଦ ମଧ୍ୟରୁ ୩ଟି ଦଖଲ କରିଛି। ରାଷ୍ଟ୍ରୀୟ ଛାତ୍ର ସଂଗଠନ-ଭାରତର ପ୍ରାର୍ଥୀଙ୍କୁ ପଛରେ ପକାଇ ଏବିଭିପିର ଯଶ ଦାବାସ ସଭାପତି ନିର୍ବାଚିତ ହୋଇଛନ୍ତି। ଯଶ ଦାବାସ ୨୪,୫୭୬ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜୟ ଶଙ୍କର ମୀଣା ୨୨,୫୨୩ ଭୋଟ ପାଇଛନ୍ତି। ଏବିଭିପିର ରିୟା ଛାବଡ଼ି ୨୧,୬୫୦ ଭୋଟ ସହ ସଚିବ ଏବଂ ଲକ୍ଷ୍ୟ ରାଜ ସିଂହ ୧୬,୬୧୫ ଭୋଟ ସହ ଯୁଗ୍ମ ସଚିବ ପଦ ଜିତିଛନ୍ତି। ଉପସଭାପତି ପଦରେ ତେବେ ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ଏନ୍‌ଏସ୍‌ୟୁଆଇ ସଦସ୍ୟ ଦୀପାଂଶୁ ଶୋକିନ୍ ବିଜୟୀ ହୋଇଛନ୍ତି। ସେ ୩୦,୬୧୫ ଭୋଟ ପାଇଥିବାବେଳେ ଏବିଭିପିର ଇଶୁ ମୌର୍ଯ୍ୟ ୧୬,୯୧୦ ଏବଂ ଏନ୍‌ଏସ୍‌ୟୁଆଇର ବୀର ଛତ୍ରଥ ୪,୩୧୩ ଭୋଟ ପାଇଛନ୍ତି। ୨୦ ପର୍ଯ୍ୟାୟ ଭୋଟ ଗଣନା ପରେ ଫଳାଫଳ ପ୍ରକାଶ ପାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଜୟୀ ପ୍ରାର୍ଥୀ ବିଶ୍ୱବିଦ୍ୟାଳୟ ପରିସର କିମ୍ବା ବାହାରେ ବିଜୟଶୋଭାଯାତ୍ରା କରିପାରିବେ ନାହିଁ।

**୪ରୁ ୩ ପଦ ଏବିଭିପି ହାତରେ, ସ୍ୱାଧୀନ ପ୍ରାର୍ଥୀ ଉପସଭାପତି**

# ଭୋଟର ତାଲିକାରୁ ନାମ କାଟିବା ପାଇଁ ୧୬ ଲକ୍ଷ ଆବେଦନ କରିଛି କିଏ?

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସଆଇଆର) ଶେଷ ହୋଇଛି। ଚୂଡ଼ାନ୍ତ ତାଲିକାରୁ ୬୦ ଲକ୍ଷରୁ ଅଧିକ ଭୋଟର ବାଦ ପଡ଼ିଛନ୍ତି। ବାଦ୍ ପଡ଼ିଥିବା ଭୋଟରମାନେ ସେମାନଙ୍କର ନାମ ଯୋଡ଼ିବା ଲାଗି ଟ୍ରିବ୍ୟୁନାଲରେ ଆବେଦନ କରିଛନ୍ତି। ଏହି ମାମଲା ଏବେ ଟ୍ରିବ୍ୟୁନାଲରେ ଚାଲିଥିବା ବେଳେ ବେଳେ ଭୋଟର ତାଲିକାକୁ ନେଇ ଯେଉଁ ନୂଆ ତଥ୍ୟ ଆସିଛି, ତାହା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ତଥ୍ୟଟି ହେଲା ଭୋଟରଙ୍କ ନାମ କାଟିବା ଲାଗି ୧୬ ଲକ୍ଷ ୧୦ ହଜାର ଆବେଦନ ପଡ଼ିଛି। ତେବେ ଏହି ଆବେଦନ କିଏ ଓ କେଉଁ ଉଦ୍ଦେଶ୍ୟରେ କରିଛି ତାହା ଜଣାପଡ଼ି ନାହିଁ। ନିର୍ବାଚନ କମିସନ ଆଜି ସୁପ୍ରିମକୋର୍ଟରେ ଏହା ସ୍ୱୀକାର କରିଛନ୍ତି।



ଆଜି ମାମଲାର ଶୁଣାଣି ବେଳେ କମିସନଙ୍କ ପକ୍ଷରୁ କୁହାଯାଇଥିଲା ଯେ ବାଦ୍ ପଡ଼ିଥିବା ୨୭.୧୬ ଲକ୍ଷ ଭୋଟରଙ୍କ ମଧ୍ୟରୁ ୨୨.୨୧ ଲକ୍ଷ ଜଣ ନିଜ ନାମ ପୁନଃ ସାମିଲ କରିବାକୁ ଆବେଦନ କରିଛନ୍ତି। ତୃଣମୂଳ କଂଗ୍ରେସ ସାଂସଦ ଡେରେକ୍ ଓ'ବ୍ରାଏନଙ୍କ ଆବେଦନର ଜବାବରେ କମିସନ କହିଛନ୍ତି ଯେ, ଭୋଟର ତାଲିକାରେ ନାମ ସାମିଲ ଓ ବାଦ୍ ପଡ଼ିବାକୁ ନେଇ ମୋଟ ୩୮.୩୧ ଲକ୍ଷ ଆବେଦନ ଏବେ ଅପିଲ୍ ଟ୍ରିବ୍ୟୁନାଲଗୁଡ଼ିକରେ ବିଚାରାଧୀନ ରହିଛି। ଏଥିରୁ ୨୨.୨୧ ଲକ୍ଷ ଆବେଦନ ବାଦ୍ ପଡ଼ିଥିବା ଭୋଟରମାନେ ନିଜ ନାମ ଭୋଟର ତାଲିକାରେ ପୁଣି ସାମିଲ କରିବା ପାଇଁ କରିଛନ୍ତି। ଅର୍ଥାତ୍, ବାଦ୍ ପଡ଼ିଥିବା ୨୭.୧୬ ଲକ୍ଷ ଭୋଟରଙ୍କ ପ୍ରାୟ ୮୨ ପ୍ରତିଶତ ନିଜ ବାଦ୍ ପଡ଼ିବା ବିରୋଧରେ ଆପତ୍ତି ଦାଖଲ କରିଛନ୍ତି। ଅନ୍ୟପକ୍ଷରେ, ଏଭଳି ୧୬.୧୦ ଲକ୍ଷ ଆବେଦନ ହୋଇଛି ଯାହାକି ଭୋଟର ତାଲିକାରେ ସାମିଲ ହୋଇଥିବା ନାମ ବିରୋଧରେ ରହିଛି। ଭୋଟର ତାଲିକାରେ ସ୍ଥାନ ପାଇଥିବା ନାମକୁ କାଟିବା ଲାଗି ଅନ୍ୟମାନେ ଆବେଦନ କରିଛନ୍ତି। ଏହି ଆବେଦନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସମ୍ପୃକ୍ତ ଭୋଟରଙ୍କ ନାମ ତାଲିକାରୁ ବାଦ ଦେବା। ତେବେ ଏହି ଆବେଦନଗୁଡ଼ିକ କିଏ ଦାଖଲ କରିଛନ୍ତି, ସେ ସମ୍ପର୍କରେ କମିସନ ସ୍ପଷ୍ଟ କରିନାହାନ୍ତି। ତେବେ ଅଯୋଗ୍ୟ ବୋଲି ସନ୍ଦେହ ଥିବା କୌଣସି ବ୍ୟକ୍ତିଙ୍କ ନାମ ବାଦ ଦେବା ପାଇଁ ଭୋଟର କିମ୍ବା ନିର୍ବାଚନ ଅଧିକାରୀ ଆବେଦନ କରିପାରିବେ ବୋଲି କମିସନ କହିଛି।

ଝାଡ଼ଖଣ୍ଡରେ ମଧ୍ୟ ଏଭଳି ଚିତ୍ର ସାମନାକୁ ଆସିଛି। ଭୋଟରଙ୍କ ନାମ କାଟିବା ଲାଗି କେତେକ ଲୋକ ଫର୍ମ-୭ ବ୍ୟବହାର କରୁଛନ୍ତି। ଗୋଡ୍ଡା ଜିଲ୍ଲାରେ ଏଭଳି ଜାଲିଆତି କରୁଥିବା ଅଭିଯୋଗରେ କେତେକ ଲୋକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଅନେକ ବିଜେପି କର୍ମକର୍ତ୍ତା ଥିବା ଜଣାପଡ଼ିଛି। ରାଜ୍ୟ ସରକାର ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛନ୍ତି। ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ନାମ କାଟିବା ଲାଗି ସେମାନେ ଫର୍ମ୭ ଜରିଆରେ ଆବେଦନ କରିବା ସହିତ ଏଥିରେ ଦସ୍ତଖତ କରିବା ଲାଗି ବିଏଲଓମାନଙ୍କ ଉପରେ ଚାପ ପକାଉଥିଲେ। ବିଏଲଓମାନେ ଅଭିଯୋଗ କରିବା ପରେ ଏହି ଜାଲିଆତି ସାମନାକୁ ଆସିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-87 ◆SUNDAY ◆20 SEPTEMBER 2026 ◆PAGE-12+4 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୮୭ ◆ରବିବାର ◆୨୦ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦




**ଏସିଆନ୍ ଗେମ୍ସ ଧ୍ୱଜା ଧରିଲେ ମନୁ-ପୱନ**

▶ପୃଷ୍ଠା ୧୨ ଦେଖନ୍ତୁ...

# ତୀର୍ଥଯାତ୍ରା ହେଲା ଶେଷଯାତ୍ରା

## ଓଡ଼ିଶାର ୭ ମୃତ





### ମଧ୍ୟପ୍ରଦେଶରେ ନାଳ ପାରିହେବା ବେଳେ ପ୍ରଖର ସ୍ରୋତରେ ଭାସିଗଲା କାର୍

■ ଭୁବନେଶ୍ୱର, ୧୯।୯ (ସମିସ): ହସଖୁସିରେ ଆରମ୍ଭ ହୋଇଥିବା ତୀର୍ଥଯାତ୍ରା ପାଲଟି ଯାଇଛି ଶେଷ ଯାତ୍ରା। ନାଳରେ କାର୍ ଭାସି ଯିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ଆଗର ମାଲ୍‌ୱା ଜିଲ୍ଲା ନଲଖେଡ଼ାସ୍ଥିତ ଲଖୁନ୍ଦର ନଦୀ ସଂଲଗ୍ନ ଥିବା ଏକ ନାଳରେ ଏଭଳି ଛାତିଥରା ଅଘଟଣ ଘଟିଛି। ଦୁର୍ଘଟଣାରେ ଓଡ଼ିଶାର ଗୋଟିଏ ପରିବାରର ୩ ଶିଶୁଙ୍କ ସମେତ ୭ ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ରାଜଧାନୀ ଭୁବନେଶ୍ୱରର ଜୟଦେବ ବିହାର ଆତ୍ମାରାମ୍ ବସ୍ତିର ଶିବପ୍ରସାଦ ବେହେରା, ତାଙ୍କ ପୁଅ କ୍ରିଷ୍ଣା ରାଜବୀର, ଝିଅ ସାଇରା ସ୍ୱୟଂପ୍ରଭା, ଶିବଙ୍କ ଭିଣୋଇ ଜ୍ଞାନେନ୍ଦ୍ର ବେହେରା, ଭଉଣୀ ରିତାରାଣୀ ବେହେରା, ଭଣଜା ବି ସାଇ ସ୍ୱସ୍ତିକ୍ ଓ ଅବିବାହିତ ଭଉଣୀ ରାଧାରାଣୀ ବେହେରା। ଦୁର୍ଘଟଣାରେ କାର୍ ଚାଳକ ଶ୍ୟାମସୁନ୍ଦର ମଧ୍ୟ ପ୍ରାଣ ହରାଇଛନ୍ତି। ଶନିବାର ଅପରାହ୍ଣରେ ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଭୁବନେଶ୍ୱରକୁ କୌଣସି ବିମାନ ନ ଥିବାରୁ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଅଣାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ଓଏସ୍‌ଡି ପ୍ରୀତୀଶ ପଣ୍ଡା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶିବପ୍ରସାଦ ତାଙ୍କ ପୁଅଝିଅ, ଦୁଇ ଭଉଣୀ, ଭିଣୋଇ ଓ ▶ପୃଷ୍ଠା-୧୦

### ଶୋକ ବ୍ୟକ୍ତ କଲେ ମୋହନ, ନବୀନ, ବିଜେଡି ସଂସଦୀୟ ଦଳ ନେତା

■ ଭୁବନେଶ୍ୱର, ୧୯।୯ (ସମିସ): ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲା ନଲଖେଡ଼ାସ୍ଥିତ ଦୁର୍ଘଟଣାରେ ଓଡ଼ିଆ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କହିଛନ୍ତି, ମଧ୍ୟପ୍ରଦେଶରେ ଏକ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକ ପ୍ରାଣ ହରାଇବା ଖବର ଶୁଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏପରି ଦୁଃଖଦ ମୁହୂର୍ତ୍ତରେ ରାଜ୍ୟ ସରକାର ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେହିପରି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣା ଶୋକ ବ୍ୟକ୍ତ କରିଛନ୍ତି। ମଧ୍ୟପ୍ରଦେଶରେ ଘଟିଥିବା ମର୍ମନ୍ତୁଦ ▶ପୃଷ୍ଠା-୧୦

## ଭୋଟର ତାଲିକାରୁ ମୋ ନାଁ କାଟିବାକୁ ଷଡ଼ଯନ୍ତ୍ର: ସୁବ୍ରମଣ୍ୟମ



**କେଜ୍ରିୱାଲ ପରିବାରକୁ ଏସ୍‌ଆଇଆର୍ ନୋଟିସ୍**

■ ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଭୋଟର ତାଲିକାରୁ ତାଙ୍କ ନାମ କାଟିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ଏଥିପାଇଁ ନିର୍ବାଚନ କମିସନ ଅଧିକାରୀଙ୍କ ଉପରେ ଚାପ ପକାଯାଉଛି ବୋଲି ଅଭିଯୋଗ କରିଛନ୍ତି ବିଜେପିର ପୂର୍ବତନ ନେତା ସୁବ୍ରମଣ୍ୟମ ସ୍ୱାମୀ। ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଦେଇ ସେ କହିଛନ୍ତି ଯେ ଏହି ଘଟଣା ତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସ୍ୱାମୀ କହିଛନ୍ତି, ତାଙ୍କ ନାଁ ଭୋଟର ତାଲିକାରୁ ହଟାଇବା ପାଇଁ ନିର୍ବାଚନ ଅଧିକାରୀମାନେ ଚାପରେ ଅଛନ୍ତି। ଏହି ପ୍ରସଙ୍ଗକୁ ସେ ଆଇନଗତ ଭାବେ ଉଠାଇବାକୁ ଚିନ୍ତା କରୁଛନ୍ତି। ଆବଶ୍ୟକ ପଡ଼ିଲେ ଏନେଇ ସେ ସୁପ୍ରିମକୋର୍ଟରେ ମାମଲା ଦାଏର କରିପାରନ୍ତି। ତେବେ ତାଙ୍କ ନାଁ ଭୋଟର ତାଲିକାରୁ ହଟାଇବା ସମ୍ପର୍କରେ ନିର୍ବାଚନ କମିସନ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

ଅନ୍ୟପକ୍ଷରେ ଦିଲ୍ଲୀର ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଆମ୍ ଆଦମୀ ପାର୍ଟି (ଆପ୍)ର ଜାତୀୟ ଆବାହକ ତଥା ପୂର୍ବତନ ▶ପୃଷ୍ଠା-୧୦

## ଆଣ୍ଡାମାନ ସାଗରରେ ସୃଷ୍ଟି ହେଲା ଲଘୁଚାପ

# ୨୨ରୁ ୪ ଦିନ ପ୍ରବଳ ବର୍ଷା



**୨୨ରେ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା**

**ବାତ୍ୟା ନେଇ ଆଇଏମ୍‌ଡି ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ନାହିଁ**

■ ଭୁବନେଶ୍ୱର, ୧୯।୯ (ସମିସ): ଉତ୍ତର ଆଣ୍ଡାମାନ ସାଗର ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗତିକରି ଆହୁରି ଘନୀଭୂତ ହୋଇ ୨୧ରେ ପୂର୍ବକେନ୍ଦ୍ରୀୟରେ ଏକ ଅବପାତ ଏବଂ ୨୨ରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଗଭୀର ଅବପାତ ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ ପ୍ରକାଶ କରାଯାଇଛି। ତେବେ ଏହି ଲଘୁଚାପଟି ବାତ୍ୟାର ରୂପ ନେବ କି ନାହିଁ, ସେନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଏଯାବତ୍ କୌଣସି ଆକଳନ କରି ନ ଥିଲେ ହେଁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି।

ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକଙ୍କ ଅନୁଯାୟୀ ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ ସୃଷ୍ଟି ହୋଇ ପୂର୍ବ-ମଧ୍ୟ ବଙ୍ଗୋପସାଗର ଆଡ଼କୁ ୨୦ ତାରିଖ ପର୍ଯ୍ୟନ୍ତ ଗତି କରିବ। ୨୧ ତାରିଖ ବେଳକୁ ଏହା ଅବପାତ ଏବଂ ୨୨ ତାରିଖ ବେଳକୁ ଏହା ଆହୁରି ଶକ୍ତିଶାଳୀ ହୋଇ ଗଭୀର ଅବପାତରେ ପରିଣତ ହୋଇପାରେ। ପୂର୍ବର କେତେକ ମଡେଲ୍ ଉତ୍ତର ଓଡ଼ିଶା–ପଶ୍ଚିମବଙ୍ଗ ଆଡ଼କୁ ଗତିପଥ ଦେଖାଉଥିଲେ। ତେବେ ବର୍ତ୍ତମାନର ଆକଳନ ଅନୁଯାୟୀ ଏହି ସିଷ୍ଟମର ସମ୍ଭାବ୍ୟ ଗତିପଥ ଦକ୍ଷିଣ ଆଡ଼କୁ ରହିପାରେ। ଏବେ ସିଷ୍ଟମ୍‌ଟି ମୁଖ୍ୟତଃ ପଶ୍ଚିମ–ଉତ୍ତରପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ର ଉପକୂଳ ଆଡ଼କୁ ଯିବାର ସମ୍ଭାବନା ଅଧିକ ଦେଖାଯାଉଛି। ତେବେ ସିଷ୍ଟମଟି ଏପର୍ଯ୍ୟନ୍ତ ସୁସ୍ପଷ୍ଟ ଅବପାତରେ ପରିଣତ ହୋଇ ନ ଥିବାରୁ ଆଗାମୀ ମଡେଲ୍ ଅପ୍‌ଡେଟ୍‌ରେ ଗତିପଥରେ ପୁଣି କିଛି ପରିବର୍ତ୍ତନ ହୋଇପାରେ। ଏହି ସିଷ୍ଟମର ପ୍ରଭାବରେ ଆସନ୍ତା ୨୨ ତାରିଖରୁ ବର୍ଷା ବଢ଼ିବା ସହ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଡ. ପଶୁପାଳକ ଆକଳନ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

## ପଶ୍ଚିମବଙ୍ଗରେ ହାଇଡ୍ରାମା

# ନାମାଙ୍କନ ପ୍ରତ୍ୟାହାର ପରେ ରେଜିନଗର ପ୍ରାର୍ଥୀଙ୍କ ୟୁଟର୍ଣ୍ଣ



**ଜେଲ୍ ଗଲେ ମମତା ସମର୍ଥିତ ନନ୍ଦିଗ୍ରାମର କଂଗ୍ରେସ ପ୍ରାର୍ଥୀ**

■ କୋଲକାତା, ୧୯।୯ (ଏଜେନ୍ସି): ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ନେଇ ପଶ୍ଚିମ ବଙ୍ଗ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ରାଜ୍ୟ ବିଧାନସଭାର ନନ୍ଦିଗ୍ରାମ ଏବଂ ରେଜିନଗର ଆସନ ଉପନର୍ବାଚନ ପାଇଁ ମନୋନୟନପତ୍ର ଦାଖଲ ହେବା ଦିନ ଠାରୁ ମମତାଙ୍କୁ ହରାଇବା ଲାଗି ଯେମିତି ଗୋଟିଏ ଚକ୍ରବ୍ୟୂହର ରଚନା କରାଯାଇଛି। ବିଧାନସଭା ନିର୍ବାଚନ ପରେ ଦୁଇ ଭାଗ ହୋଇଯାଇଥିବା ଦଳ ଉପନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ମମତାଙ୍କୁ ଦିଆଯାଉଛି ଝଟକା ପରେ ଝଟକା। ପ୍ରଥମେ ତାଙ୍କ ଦଳର ନାମ ଓ ଚିହ୍ନ ବ୍ୟବହାର ଉପରେ ରୋକ୍ ଲଗାଯାଇଥିବା ବେଳେ ଗତକାଲି ନନ୍ଦିଗ୍ରାମରେ ତାଙ୍କ ଦଳର ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନାମାଙ୍କନ ପ୍ରତ୍ୟାହାର କରିନେଇଥିଲେ। ଝଟକା ଖାଇବା ପରେ ମମତା ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ତାଙ୍କର ସମର୍ଥନ ଘୋଷଣା କରିଥିଲେ। ଏହାର କିଛି ସମୟ ମଧ୍ୟରେ ଏକ ପୁରୁଣା ମାମଲାରେ କଂଗ୍ରେସ ପ୍ରାର୍ଥୀ ମିଳନଙ୍କୁ ଗିରଫ କରାଯାଇଥିଲା। ଆଜି କୋର୍ଟରେ ହାଜର କରାଯିବା ପରେ ତାଙ୍କ ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଇ ଦିଆଯାଇଛି। ▶ପୃଷ୍ଠା-୧୦

## ପରୀକ୍ଷାରେ ଚାଟ୍‌ଜିପିଟି ବ୍ୟବହାର

### ଧରାପଡ଼ି ଆତ୍ମହତ୍ୟା କଲେ ଆଇଆଇଟି ଛାତ୍ର

■ ମୁମ୍ବାଇ, ୧୯।୯ (ଏଜେନ୍ସି): ପରୀକ୍ଷା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିଥିବା ଅଭିଯୋଗ ପରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ବମ୍ବେର ଦ୍ୱିତୀୟ ବର୍ଷର ଛାତ୍ର ସାହିଲ ୱାକୋଡେଙ୍କ ମୃତ୍ୟୁ ଘଟିଛି। ଗତ ୭ ମାସରେ ଏଥିସହ ୩ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ପୱାଇ କ୍ୟାମ୍ପସରେ ଛାତ୍ରମାନେ ବିକ୍ଷୋଭ କରିଛନ୍ତି। ୪୦୦ରୁ ଅଧିକ ଛାତ୍ରଛାତ୍ରୀ ପରିସରରେ ବିକ୍ଷୋଭ କରି ପ୍ରଶାସନଠାରୁ ଦାୟିତ୍ୱବୋଧ ଓ ସ୍ୱଚ୍ଛତା ଦାବି କରିଛନ୍ତି। ଆଇଆଇଟି ବମ୍ବେ ପକ୍ଷରୁ କୁହାଯାଇଛି, ଏନର୍ଜି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଛାତ୍ର ୱାକୋଡେ ପରୀକ୍ଷା ପ୍ରଶ୍ନପତ୍ରର ଫଟୋ ଚାଟ୍‌ଜିପିଟିରେ ଅପଲୋଡ୍ କରି ଉତ୍ତର ଖୋଜୁଥିବା ଜଣାପଡ଼ିଥିଲା। ତେବେ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ ପଦକ୍ଷେପ ନିଆଯାଇ ନଥିବା ଏବଂ ବିଭାଗୀୟ ▶ପୃଷ୍ଠା-୧୦

## 'ବିକ୍ରମଦେବ'ରେ ପ୍ରଶ୍ନପତ୍ର ଲିକ୍

### ଇଂରାଜୀ ପରୀକ୍ଷା ବାତିଲ୍; ସାଇବର ଥାନାରେ ମାମଲା

■ ଜୟପୁର, ୧୯।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ନାତକ ୨ୟ ବର୍ଷର ୨ୟ ସେମିଷ୍ଟାରର ଇଂରାଜୀ ପ୍ରଶ୍ନପତ୍ର ଲିକ୍ ହୋଇଛି। ଏହି ଖବର ପଦାକୁ ଆସିବା ପରେ ପରୀକ୍ଷା ବାତିଲ ହୋଇଛି। ଏ ନେଇ ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପ୍ରଶ୍ନପତ୍ର ଲିକ୍ ପଦାକୁ ଆସିବା ପରେ ବିଜୁ ଜନତା ଦଳ ପକ୍ଷରୁ ଏହାର ଜୁଡିସିଆଲ ତଦନ୍ତ ଦାବି କରାଯାଇଛି।

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ସ୍ନାତକର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୨ୟ ବର୍ଷର ୨ୟ ସେମିଷ୍ଟାରର ଇଂରାଜୀ ବିଷୟର (ଏଇସି୧.୨) ତଥା ବାଧ୍ୟତାମୂଳକ ଇଂରାଜୀ ପ୍ରଶ୍ନପତ୍ର ଲିକ୍ ହୋଇଥିବା ସୂଚନା ଦେଇଛନ୍ତି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ। ଏହି ▶ପୃଷ୍ଠା-୧୦

## ଓଲଟ ପାଲଟ



ଘର ବାପା ବୃଦ୍ଧାଶ୍ରମରେ କାନ୍ଦଇ
ନିଜ ପୁଅ କଥା ଭାଳି,
ପର ବାପା ପାଇଁ ଜନ୍ମ ଦିନରେ
ମନାସଇ ଦୀପ ଜାଳି !
ଜିଅନ୍ତାରେ ଦୀପ ଦାନ ହୁଏ ନାହିଁ
ତାରା ମାରି ଦେଲେ ଗୁଳି,
କଥା କାଟିବାକୁ ମୋହନ ଭାଇନା
ଲେଖିଦେଲେ ଶ୍ରଦ୍ଧାଞ୍ଜଳି !
ସୁଭଦ୍ରା ଭଉଣୀ ସୁଭଦ୍ରା ଟଙ୍କାରେ
କିଣିଥିଲେ ଯିଏ ଛେଳି,
ଜନ୍ମଦିନର ଶୁଭ ମନାସିଲେ
ଘରେଘରେ ଦୀପ ଜାଳି !!

-ଯାଯାବର

### ରୁଷରୁ ତେଲ କିଣା କଟକଣା ବିଲ୍‌ରେ ଟ୍ରମ୍ପଙ୍କ ସ୍ୱାକ୍ଷର

# ଭାରତ ଉପରେ ୧୦୦% ଶୁଳ୍କ



■ ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଭାରତ ସହ ସମ୍ପର୍କ ଉପରେ ପଡ଼ିବାକୁ ଥିବା ପ୍ରଭାବକୁ ଖାତିର ନ କରି ଆମେରିକା ରୁଷିଆ ସମ୍ବନ୍ଧୀୟ ଏକ ବିଲ୍‌କୁ ମଞ୍ଜୁରୀ ଦେଇଛି। ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଲିଣ୍ଡସେ ଓ ଗ୍ରାହାମ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ ୨୦୨୬ରେ ସ୍ୱାକ୍ଷର କରି ଏହାକୁ ଆଇନରେ ପରିଣତ କରିଛନ୍ତି।

ଏହି ଆଇନ ଅନୁଯାୟୀ, ରୁଷିଆଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ପର୍ଯ୍ୟନ୍ତ ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତିଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ଏହି ଆଇନ ରୁଷିଆର ଶକ୍ତି କ୍ଷେତ୍ର, ଆର୍ଥିକ ପ୍ରତିଷ୍ଠାନ, ପ୍ରତିରକ୍ଷା ନେଟୱାର୍କ ଏବଂ କଟକଣାକୁ ଏଡ଼ାଇବା ପାଇଁ ବ୍ୟବହୃତ ଉପାୟଗୁଡ଼ିକୁ ଟାର୍ଗେଟ୍ କରିଥାଏ। ହ୍ୱାଇଟ୍ ହାଉସ୍ ଅନୁଯାୟୀ, ଏହି ପଦକ୍ଷେପ ରୁଷିଆ ବିରୋଧରେ ଥିବା ବିଦ୍ୟମାନ କଟକଣାକୁ ଆହୁରି କଠୋର କରିବ।

ଏହି ବିଲ୍ ଟ୍ରମ୍ପଙ୍କୁ ରୁଷିଆର ତେଲ ଓ ଗ୍ୟାସ୍‌ର ପ୍ରମୁଖ କ୍ରେତା ଦେଶଗୁଡ଼ିକ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ପ୍ରଦାନ କରୁଛି, ଯେଉଁଥିରେ ଚୀନ୍ ଏବଂ ଭାରତ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରନ୍ତି। ଏହି ଶୁଳ୍କ ଲାଗୁର ଉଦ୍ଦେଶ୍ୟ ହେଉଛି ମସ୍କୋର ଯୁଦ୍ଧ ପ୍ରୟାସ ପାଇଁ ଆର୍ଥିକ ସହାୟତା ଯୋଗାଉଥିବା ରାଜସ୍ୱ ଉତ୍ସଗୁଡ଼ିକୁ ବନ୍ଦ କରିବା। ରିପବ୍ଲିକାନ୍ ନେତୃତ୍ୱାଧୀନ 'ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ' ବୁଧବାର ୨୭୨-୧୫୯ ଭୋଟ୍ ବ୍ୟବଧାନରେ ଏହି ବିଲ୍‌କୁ ଅନୁମୋଦନ କରିଥିଲା। ଏହି ବିଲ୍ ରୁଷିଆକୁ ସାମରିକ ସହାୟତା ପ୍ରଦାନ କରୁଥିବା କମ୍ପାନୀ ଓ ବିଦେଶୀ ସଂସ୍ଥାଗୁଡ଼ିକୁ ମଧ୍ୟ ଟାର୍ଗେଟ୍ କରେ ଏବଂ ଇରାନ ସମ୍ବନ୍ଧୀୟ କଟକଣାକୁ ସମ୍ପ୍ରସାରିତ କରେ।

# ୟୁପିଆଇ ପେମେଣ୍ଟରେ ୧୮% ଜିଏସ୍‌ଟି

### ୨୦୦୧ ଟଙ୍କା ପେମେଣ୍ଟ ଉପରେ ୯.୪୦ ଟଙ୍କା ଟିକସ ଦେବେ ବ୍ୟବସାୟୀ




■ ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଆସନ୍ତା ଅକ୍ଟୋବର ୧୫ରୁ ସାରା ଦେଶରେ ଉଚ୍ଚ-ମୂଲ୍ୟ ବିଶିଷ୍ଟ ୟୁପିଆଇ କାରବାର ଉପରେ ଏକ ନୂତନ 'ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍' (ଏମ୍‌ଡିଆର୍) ଲାଗୁ ହେବାକୁ ଯାଉଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ୨,୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ୦.୪% ଶୁଳ୍କ ଲାଗୁ ହେବ। ପ୍ରତି କାରବାର ପାଇଁ ସର୍ବାଧିକ ସୀମା ୩୦୦ ଟଙ୍କା ରହିଛି। କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାରବାର ପାଇଁ ୫ ଟଙ୍କାର ଏକ ସ୍ଥିର ଶୁଳ୍କ ରହିବ, ଯେତେବେଳେ କି ପୁଞ୍ଜିବଜାର କାରବାର ଉପରେ ୦.୦୨% ଶୁଳ୍କ ଲାଗୁ ହେବ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ଏବେ ବିରୋଧ ଜାରି ରହିଛି। ଏହି ୟୁପିଆଇ ଝଡ଼ ଥମି ନ ଥିବାବେଳେ ଏବେ ୟୁପିଆଇ ପେମେଣ୍ଟ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ଆଉ ଏକ ବିବାଦ ଆରମ୍ଭ କଲାଣି। ତାହା ହେଉଛି ୟୁପିଆଇ ପେମେଣ୍ଟରେ ଲାଗିବ ୧୮% ଜିଏସ୍‌ଟି। ତେବେ ସରକାର ସ୍ପଷ୍ଟ କରିଛନ୍ତି ଯେ ୟୁପିଆଇ ଏମ୍‌ଡିଆର୍ ଉପରେ ମଧ୍ୟ ୧୮% ଜିଏସ୍‌ଟି ଲାଗୁ ହେବ। ଏହି ଜିଏସ୍‌ଟି ବ୍ୟବସାୟୀ ପ୍ରଦାନ କରିବେ, ଯାହା ବ୍ୟାଙ୍କ ଦୋକାନୀଙ୍କଠାରୁ ଆଦାୟ କରିବ। ତେବେ, ଏହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିବ ନାହିଁ।

ସରକାର କହିଛନ୍ତି ଯେ ଜିଏସ୍‌ଟି-ପଞ୍ଜୀକୃତ ଦୋକାନୀମାନେ ଏହି ୧୮% ଟିକସକୁ 'ଇନପୁଟ୍ ଟିକସ କ୍ରେଡିଟ୍' (ଆଇଟିସି) ଭାବରେ ଦାବି କରିପାରିବେ। ଅର୍ଥାତ୍, ବ୍ୟବସାୟୀମାନେ ସରକାରଙ୍କ ନିକଟରେ ନିଜର ଟିକସ ଜମା କରିବା ସମୟରେ ଏହି ରାଶିକୁ ଆଡଜଷ୍ଟ କରିପାରିବେ, ତେଣୁ ଅଧିକାଂଶ ପଞ୍ଜୀକୃତ ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବନାହିଁ। ଉଦାହରଣ ସ୍ୱରୂପ ଜଣେ ଗ୍ରାହକ ଏକ ଦୋକାନରୁ ୨,୦୦୧ ଟଙ୍କାର ସାମଗ୍ରୀ କିଣିଲେ। ଗ୍ରାହକ ଠିକ୍ ୨,୦୦୧ ଟଙ୍କାର ୟୁପିଆଇ ପେମେଣ୍ଟ କରିବେ। ଯଦିଓ ଗ୍ରାହକଙ୍କ ଆକାଉଣ୍ଟରୁ ୨,୦୦୧ ଟଙ୍କା କଟିଯିବ, ତଥାପି ଦୋକାନୀ ସମ୍ପୂର୍ଣ୍ଣ ୨,୦୦୧ ଟଙ୍କା ପାଇବେ ନାହିଁ। ବରଂ, ପ୍ରାୟ ୯.୪୪ ଟଙ୍କା କଟିବା ପରେ ଦୋକାନୀଙ୍କୁ ପ୍ରାୟ ୧,୯୦୧.୫୬ ଟଙ୍କା ମିଳିବ। ଏହାର ଅର୍ଥ ହେଉଛି ୨୦୦୧ ପେମେଣ୍ଟରେ ଦୋକାନୀ ୯.୪୦ ଟଙ୍କା ଟିକସ ଦେବେ। ନୂଆ ନିୟମରେ କେନ୍ଦ୍ର ସରକାରଙ୍କୁ ବାର୍ଷିକ ପ୍ରାୟ ୪୦୦୦ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ମିଳିବ।

# ବିଶ୍ୱ ଶାନ୍ତି ବାର୍ତ୍ତା ନେଇ ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ଯାତ୍ରା ଆରମ୍ଭ



ପାଣିକୋଇଲି,୧୯।୯(ସମିସ): ପାଣିକୋଇଲି ଅଳତିରି ସ୍ଥିତ ଶ୍ରୀପୀଠର ପରିଚାଳକ ଦେବଦତ୍ତ ରାୟ ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ପୂର୍ବରୁ ସାଧୁସନ୍ଥଙ୍କ ଆଦେଶରେ ବିରଜା କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପଦଯାତ୍ରା କରି ଲକ୍ଷ୍ମୀ ମନ୍ଦିର ପାଇଁ ଭିକ୍ଷା କରି ପହଞ୍ଚିବା ପରେ ଜଗନ୍ନାଥଙ୍କ ହୁଣ୍ଡିରେ ଆଦାୟ ଭିକ୍ଷାକୁ ପ୍ରଦାନ କରିଥିଲେ। ଏବେ ପୁଣି ସାଧୁସନ୍ଥଙ୍କ ନିର୍ଦ୍ଦେଶରେ ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ଯାତ୍ରା ରାଧାଷ୍ଟମୀ ତିଥିରେ ଆରମ୍ଭ କରିଛନ୍ତି। ମନ୍ଦିର ନିର୍ମାଣ ପାଇଁ ପାଇଁ ଭିକ୍ଷା ସହିତ ଯୁଦ୍ଧ ନୁହେଁ ଶାନ୍ତିର ବାର୍ତ୍ତା ନେଇ ଏହି ପଦଯାତ୍ରା କରାଯାଉଛି। ପ୍ରଥମେ ସାଧୁସନ୍ଥଙ୍କ ଗହଣରେ ଶ୍ରୀକ୍ଷେତ୍ରରୁ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଆନନ୍ଦ ରାଜ ମହାରାଜଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବହୁ ଭକ୍ତ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ପଦଯାତ୍ରୀ ଦଳଙ୍କୁ ସାଧୁସନ୍ଥମାନଙ୍କ ଦ୍ୱାରା ସ୍ୱାଗତ କରାଯାଉଛି। ୨ମାସରୁ ଊର୍ଦ୍ଧ୍ୱ କାଳ ଏହି ପଦଯାତ୍ରା କରାଯାଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।

# ଅବହେଳିତ ତରାପୁର ବୌଦ୍ଧ କୀର୍ତ୍ତିରାଜି ସଂଗ୍ରହାଳୟ

# ଯିବାକୁ ରାସ୍ତା ନାହିଁ କି ସୂଚନା ଫଳକ ନାହିଁ





ଧର୍ମଶାଳା,୧୯।୯(ସମିସ):

ଧର୍ମଶାଳା ଅଞ୍ଚଳର ବିଭିନ୍ନ ବୌଦ୍ଧ ବିହାର ଓ ବୌଦ୍ଧ କ୍ଷେତ୍ରରୁ ଆବିଷ୍କୃତ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଗୁଡିକୁ ତରାପୁର ଶାଖା ସଂଗ୍ରହାଳୟରେ ସଂରକ୍ଷିତ କରି ରଖାଯାଇଛି। ତେବେ ଏହି କୀର୍ତ୍ତିରାଜି ଅତି ବିରଳ ଓ ପ୍ରାଚୀନ। ସେ ଦୃଷ୍ଟିରୁ ସେଗୁଡିକୁ ସଂରକ୍ଷିତ ରଖିବା ଲକ୍ଷ୍ୟ ନେଇ ୨୦୧୮ ମସିହାରେ କେଶସ୍ତୁପର ପାଦ ଦେଶରେ ତାରାପୁର ଶାଖା ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଥିଲା। ହେଲେ ଯେଉଁ ଉଦ୍ଦେଶ୍ୟରେ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଥିଲା ତାର ବାସ୍ତବ ରୂପରେଖ ଅଦ୍ୟାବଧି ସାଧିତ ହୋଇ ପାରିନାହିଁ। ସଂଗ୍ରହାଳୟ ଏବେ ବହୁ ସମସ୍ୟା ଭିତରେ ଗତି କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହାର ସ୍ଥାୟୀ ସମାଧାନ ସହିତ ସୌନ୍ଦର୍ଯ୍ୟକରଣ କରାଗଲେ ପର୍ଯ୍ୟଟକ, ଗବେଷକ, ବିଦ୍ୟାର୍ଥୀ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଆକର୍ଷିତ କରିପାରନ୍ତା ବୋଲି ବୌଦ୍ଧ ଗବେଷକମାନେ ମତ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉ କି, ୧୬ନଂ ଜାତୀୟ ରାଜପଥ କଟକ-କୋଲକତା ଯିବା ବାଟରେ ଜାରକା ସ୍ଥିତ ଶଙ୍ଖାରିଡିହ ଛକ ନିକଟରୁ ୧ କିମି ପୂର୍ବକୁ ଗଲେ ତରାପୁର ପାହାଡ଼ ଶୀର୍ଷରେ ବୁଦ୍ଧଙ୍କ ଶିଷ୍ୟ ତପଶୁଙ୍କ ଦ୍ୱାରା ନିର୍ମିତ କେଶସ୍ତୁପ ଓ ତାର ପାଦଦେଶ ପଶ୍ଚିମ ଦିଗରେ ନିର୍ମିତ ଶାଖା ସଂଗ୍ରାହଳୟ ଅବସ୍ଥିତ। ଏହି ସଂଗ୍ରହାଳୟର ପ୍ରବେଶ ପଥ ତଥା ରାଜପଥ ପାଶ୍ୱର୍ରେ ସଂଗ୍ରହାଳୟର ନାମ ଫଳକ ଅଦ୍ୟାବଧି ଲଗାଯାଇ ନାହିଁ। କିମ୍ବା ରୋଡ୍ ମ୍ୟାପ କରାଯାଇ ନାହିଁ କି ପ୍ରଶସ୍ତ ରାସ୍ତା ମଧ୍ୟ ନିର୍ମାଣ କରାଯାଇ ପାରିନାହିଁ। ଯାହାଦ୍ୱାରା କି ରାସ୍ତାର ଦୁଇ ପାଶ୍ୱର୍ରେ ଅନାବନା ଗଛଲତା ମାଡିଥିବାରୁ ବୌଦ୍ଧ କ୍ଷେତ୍ର ଓ ସଂଗ୍ରହାଳୟକୁ ପଡ଼ିଥିବା ରାସ୍ତା ସଂକୀର୍ଣ୍ଣ ହୋଇପଡିଛି। ରାସ୍ତାର ଦୁଇ ପାଶ୍ୱର୍ରେ ଆଲୋକୀକରଣ କରାଯାଇନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ଗବେଷକ ମାନେ ଅନେକ ସମୟରେ ବାଟବଣା ହେବା ସହ ଯାତାୟାତ ହେବାରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗମାନ ହେଉଛି। ସେମାନଙ୍କୁ ସଠିକ ଠିକଣାରେ ପହଞ୍ଚିବାକୁ ରୋଡ୍ ମ୍ୟାପ ଓ ନାମ ଫଳକର ଆବଶ୍ୟକତା ରହିଛି। ବିଭିନ୍ନ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ, ଗବେଷକ, ବିଦ୍ୟାର୍ଥୀଙ୍କ ପାଇଁ ଶୌଚାଳୟ, ବିଶ୍ରାମ ଗୃହ, ରାତ୍ରୀ ରହଣି ପାଇଁ ଗୃହ ନିର୍ମାଣ କରାଯାଇ ନାହିଁ। ସେଠାରେ କ୍ୟାଣ୍ଟିନ ବ୍ୟବସ୍ଥା ମଧ୍ୟ ନାହିଁ। ସଂଗ୍ରହାଳୟ ସମ୍ମୁଖ ସ୍ଥାନ ମାଟି ଗୋଡି ହୋଇଥିବାରୁ ବର୍ଷା ଦିନରେ ସେଠାରେ ପାଣି ଜମି ରହିବା ସହ କାଦୁଅ ହୋଇଥାଏ। ଏପରିକି ଏଠାରେ ଅଦ୍ୟାବଧି ପାନୀୟ ଜଳ ବ୍ୟବସ୍ଥା କରାଯାଇ ନାହିଁ। ସଂଗ୍ରହଳୟ ଭିତରେ ଉନ୍ନତ ମାନର ଆଲୋକୀକରଣ କରାଯାଇ ନାହିଁ। ଯାହାଦ୍ୱାର ବିରଳ କୀର୍ତ୍ତିରାଜି ଗୁଡିକ ଭଲ ଭାବରେ ଦୃଶ୍ୟମାନ ହେଉନାହିଁ। ଉକ୍ତ ଗୃହକୁ ଶୀତତାପ ନିୟନ୍ତ୍ରିତ କରାଯାଇ ନାହିଁ। ଅନେକ ସମୟରେ ଗରମ ଗୁଳୁଗୁଳିରେ ପର୍ଯ୍ୟଟକ ଓ ଗବେଷକମାନେ ଅସ୍ଥିର ହୋଇପଡୁଥିବା ଦେଖିବାକୁ ମିଳେ। ବିଦ୍ୟୁତ ଗଲେ ସଂଗ୍ରହାଳୟ ଅନ୍ଧକାରମୟ ହୋଇଥାଏ। ଗୃହ ଗୁଡିକ ମଧ୍ୟରେ ମ୍ୟାଟ ପକାଯାଇନାହିଁ। ସେଠାରେ କେବଳ ଟେବୁଲ, ଚେୟାର ଦୁଇଟି ଓ କାଠର ଲମ୍ବା ଅଣଓସାରିଆ ଖଟ ଗୋଟେ ପଡିଛି। ସେଠାରେ ଦୁଇ ଗୋଟି ଖାତା ରଖା ଯାଇଛି। ସେଠାକୁ ଆସୁଥିବା ପର୍ଯ୍ୟଟକ ଓ ଗବେଷକ ଓ ବିଦ୍ୟାର୍ଥୀ ନିଜର ଠିକଣା ଓ ପରିଦର୍ଶନ ବିଷୟରେ ସୂଚନା ଦେବାକୁ ଉଦ୍ଦିଷ୍ଟ। ସଂଗ୍ରହାଳୟ ସକାଳ ୧୦ଟାରେ ଖୋଲା ହୋଇ ଅପରାହ୍ନ ୪ଟାରେ ବନ୍ଦ ହୋଇଥାଏ। ସଂଗ୍ରହାଳୟ ରକ୍ଷଣାବେକ୍ଷଣ ଓ ଦୈନନ୍ଦିନ ତଦାରଖ କରିବା ପାଇଁ ୪ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ରାତ୍ର ଜଗୁଆଳି ହୋଇଥିବା ବେଳେ ୩ଜଣ ସଂଗ୍ରହାଳୟ ଦାୟିତ୍ୱରେ ଅଛନ୍ତି। ରାତି ଜଗୁଆଳିକୁ ଛାଡିଦେଲେ କେବଳ ଦିନ ୬ ଘଣ୍ଟା ସଂଗ୍ରହାଳୟ ଖୋଲି ବନ୍ଦ କରିବା ପାଇଁ ୩ଜଣ କର୍ମଚାରୀ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ଭିତରୁ କିଏ କେତେବେଳେ ଆସୁଛି ତାହା ଜାଣିବା କଷ୍ଟସାଧ୍ୟ। ଅନ୍ୟପଟେ ତରାପୁର କେଶସ୍ତୁପର ସୌନ୍ଦର୍ଯ୍ୟକରଣ ସହିତ ରକ୍ଷଣାବେକ୍ଷଣ କରାଯିବା ଦରକାର। ସେଠାରେ ମରାମତି କାର୍ଯ୍ୟ ସହିତ ଆଲୋକୀକରଣ କରାଯିବା ଆବଶ୍ୟକ। ଏ ଦିଗରେ ରାଜ୍ୟ ସଂସ୍କୃତି ବିଭାଗ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱକୁ ଲକ୍ଷ୍ୟ କରି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବାକୁ ବୌଦ୍ଧ ଗବେଷକ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

**କେଶସ୍ତୁପର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ଦାବି**

# ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା




ଯାଜପୁର,୧୯।୯(ସମିସ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ଅନ୍ତର୍ଗତ ଷଠିପୁର ଗାଁର ମିଶନ ଶକ୍ତି ଗୃହରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଲିପା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିବା ସହିତ ପ୍ରାଧିକରଣର କାର୍ଯ୍ୟ ପରିସର ଓ କେଉଁମାନେ ଆଇନଗତ ସୁବିଧା ବିନାମୂଲ୍ୟରେ ପାଇପାରିବେ ସେ ବିଷୟ ଉଲ୍ଲେଖ କରିବା ସହିତ ଆଜିର ପ୍ରସଙ୍ଗ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏଥିରେ ଅତିଥି ଆଲୋଚକ ଭାବେ କୋରାଇ ବ୍ଲକ୍ ସହକାରୀ ଶ୍ରମ ଅଧିକାରୀ ଅଭିଜିତ ଜୟପ୍ରକାଶ ପ୍ରଧାନ, ଡିଷ୍ଟ୍ରିକ୍ଟ ଲୟର ଆସୋସିଏସନ ସଂପାଦକ ଦିବାକର ମହାନ୍ତି, ଆରକ୍ଷୀ ଅଧିକାରୀ ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପ୍ରବାସୀ ଶ୍ରମିକ ମାନଙ୍କ ବିବିଧ ସମସ୍ୟା ତାର ପ୍ରତିକାର ଓ ପ୍ରତିଶେଧ, ସାମାଜିକ ଗଣମାଧ୍ୟମ ଓ ସାଇବର ଅପରାଧ ସେ ପାଇଁ ଆଇନ୍‌ଗତ ବ୍ୟବସ୍ଥା ସହିତ ଜନସାଧାରଣ ଓ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଭା ସଞ୍ଚାଳନ କରିବା ସହିତ ମାନବ ଚାଲାଣ ଏବଂ ବାଣିଜ୍ୟିକ ଯୌନ ଶୋଷଣରେ ପୀଡ଼ିତ ପାଇଁ ନାଲସାର କାର୍ଯ୍ୟକାରୀ ହେଉଥିବା ୨୦୧୫ ଯୋଜନା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଗଣେଶ ପୂଜାରେ ସାମାଜିକ ସଚେତନତା



ବିଞ୍ଝାରପୁର,୧୯।୯(ସମିସ): ଉଦୟଭାନୁ କ୍ଲବ ପକ୍ଷରୁ ଗଣେଶ ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପୂଜା ଅବସରରେ ଦୁଇଦିନ ଧରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ସାମାଜିକ ସଚେତନତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ମୁଖ୍ୟବକ୍ତା ଭାବେ ବରୁଣେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବଟକୃଷ୍ଣ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିରଞ୍ଜନ ନାୟକ, ସମାଜସେବୀ ତଥା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ସେଠୀ, ଘଣ୍ଟିଆଳି ଗ୍ରାମପଞ୍ଚାୟତ ସରପଞ୍ଚ କାର୍ତ୍ତିକ ଧଳ, ଅରେଇ ପାକ୍ସ ସଭାପତି ହେମେନ୍ଦ୍ର ସାମଲ ଓ କ୍ଲବ ଉପସଭାପତି ତଥା ଆଇନଜୀବୀ ମାନଗୋବିନ୍ଦ ଧଳ ଉପସ୍ଥିତ ଥିଲେ। ଉଦୟଭାନୁ କ୍ଲବର ଉପଦେଷ୍ଟା ତଥା ସମାଜସେବୀ ରବିନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ଲବର ସହସମ୍ପାଦକ ମନୋରଞ୍ଜନ ଧଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ନିଶା ନିବାରଣ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତା ସମାଜ ଗଠନରେ ଯୁବଶକ୍ତିର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଯୁବପିଢ଼ି ପଥଭ୍ରଷ୍ଟ ନହୋଇ ନିଜ ଯୁବଶକ୍ତିକୁ ସମାଜସେବା ଓ ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିରଞ୍ଜନ ନାୟକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି କୈଳାସ ଚନ୍ଦ୍ର ସେଠୀ କ୍ଲବର ଯୁବକମାନଙ୍କ ଦ୍ୱାରା ବୃକ୍ଷରୋପଣ ଓ ବନ୍ୟା ବିପନ୍ନଙ୍କୁ ପ୍ରଦାନ କରାଯାଇଥିବା ସହଯୋଗକୁ ପ୍ରଶଂସା କରିଥିଲେ। ପୂଜା ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର ଦୁଇ ବିଚାରକ ସୁଧାଂଶୁ ମଲ୍ଲିକ ଓ ଅଭୟ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଜଲକ୍ଷ୍ମୀ ନାୟକ, ଦ୍ୱିତୀୟ ଯଶୋସ୍ୱିନୀ ସ୍ୱାଇଁ ଓ ତୃତୀୟ ସାନଭି ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ରବିନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶିକ୍ଷାବିତ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ସ୍ମୃତିସଭା

ପ୍ରୀତିପୁର,୧୯।୯(ସମିସ): ଶିକ୍ଷାବିତ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ସ୍ମୃତିସଭା ସୟେଦପୁର ବ୍ରଜସୁନ୍ଦର ହାଇସ୍କୁଲଠାରେ ପୁରାତନ ଛାତ୍ର ସମାଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ମହାସଂଘର ଅବସରପ୍ରାପ୍ତ ଶିକ୍ଷକ ରବି ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ପୁରାତନ ଛାତ୍ର ଇଂ. ଅଜୟ କୁମାର ଦାସ, ପୁରାତନ ଛାତ୍ର ସମାଜର ଆବାହକ ରବୀନ୍ଦ୍ର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ନାଥ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରୁ ଓସ୍ତାର ପୂର୍ବତନ ଶିକ୍ଷକ ଧନଞ୍ଜୟ ରାଉତରାୟ, ଦିଗମ୍ବର ସାହୁ, ନିର୍ମଳା ମିଶ୍ର, ମୁରଲୀଧର ପଣ୍ଡା, ଅଚ୍ୟୁତାନନ୍ଦ ମିଶ୍ର, ବିଜୟ କୁମାର ନାୟକ, କିଶୋର କୁମାର ଦାସ, ବିଭୂତି ଦାସ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନୀଳମଣୀ ସାମଲ, ଦାମୋଦର ନନ୍ଦ, କୁଞ୍ଜବିହାରୀ ବେହେରା, ଚନ୍ଦ୍ର ଶେଖର ବେହେରା, ପ୍ରଫୁଲ୍ଲ କୁମାର ରାଉତ, ହରେଶ କୁମାର ଦାସ, ଶୁରେଶ ମହାନ୍ତି, ମଧୁସୂଦନ ଜେନା, ପୀତାମ୍ବର ସ୍ୱାଇଁ, ଟିକିଲତା ବେହେରା, ପ୍ରଫୁଲ୍ଲକୁମାର ରାଉତ, ବିନୋଦ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସ୍ମରଣିକା ‘ସ୍ମୃତିରେ ଧନେଶ୍ୱର’ ଉନ୍ମୋଚିତ



ବଡଚଣା,୧୯।୯(ସମିସ): ଏନ୍ତୁଡିର ନିଆଁ ଓ ଜୁଇର ନିଆଁ ମଧ୍ୟରେ ମଣିଷ ଅତିବାହିତ କରିଥିବା ସୁଖଦୁଃଖ ଭରା ଜୀବନ ତାର କର୍ମ ଫଳକୁ ନିର୍ଦ୍ଧାରିତ କରିଥାଏ। ଜନ୍ମ ମୃତ୍ୟୁ ମଧ୍ୟସ୍ଥ ବ୍ୟବଧାନ ହିଁ ଜୀବନ। ନିଜର କର୍ମ, ଗୁଣ, ଧୈର୍ଯ୍ୟ, ସାହାସ, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, ଦୂରଦୃଷ୍ଟି, ଆଦର୍ଶ ମୂଲ୍ୟବୋଧ, ନିଜର କର୍ମ ଧର୍ମ ଓ ଗୁଣ ମଧ୍ୟମରେ ମଣିଷ ଲୋକମାନଙ୍କ ହୃଦୟରେ ରହି ପାରେ ବୋଲି ଚଣ୍ଡିଖୋଲ ସ୍ଥିତ ଡିୟୁ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତଥା ମହାବିନାୟକ ଏଜୁକେସନାଲ ୱେଲଫେୟାର୍ ଟ୍ରଷ୍ଟର ନିର୍ଦ୍ଦେଶକ ସ୍ୱର୍ଗତ ଇଞ୍ଜିନିୟର ଧନେଶ୍ୱର ମହାପାତ୍ରଙ୍କ ଏକଦଶାହ ଅବସରରେ ଆୟୋଜିତ ସ୍ମରଣିକା ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ଡ. ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସର ପ୍ରାପ୍ତ ପ୍ରଧାପକ ତଥା ବିଶିଷ୍ଟ ଶିକ୍ଷକ ନେତା ପବିତ୍ର ମୋହନ ମାହାଲା, ଡ. ବିଜୟ କୁମାର ଶତପଥୀ, ସମାଜସେବୀ ମନୋରମା ଆଚାର୍ଯ୍ୟ, ଆଇନଜୀବୀ ଦେବରାଜ ବେହେରା, ରୋଟାରିଆନ୍ ମାଧୁରୀ ଶତପଥୀ, ବୈକୁଣ୍ଠ ନାଥ ପଣ୍ଡା, ଡ. ବିଶ୍ୱଜିତ୍ ମହାପାତ୍ର, ଡ. ରଣଜିତ୍ ମହାପାତ୍ର, ଡ. ସୁଜାତା ମହାପାତ୍ର, ପଣ୍ଡିତ ପଦ୍ମନାଭ ଶତପଥୀ, ଡ. ସ୍ମିତା ମହାପାତ୍ର, ଡ. ବିଧୁଭୂଷଣ ମହାପାତ୍ର, ସ୍ନିଗ୍ଧା ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧନେଶ୍ୱର ମହାପାତ୍ରଙ୍କ ବହୁମୁଖି ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଜ୍ୟେଷ୍ଠ ପୁତ୍ର ଇଞ୍ଜିନିୟର ସତ୍ୟଜିତ ମହାପାତ୍ର ଓ କନିଷ୍ଠ ପୁତ୍ର ଇଞ୍ଜିନିୟର ପ୍ରସନ୍ନଜିତ୍ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥଲେ। ଏହି ଅବସରରେ ସ୍ମରଣିକା "ସ୍ମୃତିରେ ଧନେଶ୍ୱର"ଉନ୍ମୋଚିତ ହୋଇଥିଲା।

# ଦିହୁଡିସାହି ରେ ଗଣେଶ ପୂଜା

ମଙ୍ଗଳପୁର,୧୯।୯(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ଦିହୁଡିସାହି ବୁଢ଼ା ଗଣେଶ ପୂଜା ୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଥିବା ବେଳେ ମୃଣୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜାଯାଇଥିଲା। ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଗଣେଶ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ ପୂଜା ମଣ୍ଡପରେ ପହଞ୍ଚି ଗଣେଶଙ୍କ ଆଶୀର୍ବାଦ ନେଇଥିବା ବେଳେ ପୂଜା ମଣ୍ଡପର ସଦସ୍ୟଙ୍କ ପକ୍ଷରୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀଯୁକ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀଦାସଙ୍କ ସହ ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ, କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନା, ବିଜେଡି ନେତା ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ କଳିଙ୍ଗନଗରର ଅଧିଷ୍ଠାନ ଉତ୍ସବ




ବ୍ୟାସନଗର,୧୯।୯(ସମିସ): "ରୋଟାରୀ କ୍ଲବ କଳିଙ୍ଗନଗର'ର ୧୩ତମ ଅଧିଷ୍ଠାନ ଉତ୍ସବ ୨୦୨୫-୨୬ର ସଭାପତି ମନୋଜ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ ଅନିଲ କୁମାର ସାମଲ ଓ ସହ-ପ୍ରାନ୍ତପାଳ ନିତ୍ୟାନନ୍ଦ ମିଶ୍ର ଏବଂ ଜିନ୍ଦଲ ଷ୍ଟିଲର ବରିଷ୍ଠ କାର୍ଯ୍ୟକାରୀ ଉପସଭାପତି ଦୀପକ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳକ ସଂଗ୍ରାମ ପଟ୍ଟନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ବ୍ୟାସନଗର ପବ୍ଲିକ ସ୍କୁଲର ଛାତ୍ର ଦୁର୍ଗା ପ୍ରସାଦ ପାଳ ସଂଗୀତ ଗାନ କରିଥିଲେ ଓ ସୁଶ୍ରୀ ଉଷା କିରଣ ନୃତ୍ୟ ପରିବେଷଣ କରିଥିଲେ। ମନୋଜ କୁମାର ବାରିକ ୨୦୨୫-୨୬ ବର୍ଷର ବାର୍ଷିକ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଡ. ଦେବସ୍ମିତା ସାହୁଙ୍କୁ ୨୦୨୬-୨୭ବର୍ଷର ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ନୂତନ ସଂପାଦକ ଭାବେ ଅରୁଣ କୁମାର ବେହେରାଙ୍କୁ ଦାୟିତ୍ୱଭାର ଅର୍ପଣ କରାଯାଇଥିଲା। ୨ଜଣ ନୂତନ ସଭ୍ୟ ସବିତା ରାଉତ ଓ ପ୍ରଭାତ ସାହୁଙ୍କ ସମ୍ବର୍ଦ୍ଧନା ପଦାନ କରାଯାଇଥିଲା। ସେହିପରି ବାସ୍ତୁବିତ୍ ବରିଷ୍ଠ ସାମ୍ବାଦିକ ଡ. ଚିନ୍ତାମଣି ପାଢ଼ୀଙ୍କ ସହ ବ୍ୟାସନଗର ପୌର ପରିଷଦର ମାଳତି ହାଁସଦା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଜପୁର ରୋଡର ସ୍ୱାସ୍ଥ୍ୟସେବୀ ମମତା ରାଉତ, ରୋଟାରୀ କ୍ଲବ୍ କଳିଙ୍ଗ ନଗର ସପୋର୍ଟ ଷ୍ଟାଫ୍ ସନାତନ ମଲିକଙ୍କ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବାର୍ଷିକ ପତ୍ରିକା 'ଶିଳ୍ପକଳା କଳିଙ୍ଗନଗର' ଉନ୍ମୋଚିତ ହୋଇଥିଲା। ଅଚ୍ଛୁତାନନ୍ଦ ମହାନ୍ତି ଉପସ୍ଥାନ ତଥ୍ୟ ପ୍ରଦାନ କରିଥିଲେ। ଦୀନେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କ୍ଲବର କର୍ମକର୍ତ୍ତା, ପଦସ୍ଥ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁଦୀପ୍ କୁମାର ମିଶ୍ର, ଲୋକନାଥ ରାଉତ, ମହେନ୍ଦ୍ର ପଣ୍ଡା, ସଞ୍ଜୟ ମିଶ୍ର, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସୁଶାନ୍ତ ବରାଳ, ପରମେଶ୍ୱର ଦାଶ, ଶିବାନନ୍ଦ ନାୟକ, କମଳ ଲୋଚନ ସାହୁ, ଗୋପୀନାଥ ସାହୁ, ରାମଚନ୍ଦ୍ର ସେନାପତି, କୈଳାଶ ଚନ୍ଦ୍ର ସାହୁ, ହେମନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅମ୍ବିକା ପ୍ରସାଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପୃଥକୀକରଣ ଗୃହ ପାଲଟିଛି ନିଶା ବେପାରୀଙ୍କ ଆଶ୍ରୟସ୍ଥଳୀ

ବିଞ୍ଝାରପୁର,୧୯।୯(ସମିସ):



ପୃଥକୀକରଣ ପାଇଁ ନିର୍ମିତ ଏକ ସରକାରୀ ଗୃହ ଦୀର୍ଘଦିନ ଧରି ଅବ୍ୟବହୃତ ରହିଥିବା ବେଳେ ଏବେ ସେଠାରେ କଥିତ ଭାବେ ଧଳାଜହର କାରବାର ଚାଲୁଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିବା ସହ ପୁଲିସର ତଦନ୍ତ ଦାବି ଜୋର ଧରିଛି। ପୂର୍ବ ସରକାର ସମୟରେ ମା' ଦରିଆ ନାଆରୁ କାଣି ସିଂହପୁର ବଜାରକୁ ସଂଯୋଗ କରୁଥିବା ରାସ୍ତା ପାଶ୍ୱର୍ରେ ଏହି ପୃଥକୀକରଣ ଗୃହ ନିର୍ମାଣ ହୋଇଥିଲା। ତେବେ ଦୀର୍ଘଦିନ ଧରି ଏହା ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗୃହଟିରେ ପଡ଼ୋଶୀ ରାଜ୍ୟର କିଛି ଲୋକ ଆସି ରହୁଥିବା ସହ ସେଠାରେ କଥିତ ଭାବେ ଧଳାଜହର କାରବାର ଚାଲୁଛି। ତେବେ ଏହି ଅଭିଯୋଗର ସତ୍ୟତା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ଲୋକଙ୍କ କହିବା ଅନୁଯାୟୀ, ଗୃହଟି ଜନବସତି ଓ ମୁଖ୍ୟ ରାସ୍ତା ନିକଟରେ ଥିବାରୁ ଯଦି ସେଠାରେ ବେଆଇନ ନିଶା କାରବାର ହେଉଥାଏ, ତେବେ ଏହାର ପ୍ରଭାବ ଅଞ୍ଚଳରେ ପଡ଼ିବାର ଆଶଙ୍କା ରହିଛି। ବିଶେଷକରି ଯୁବପିଢ଼ି ଏହାର ଶିକାର ହେବାର ଆଶଙ୍କା ଥିବାରୁ ତୁରନ୍ତ ତଦନ୍ତ ଓ ପଦକ୍ଷେପ ପାଇଁ ଦାବି ହୋଇଛି। ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ବାରମ୍ବାର ଖବର ଦେଇଥିବା କହିଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଗୃହଟିକୁ ଯାଞ୍ଚ କରି ସେଠାରେ କେଉଁମାନେ ରହୁଛନ୍ତି, ସେମାନଙ୍କ ପରିଚୟ ଏବଂ କୌଣସି ବେଆଇନ କାର୍ଯ୍ୟକଳାପ ଚାଲୁଛି କି ନାହିଁ, ତାହା ଖୋଜିବାକୁ ଦାବି ହୋଇଛି। ସ୍ଥାନୀୟଙ୍କ ମତରେ, ଦୀର୍ଘଦିନ ଧରି ସରକାରୀ ଗୃହ ଅବ୍ୟବହୃତ ରହିବା ଯୋଗୁଁ ଏହା ଅସାମାଜିକ କାର୍ଯ୍ୟକଳାପର ଆଶ୍ରୟସ୍ଥଳୀ ହେବାର ସମ୍ଭାବନା ରହିଛି। ତେଣୁ ଗୃହଟିକୁ ପୁନଃ ବ୍ୟବହାରଯୋଗ୍ୟ କରିବା ସହ ନିୟମିତ ନଜରଦାରି ଓ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ତେବେ ପୃଥକୀକରଣ ଗୃହରେ ପ୍ରକୃତରେ ଧଳାଜହର କାରବାର ଚାଲୁଛି କି ନାହିଁ, ଅଭିଯୋଗରେ କେତେ ସତ୍ୟତା ରହିଛି ଏବଂ ଏହା ପଛରେ କେଉଁମାନେ ଅଛନ୍ତି, ତାହା ପୁଲିସର ନିରପେକ୍ଷ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ବୋଲି ଅନୁମାନ କରାଯାଉଛି।

# ସାର କଳାବଜାରୀ ଭିଜିଲାନ୍ସ ତଦନ୍ତ ଦାବି

କୁଆଖିଆ,୧୯।୯(ସମିସ): ଯାଜପୁର ଜିଲାରେ ସାରର ବ୍ୟାପକ କଳାବଜାରୀ ହୋଇଛି। ଏଥିପାଇଁ ଆଜି ଅପରାହ୍ନରେ କୁଆଖିଆ ବିଜୁ ନଗର ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତ୍ରୀ ତଥା ଏଆଇସିସି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲାକୁ ଅପ୍ରେଲ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀ ମାନଙ୍କରୁ ମାର୍କଫେଡ୍ ଜରିଆରେ ଆସିଥିବା ସାର କୁ ନିୟମ ଅନୁସାରେ ପାକ୍ସ ଓ ଲାମ୍ପସ୍ ମାଧ୍ୟମରେ ଚାଷୀ ମାନଙ୍କୁ ରିହାତି ଦରରେ ଦିଆଯିବା କଥା। କିନ୍ତୁ ଏହି ସାର ଗୁଡିକ ପାକ୍ସ ବଦଳରେ ଅବଦୁଲ୍ ଖଲିକ ଟ୍ରେଡର୍ସ ନାମକ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ଫଳରେ ଚାଷି ରିହାତି ଦରରେ ପାକ୍ସରୁ ସାର ନପାଇ ଖୋଲା ବଜାରରୁ ଅଧିକ ଦରରେ କିଣି ଖର୍ଚ୍ଚାନ୍ତ ହୋଇଥିବା ବେଳେ ଚାଷୀଙ୍କ ପାଇଁ ଆସିଥିବା ସାର କଳାବଜାରରେ ବିକ୍ରୀ ହୋଇଛି। ଏପରିକି ଯାଜପୁର ଜିଲା ପାଇଁ ଆବନ ହୋଇଥିବା ସାର ସହିତ ବାହାର ଜିଲାର ସାର ମଧ୍ୟ ଏହି ଘରୋଇ ସଂସ୍ଥାକୁ ଦିଆଯାଇଛି ବୋଲି ମଧୁସ୍ମିତା ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏଥିରେ ମାର୍କଫେଡ୍ ର ଅଧିକାରୀ ମାନଙ୍କର ପ୍ରଚ୍ଛନ୍ନ ହାତ ରହିଛି। କିଛି ପାକ୍ସ ସଂପାଦକ ମାନଙ୍କୁ ହାତ କରି ପିଓଏସ ମେସିନ ଦ୍ୱାରା ଅଣଚାଷୀ ମାନଙ୍କ ନାମରେ ଏହି ସାର ବିକ୍ରୟ କରାଯାଇଥିବା ରେକର୍ଡ କରାଯାଇଛି। ସାର କଳାବଜାର ପାଇ ଏକ ବଡ ର୍ୟାକେଟ୍ କାମ କରୁଛି। ତେଣୁ ଏହି ଘୋଟାଲାର ଭିଜିଲାନ୍ସ ତଦନ୍ତ ମଧ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

### ଗଣେଶ ପୂଜା ପାଇଁ ଭସାଣ ଉତ୍ସବ

# ଶବ୍ଦ ପ୍ରଦୂଷଣରେ ସହରବାସୀ ଅତିଷ୍ଠ

ଯାଜପୁର ଟାଉନ,୧୯।୯ (ସମିସ):




ପ୍ରତି ବର୍ଷ ଗଣେଶ ପୂଜାରୁ ଆରମ୍ଭ ହୁଏ ପାର୍ବଣ ଋତୁ। କିନ୍ତୁ ଏହି ପାର୍ବଣ ଋତୁ ହେଲେ ପୂଜା ମଣ୍ଡପକୁ ସାଜସଜ୍ଜା କରାଯିବା ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ସବୁଠାରୁ ଅଧିକ ଆକର୍ଷଣର କେନ୍ଦ୍ରବିନ୍ଦୁ ଥାଏ ଭସାଣି ଉତ୍ସବ। କିନ୍ତୁ ଗତ କିଛି ବର୍ଷ ଧରି ଏହି ଭସାଣ ଉତ୍ସବରେ ବ୍ୟବହୃତ ବାଜା ଓ ସାଉଣ୍ଡ ବକ୍ସ ଯୋଗୁଁ ବ୍ୟାପକ ମାତ୍ରାରେ ଶବ୍ଦ ପ୍ରଦୂଷଣ ହେଉଛି। ବିଶେଷ କରି ଡିଜେର ବ୍ୟବହାର ଫଳରେ ଏହି ସମସ୍ୟା ଅଧିକ ଦେଖାଦେଇଛି। ଏହି ଡିଜେର ଶବ୍ଦର ପ୍ରଭାବରେ ଯାଜପୁର ସହରବାସୀ ଅତିଷ୍ଠ ହୋଇସାରିଲେଣି। ଚଳିତ ବର୍ଷ ଗଣେଶ ପୂଜା ଭସାଣି ପ୍ରାୟ ଏକ ସପ୍ତାହ ଧରି ଚାଲିଥିବାରୁ ଯାଜପୁର ସହରରେ ଶବ୍ଦ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଭସାଣି ଶୋଭାଯାତ୍ରାରେ ବ୍ୟାଣ୍ଡ ପାର୍ଟି ମାଧ୍ୟମରେ ବ୍ୟବହୃତ ଉଚ୍ଚ କ୍ଷମତାସମ୍ପନ୍ନ ଭାଇବ୍ରେସନ୍ ସାଉଣ୍ଡ ବକ୍ସର ପ୍ରଚଣ୍ଡ ଶବ୍ଦରେ ବୟସ୍କ, ଶିଶୁ, ରୋଗୀ ଓ ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହେଉଛି। ପୁଲିସ ପ୍ରଶାସନ ଡିଜେ ଉପରେ ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ, ତାହାର ବିକଳ୍ପ ଭାବେ ଭାଇବ୍ରେସନ୍ ସାଉଣ୍ଡ ବକ୍ସର ବ୍ୟବହାର ବଢ଼ିଥିବାରୁ ପ୍ରତିବନ୍ଧକର ଉଦ୍ଦେଶ୍ୟ ବିଫଳ ହୋଇଥିବା ବୋଲି ସହରବାସୀ କହୁଛନ୍ତି। ବିଭିନ୍ନ ସାହି ଦେଇ ଯାଉଥିବା ଶୋଭାଯାତ୍ରା ସମୟରେ ଘର କମ୍ପାଇ ଦେଉଥିବା ଶବ୍ଦ ଯୋଗୁଁ ଅସୁସ୍ଥ ବ୍ୟକ୍ତି, ପରୀକ୍ଷା ପ୍ରସ୍ତୁତିରେ ଥିବା ଛାତ୍ରଛାତ୍ରୀ ଓ ବୃଦ୍ଧମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବା ଅଭିଯୋଗ ମିଳୁଛି। ଅନ୍ୟପଟେ ଭସାଣି ସମୟରେ ସହରର ପ୍ରମୁଖ ରାସ୍ତାରେ ଦୀର୍ଘ ସମୟ ଧରି ଟ୍ରାଫିକ ଜାମ ଲାଗି ରହୁଥିବାରୁ ସାଧାରଣ ଯାତାୟାତ ମଧ୍ୟ ବ୍ୟାହତ ହେଉଛି। ଟ୍ରାଫିକ ପରିଚାଳନା ଓ ଶବ୍ଦ ନିୟନ୍ତ୍ରଣ ଉଭୟ କ୍ଷେତ୍ରରେ ପୁଲିସ ଏବଂ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସହରବାସୀଙ୍କ ଦାବି ହେଉଛି, ଡିଜେ ବନ୍ଦ ନିଷ୍ପତ୍ତି ଯେପରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଛି, ସେହିପରି ଛାତିଥରା ଭାଇବ୍ରେସନ୍ ସାଉଣ୍ଡ ବକ୍ସ ଉପରେ ମଧ୍ୟ ତୁରନ୍ତ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଉ। ପ୍ରତ୍ୟେକ ଭସାଣ ଉତ୍ସବରେ ୬୦ ଡେସିବେଲରୁ ଅଧିକ ଶବ୍ଦ ନେଇ କଟକଣା ରହିଥିବା ବେଳେ ବର୍ତ୍ତମାନ ଯାଉଥିବା ଭସାଣ ଉତ୍ସବରେ କେତେ ଡେସିବେଲର ଶବ୍ଦ ହେଉଛି ତାକୁ ମାପିବା ସମ୍ଭବ ହେଉନାହିଁ। କାରଣ ସାଧାରଣତଃ ଏହି ଶବ୍ଦକୁ ମାପିବା ପାଇଁ ରହିଥିବା ଆପରେ ସାଧାରଣତଃ ୧୦୦ ଡେସିବେଲ ମାପିବା ପର୍ଯ୍ୟନ୍ତ କ୍ଷମତା ରହିଛି। କିନ୍ତୁ ଯାଜପୁରରେ ହେଉଥିବା ଭସାଣ ଉତ୍ସବରେ ଏହି ଆପ ସର୍ବାଧିକ ଡେସିବେଲ ଦେଖାଉଥିଲେ ମଧ୍ୟ ଅଧିକ ଶବ୍ଦ ହେଉଥିବା ଜଣାପଡିଛି। ଶବ୍ଦ ଏତେ ଜୋରରେ ହେଉଛି ଦୁର୍ବଳ ଘରର କାନ୍ଥ, ଛାତ ଝଡି ପଡୁଥିବା ଦେଖିବାକୁ ମିଳୁଛି। ଏପରିକି ସେହି ଭସାଣ ଉତ୍ସବ ଦେଇ ଯାଉଥିବା କୌଣସି ଗାଡିର ସିଗନାଲ କାମ କରୁନଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ 'ଡିଜେ ବନ୍ଦ ଥିବାବେଳେ ଏତେ ଶକ୍ତିଶାଳୀ ଭାଇବ୍ରେସନ୍ ସାଉଣ୍ଡକୁ କିପରି ଅନୁମତି ମିଳୁଛି?' ବୋଲି ଯାଜପୁର ସହରବାସୀ ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସ୍ଥାନୀୟ ପୁଲିସ କେବଳ ଡିଜେ ପଛରେ ପଡିଥିବା ବେଳେ ଭସାଣରେ ବ୍ୟବହୃତ ହେଉଥିବା ଭାଇବ୍ରେଟର ଯୋଗୁଁ ବୟସ୍କ, ରୋଗୀ, ଶିଶୁ ମାନେ ଅସୁବିଧାରେ ପଡୁଛନ୍ତି। ଏ ସବୁ ଦୃଷ୍ଟରୁ ଗୋଟିଏ ଦିନ ପୂଜା ପାଇଁ ୭ ଦିନ ଭସାଣ ଉତ୍ସବ ପାଇଁ ଅନୁମତି ଦେଇ ବ୍ୟାପକ ମାତ୍ରାରେ ଶବ୍ଦ ପ୍ରଦ୍ୟୁଷଣ ସୃଷ୍ଟି କରିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର



ଦଶରଥପୁର,୧୯।୯ (ସମିସ): ଦଶରଥପୁର ବ୍ଲକ ସମ୍ମିଳନୀ କକ୍ଷରେ ଆଜି ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସମୀକ୍ଷା ଶିବିରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ (ରାଜସ୍ୱ), ବିଡିଓ ଆକାଶ ପଟ୍ଟନାୟକ, ଏବିଡିଓ ତ୍ରିଲୋଚନ ସେଠୀ, ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏପିଓ ଭକ୍ତିଲତା ମହାରଣା ଶିବିର ସଂଚାଳନ କରିଥିବା ବେଳେ ବିଡିଓ ଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ ସମୀକ୍ଷା ବିବରଣୀ ପ୍ରକାଶ କରିବା ପରେ ବିଭିନ୍ନ ପଞ୍ଚାୟତ ଅଧିକାରୀ ମେଟ ଓ ଅନ୍ୟମାନଙ୍କ ଅଭିଯୋଗ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଶିବିରରେ ଦଶରଥପୁର ବ୍ଲକ ସମୀକ୍ଷା କମିଟି ସଦସ୍ୟ ମହେଶ୍ୱର ସାହୁ, ରମାକାନ୍ତ ସାମଲ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ତଥା ଅନ୍ୟ ଲାଇନ ବିଭାଗର କର୍ମକର୍ତ୍ତା ଯୋଗ ଦେଇ ଆଗତ ଅଭିଯୋଗ ଗୁଡିକର ଉତ୍ତର ଦେଇଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ଏକାଧିକ ପଞ୍ଚାୟତର ସରପଞ୍ଚ ଯୋଜନାରେ ବାକି ରହିଥିବା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିବା ବେଳେ ମୁଖ୍ୟତଃ ଭୂତଳ ଜଳ ସ୍ତର ଧୀରେ ଧୀରେ ହ୍ରାସ ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର କିଛି ମାତ୍ରାରେ ଉପଶମ ନିମନ୍ତେ ବ୍ଲକର ବିଭିନ୍ନ ପଞ୍ଚାୟତ ମାନଙ୍କରେ ଜଳାଶୟ/ପୁଷ୍କରିଣୀ ଖନନ ନିମନ୍ତେ ପ୍ରୟାସ କରିବା ଦରକାର ବୋଲି ମତ ଦେଇଥିଲେ। ଅନୁଷ୍ଠିତ ଶିବିରରେ ସମସ୍ତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଏମଏନଆରଇଜିଏସଙ୍କ ସମେତ କର୍ମଚାରୀମାନେ ଯୋଗ ଦେଇଥିଲେ।

### ନାବାଳିକା ଦୁଷ୍କର୍ମ ଘଟଣା

# ଅଭିଯୁକ୍ତଙ୍କୁ ୨୦ବର୍ଷର କାରାଦଣ୍ଡାଦେଶ



ଯାଜପୁର,୧୯।୯ (ସମିସ): ୨୦୧୭ ମସିହା ସୁକିନ୍ଦା ଥାନା ଅଞ୍ଚଳରେ ୧୬ବର୍ଷିୟ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ ମୋଟପାଟଣା ଗ୍ରାମର ଭାଗୀରଥି ସାହୁଙ୍କ ପୁଅ ଅନନ୍ତ କୁମାର ସାହୁଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି ପୋକ୍‌ସୋ ଫାଷ୍ଟଟ୍ରାକ ସ୍ପେସାଲ ଅଦାଲତ। ଅଭିଯୁକ୍ତ ଟୁରିଷ୍ଟ ଗାଇଡ଼ ଭାବେ କାମ କରେ। ନାବାଳିକାକୁ ପ୍ରଲୋଭିତ କରି କେରଳକୁ ଅପହରଣ କରି ନେଇ ସେଠାରେ ବାରମ୍ବାର ଦୁଷ୍କର୍ମ କରିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ବର୍ଗ ସୁକିନ୍ଦା ଥାନାରେ ଅପହରଣ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଟ୍ରାକିଂ କରି ନାବାଳିକାକୁ କେରଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅନନ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଯାଜପୁରର ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ। ୨୨ ଜଣଙ୍କ ସାକ୍ଷ ଓ ୧୫ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦାୟ ୧୨ ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ଶରତ କୁମାର ଦେହୁରୀ। ଏହି ମାମଲାକୁ ସରକାରୀ ଓକିଲ ଅଲିପ କୁମାର ନାୟକ ପରିଚାଳନା କରିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତରଙ୍କ ଯୋଗଦାନ



ବ୍ରହ୍ମବରଦା,୧୯।୯ (ସମିସ): ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୫ ମାସ ହେବ ଡାକ୍ତର ନଥିବା ବେଳେ ନୂତନ ଡାକ୍ତରଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘଦିନର ଦାବି ଓ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ଅଲ-ଉମା ସଂଗଠନ ପକ୍ଷରୁ ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଚିକିତ୍ସା କେନ୍ଦ୍ରର ସର୍ବାଙ୍ଗୀନ ବିକାଶ ଓ ଚିକିତ୍ସା କେନ୍ଦ୍ରରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଦାବି ଗତ ୧୨ ତାରିଖ 'ସକାଳ'ରେ "ବ୍ରହ୍ମବରାଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୂନ୍ୟ'ନେଇ ଏକ ଖବର ପ୍ରକାଶ ପାଇଥିଲା। ଏହା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇ ଶନିବାର ନୂତନ ଡାକ୍ତର ଭାବେ ନିଷ୍କ୍ରାନ୍ତ ଶୁଭ୍ରମନ୍ୟୁ ସାହୁଙ୍କ ନିଯୁକ୍ତି ଦେଇଛନ୍ତି। ଏବେ ନୂତନ ଡାକ୍ତର ଯୋଗଦେବା ଫଳରେ ରୋଗୀମାନେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତମାନର ଚିକିତ୍ସା ଓ ପରାମର୍ଶ ପାଇପାରିବେ। ନୂତନ ଡାକ୍ତରଙ୍କୁ ବ୍ରହ୍ମବରଦା ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ




ଯାଜପୁର,୧୯।୯ (ସମିସ): ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଚାରି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସହ ଶତାଧିକ ସହଯୋଗୀ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକା ତଥା ଯାଜପୁର ଜିଲ୍ଲାର ସମସ୍ତ ୧୧ଟି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଉଭୟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ବି.ପ୍ର ସଂଯୋଜକ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସହଯୋଗୀ, କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ ବନ୍ଧ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି ଓ ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଯାଜପୁର ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବଖାଣିଥିଲେ। ସାଂସଦଙ୍କ ପ୍ରତିନିଧି ମାନସ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ସବିତା ସାହୁ, ବାଳିକା ସଂଯୋଜିକା ଗାୟତ୍ରୀ ମହାନ୍ତି ଓ ନୋଡାଲ ଅଧ୍ୟକ୍ଷ ଶ୍ରୀ ଆଚାର୍ଯ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଶେଷରେ ବକ୍ତୃତା, କବିତା, କୁଇଜ୍, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାମୂହିକ ଭାବରେ ମଞ୍ଚ ଉପରେ ପ୍ରମାଣପତ୍ର ତଥା ପୁରସ୍କାର ପ୍ରଦାନ କରିଥିଲେ।

# ୟୁପିଆଇ କାରବାରରେ ଏମ୍‌ଡିଆର୍ ଲାଗୁ ନେଇ ପ୍ରଫୁଲ୍ଲ ଘଡ଼େଇଙ୍କ ଆପତ୍ତି

ଯାଜପୁର,୧୯।୯ (ସମିସ): ସାରା ଦେଶରେ ୟୁପିଆଇ କାରବାରରେ ବ୍ୟବସାୟୀଙ୍କ ପାଇଁ ଏମ୍‌ଡିଆର ଲାଗୁ ହେବା ନେଇ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଏହା ଆସନ୍ତା ଅକ୍ଟୋବର ୧୫ ତାରିଖଠାରୁ ଲାଗୁ କରିବା ପାଇଁ ନିଷ୍ପତି ନିଆଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ ବ୍ୟବସାୟୀମାନେ ୨ ହଜାର ଟଙ୍କାର ଅଧିକ ୟୁପିଆଇ କାରବାର ପାଇଁ ୦.୪ ପ୍ରତିଶତ ଫି ଆଦାୟ ହେବ। ବ୍ୟବସାୟୀମାନେ ସେହି ଫି'କୁ ପରୋକ୍ଷ ଭାବରେ ସାଧାରଣ ଜନତାଙ୍କ ଠାରୁ ଅସୁଲ କରିବେ। ବର୍ତ୍ତମାନ ଦେଶର ୫୫ କୋଟି ଜନତା ୟୁପିଆଇ କାରବାର ସହ ଜଡ଼ିତ ଏବଂ ବର୍ଷକୁ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାର କାରବାର ୟୁପିଆଇ ମାଧ୍ୟମରେ ହେଉଛି। ଏହା ଫଳରେ ଦେଶର କୋଟି କୋଟି ଜନତା ଆର୍ଥିକ କ୍ଷତି ସହିବେ ଏବଂ ବିଦେଶୀ କମ୍ପାନୀମାନେ ଲାଭବାନ ହେବେ। ତେଣୁ ସାଧାରଣ ଜନତା କ୍ଷୁଦ୍ର ବ୍ୟବସାୟୀ, ଅନ୍‌ଲାଇନ ଗାଡି ଚାଳକ ଇତ୍ୟାଦିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ବ୍ୟବସ୍ଥାର ପୁନଃ ପୁନର୍ବିଚାର କରିବା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଏକ ପ୍ରେସ୍ ବିବୃତ୍ତିରେ ଅନୁରୋଧ କରିଛନ୍ତି।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଦଶରଥପୁର,୧୯।୯ (ସମିସ): ଦଶରଥପୁର ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି କ୍ରୀଡ଼ାର ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶରଥପୁର ମଣ୍ଡଳ ଅଧୀନ ୫୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ଖୋଖୋ, କବାଡ଼ି ଓ ରଗ୍‌ବି ଫୁଟବଲ ଭଳି ସମୂହ କ୍ରୀଡ଼ାରେ ଛାତ୍ରଛାତ୍ରୀ ନିଜର ଖେଳକୌଶଳ ଓ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସଭା ପିଏମ୍‌ଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜନୀକାନ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ପଞ୍ଚଶାଖା ଶିକ୍ଷା ସେତୁ ସଂଗଠନର ସଭାପତି ନାରାୟଣ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଭାରେ ସମ୍ମାନନୀୟ ଅତିଥି ଭାବେ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାମଲ, ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବିପିନ ରାୟ, ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସେନାପତି, ଦଶରଥପୁର ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ବରଦା ଭୂଷଣ ମହାପାତ୍ର, କ୍ରୀଡ଼ା ସମ୍ପାଦକ ହରିହର ଜେନା ଏବଂ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଖଗେଶ୍ୱର ରାଉତ ପ୍ରମୁଖ ଯୋଗଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଶେଷରେ କୃତୀ ଦଳ ଓ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଦୀପ୍ତିମୟୀଙ୍କୁ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଯୁବ ପ୍ରତିଭା ସମ୍ମାନ




ଦଶରଥପୁର,୧୯।୯ (ସମିସ): ଦଶରଥପୁର ବ୍ଲକ ପାଲଟପୁର ଗ୍ରାମର ସାହିତ୍ୟିକା ଡ. ଦୀପ୍ତିମୟୀ ସାହୁଙ୍କୁ ରାଜ୍ୟର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଶନିବାର ରାଧାଷ୍ଟମୀ ସନ୍ଧ୍ୟାରେ ପୁରୀଠାରେ ଅନୁଷ୍ଠିତ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୭ତମ ବାର୍ଷିକ ଉତ୍ସବରେ ଡ. ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟିକା ବିଜୟଲକ୍ଷ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ସଦାଶିବ ମିଶ୍ର, ସୌଭାଗ୍ୟ ସାହୁ, ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ, ନାରାୟଣ ରାମାନୁଜ ଦାସ, ଭଗବାନ ସୁଆର, ଶିବସୁନ୍ଦର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଡ. ଦୀପ୍ତିମୟୀ ସାହୁ ବହୁ ପୁସ୍ତକ ରଚନା କରିଛନ୍ତି। ସେ ଏବେ ଭୁବନେଶ୍ୱରସ୍ଥିତ ଶ୍ରୀସତ୍ୟସାଇ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ। ପ୍ରକାଶ ଥାଉକି ଡ.ସାହୁ ଗୀତିକାର ସମାଜସେବୀ ସରୋଜ ବିଶ୍ୱାଳଙ୍କ ଧର୍ମପତ୍ନୀ।

# ସୁକିନ୍ଦା ଗୁଳିକାଣ୍ଡ ଓ ବୋମାମାଡ଼ ଘଟଣା; ୩ଗିରଫ

ସୁକିନ୍ଦା,୧୯।୯ (ସମିସ):







ସୁକିନ୍ଦା ଥାନା ଅନ୍ତର୍ଗତ କଇଁଜିରା ଗ୍ରାମରେ ଗତ ୧୪ ତାରିଖ ରାତିରେ ହଠାତ୍ ଗୁଳିକାଣ୍ଡ ଓ ବୋମାମାଡ଼ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ସୁକିନ୍ଦା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଗତ ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କଇଁଜିରା ଗ୍ରାମ ମଦନ ତିରିଆଙ୍କ ଘରେପଶି ତିନି ରାଉଣ୍ଡ ଗୁଳିମାଡ କରିବା ସହ ବୋମାମାଡ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣରେ ମୃତ ମଦନଙ୍କ ପତ୍ନୀ ଶାନ୍ତି ତିରିଆ (୫୦) ଗୁରୁତର ଆହତ ଅବସ୍ଥାରେ କଟକ ଚିକିତ୍ସିତ ହେଉଛନ୍ତି। ଖବର ପାଇ ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ କରିବା ସହ ସନ୍ଦେହରେ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ୧୯୭/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ନୂଆସାଇ ଗ୍ରାମ ଶିଙ୍ଗରାଏ ମୁଣ୍ଡାଙ୍କ ଜମିରେ ରେଳ ପ୍ରକଳ୍ପ ଯିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧ କୋଟି ୮୬ ଲକ୍ଷ ଟଙ୍କା ମିଳିଛି। ଏହି ଟଙ୍କା ବଣ୍ଟାକୁ ତିନି ପୁଅ ଓ ଦୁଇ ଝିଅଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଶିଙ୍ଗରାଏଙ୍କର ଶ୍ୟାମସୁନ୍ଦର, ବିର୍ସା, ରାଉତ ନାମକ ତିନିପୁଅ ଓ ଶାନ୍ତି, ସମ୍ବାରୀ ନାମକ ଦୁଇ ଝିଅ। ଏହି ଜମି ବାବଦରେ ଗତ ୨୦୧୫ ମସିହାରେ ପରିବାରକୁ ମିଳିଥିବା ୧୯ ଲକ୍ଷ ଟଙ୍କାରୁ ୧୦ଲକ୍ଷ ରାଉତ ଏକା ନେଇଥିବା ଜଣାପଡିଛି। ଏବେ ପୁଣି ୧କୋଟି ୮୬ଲକ୍ଷ ଶ୍ୟାମସୁନ୍ଦରଙ୍କ ପତ୍ନୀ ଶାନ୍ତି ମୁଣ୍ଡା ଖାତାକୁ ଆସିଛି। ଏହି ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ରାଜ୍ୟ ବାହାରର କିଛି ସୁପାରୀ କିଲର୍ ଆସି ଗୁଳିକାଣ୍ଡ ଓ ବୋମାମାଡ଼ କରିଥିବା ପୁଲିସ ସୂଚନା ପାଉଛି। ଏହି ଘଟଣାରେ ପୁଲିସ କଇଞ୍ଜିରା ଗ୍ରାମ ରାଉତ ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା (୨୩), ଶ୍ୟାମସୁନ୍ଦର ସୁଣ୍ଡିଙ୍କ ପତ୍ନୀ ଶାନ୍ତି ସୁଣ୍ଡି (୫୫) ଓ ଅନୁଗୁଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ରାଙ୍ଗିଆପାଳ ଗ୍ରାମ ଲକ୍ଷ୍ମଣ ଚାତାରଙ୍କ ପୁଅ ଗୌରାଙ୍ଗ ଚାତାରଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଏହି ଘଟଣାର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରଖିଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

ସୃଜନିକା
ସକାଳ
THE SAKALA
www.sakalaepaper.com

# ମଲା ଦେହର ଓଜନ





ପାର୍ଥସାରଥୀ ରାଉତ

ସେତେବେଳକୁ ବ୍ୟସ୍ତ ହେଇସାରିଥିଲା ସହର। ମିସ୍ତ୍ରୀ ଓ ଲେବର୍‌ଙ୍କୁ କନଷ୍ଟ୍ରକସନ୍ ସାଇଟ୍‌ରେ ଓହ୍ଲେଇ ଦେଇ ଷ୍ଟାଣ୍ଡକୁ ଫେରିଆସିଥିଲା ଅଟୋ । ଗୋଟେ ପରସ୍ତ ପଢ଼ା ପରେ ବାସି ଲାଗିବା ଆରମ୍ଭ ହେଇଥିଲେ ଖବରକାଗଜ। ରାସ୍ତାରେ ଝାଡୁମରା ସାରି ଡ୍ରେସ୍ ଚେଞ୍ଜ କରିସାରିଥିଲା ସାନୁ । ତରବରରେ ଅଫିସ୍‌ରେ ପହଞ୍ଚି ସାର୍‌ମାନଙ୍କ ପାଇଁ ଚା' ବସେଇ ବୃତ୍ତିଗତ ଜୀବନର ଦ୍ୱିତୀୟ ଭୂମିକାରେ ଏଇମାତ୍ର ଅବତୀର୍ଣ୍ଣ ହେଇଥିଲା। ଚାଳିଆ ହୋଟେଲ କଡ଼େଇରେ ଯେତେ ଜୋର୍‌ରେ ତେଲ ଫୁଟୁଥିଲା, ରାସ୍ତାରେ ସେତିକି ଜୋର୍‌ରେ ଦୌଡୁଥିଲେ ସ୍କୁଲ ବସ୍, ପିସିଆର୍ ଆଉ ଆମ୍ବୁଲାନ୍‌ସ। ଫୁଲ ବିକାଳିଠୁ ନେଇ ଟିଭି ମେକାନିକ୍ ସମସ୍ତେ ଅଳ୍ପବହୁତ ରୋଜଗାର କରିସାରିଥିଲେ। କିନ୍ତୁ ମୁକୁଲର ଏଯାଏଁ ବଇନା ହେଇ ନଥିଲା ।

ନିଜ ବୃତ୍ତିକୁ ଧିକ୍କାର କଲା ମୁକୁଲ। ସକାଳୁ ଉଠିଲେ ମୁଣ୍ଡରେ ଖେଳିବୁଲୁଚି ଗୋଟିଏ ପ୍ରଶ୍ନ- ଆଜି କିଏ ମରିବ ? କେଉଁ କଲୋନୀରୁ ଫୋନ୍ ଆସିବ ? କେଉଁ ଲେନ୍ କି ଗଳିରେ ତା' ସ୍ୱର୍ଗଯାନ ଅଟକିବ ? ଅନ୍ୟମାନଙ୍କ ପାଇଁ ମୃତ୍ୟୁର ଖବର ହୁଏତ ଦାରୁଣ ଦୁଃସମ୍ବାଦ, କାଳ, ଅନ୍ଧାରୀ ଖବର। କିନ୍ତୁ ତା' ପାଇଁ ପୂରା ଦିନମାନର ରୋଜଗାର । ନିଜ ପିଲାଛୁଆଙ୍କ ମୁହଁରେ ଦାନା ଦେବାର ଏକମାତ୍ର ଅବସର। ଗୋଟିଏ ମୃତଦେହକୁ ନେଇ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଦେଲେ ଅନ୍ତତଃ ଦିନକ ପାଇଁ ପରିବାର ଚଳେଇବାର ଚିନ୍ତା ତା' ମୁଣ୍ଡ ଉପରୁ ଅପସରିଯାଏ । ଆଉ ଯୋଉଦିନ ଦୁଇ କି ତିନି ଜଣଙ୍କ ମୃତଦେହ ନେବାକୁ ମିଳେ, ତାହେଲେ ପୂରା ସପ୍ତାହ ଯାକର ଖୋରାକ ଉଠିଯାଏ।

ଏଇ ଧାଁ ଦଉଡ଼ ଭିତରେ ଆଜିକାଲି ଗୋଟେ ଚିନ୍ତା ମୁକୁଲକୁ ଖାଇ ଗୋଡ଼ାଉଚି। କଥାଟିକୁ ନେଇ ସେ ଖୁବ୍ ଘାରିହେଉଛି । କେତେ ଅଦ୍ଭୁତ ଏ ଜୀବନ ! ପୃଥିବୀରେ ଏତେ କାମଧନ୍ଦା ଥାଉଥାଉ ତାକୁ କ'ଣ ଆଉ କୋଉ କାମ ମିଳିଲାନି ଯେ, ସେ ଶେଷରେ ଏଇ ବୃତ୍ତି ଯୋଗାଡ଼ କଲା ବଞ୍ଚିବା ପାଇଁ। ମଲା ଲୋକଙ୍କ ଶରୀର ବୋହିବା । କିଛି ନହେଲେ ଘାସ କାଟି ପାରିଥାଆନ୍ତା ନହେଲେ ମାଛ ଧରି ପାରିଥାଆନ୍ତା ! ଏପରିକି ଜୋତା ପଲିସ୍ ବି କରିପାରିଥାଆନ୍ତା । କିନ୍ତୁ ସେସବୁ ନକରି ଏମିତି ଗୋଟେ କାମ କଲା ଯେ ନିଇତି କାହା ନା କାହାର ମୃତ୍ୟୁକୁ ଅପେକ୍ଷା କରିବାକୁ ପଡୁଚି । ଆଉ ଏଇ ଅପେକ୍ଷା ହିଁ ପାପ ଅର୍ଜନର ପନ୍ଥା ସାଜିଛି। କାହା ଘରେ ଚୁଲି ଜଳିବାକୁ ହେଲେ ଅନ୍ୟ କାହା ଘରେ ଚିତା ଜଳିବା ଦରକାର । ସତରେ ବଡ଼ ସାଂଘାତିକ ଏ କଥା । ନା... ଆଉ ପାରୁନି । ମରିବା ଲୋକମାନଙ୍କ ମଲାଦେହ ବୋହିବା ଭିତରେ ଯେମିତି ସେ ନିଜ ଭିତରେ ମରିଯାଉଛି । ସତରେ ମଲାଦେହର ଓଜନ ଖୁବ୍ ଭାରି । ଏ ଓଜନ ଟାଣି ଧରିଲା ମୁକୁଲ ବିବେକକୁ। ଓଟାରିଲା ତଳକୁ ତଳକୁ। ଓଃ... କି ଯନ୍ତ୍ରଣା!

ସହର ଉପରେ ଆଉଥରେ ଆଖି ପହଁରାଇ ଆଣିଲା ମୁକୁଲ । ଟ୍ରାଫିକ୍‌ରେ ଜୋତା ସିଲଉଥିବା ଲୋକଟା ସକାଳ ବେଳା ଇନ୍‌କମରେ ଯାଇ ଦି ପେଗ୍ ପିଇଦେଇ ଆସିଲାଣି। ବରା ଛାଣୁଥିବା ମଉସା କଡ଼େଇ ଡେକଚି ମାଜି ସଟର୍ ବନ୍ଦ କରୁଛି । ଟ୍ରାଫିକ୍ ଛକରେ ଛିଣ୍ଡା ପୋଷାକ ପିନ୍ଧି ଭିକ ମାଗୁଥିବା ମନୁଆ ପୁଣି ଡ୍ରେସ୍ ବଦଳାଇ ଜିନ୍ ସାର୍ଟପ୍ୟାଣ୍ଟ ପିନ୍ଧି ମ୍ୟାଟିନ୍ ସୋ' ଦେଖିବାକୁ ବାହାରିଗଲାଣି। କିନ୍ତୁ ମୁକୁଲ ଗାଡ଼ିର ଟାୟାର୍ ଏଯାଏଁ ଗଡ଼ିନି। ପକେଟରୁ ମୋବାଇଲ କାଢ଼ି ଚେକ୍ କଲା, କାଳେ କେଉଁଠୁ କଲ୍ ଆସିଥିବ ! ନା, ଆସିନି । ବିକଳ ହେଇ ରାସ୍ତାଘାଟକୁ ଅନେଇଲା, କାଳେ କିଏ ଲୁହ ଢଳଢଳ ଆଖିରେ ତା' ଗାଡ଼ି ପାଖକୁ ଦୌଡ଼ି ଆସୁଥିବେ ! ନା... ସେପରି କିଛି ଘଟୁନି। ଆଜି ଖାଲି ପକେଟରେ ଘରୁ ଫେରିବାକୁ ପଡ଼ିବ ସଂଜବେଳେ ।

ଉପରକୁ ଚାହିଁ ଦୀର୍ଘ ନିଶ୍ୱାସ ନେବା ଭିତରେ ଦୁଇ କପ୍ ଚା' ଧରି ସାନୁ ଆସି ପହଞ୍ଚିଗଲା । ସାନୁ କାମ କରୁଥିବା ଅଫିସ୍ ତଳେ ମୁକୁଲର ସ୍ୱର୍ଗଯାନ ଛିଡ଼ା ହୁଏ। ସେଥିପାଇଁ ଉଭୟଙ୍କ ଭିତରେ ଭାବଦୋସ୍ତି । ଓଠକୁ ଚା' କପ ନେଉ ନେଉ ମୁକୁଲ ଆଖିରେ ଲୁହ ଆସିଗଲା। ପୁରୁଷ ହେଇ କାନ୍ଦି ପକେଇଲେ ଅନ୍ୟ ଆଖିକୁ ଦୁର୍ବଳ ଲାଗିବ। ସେଥିପାଇଁ କେନାଲ ଆଡ଼େ ଅନେଇ ଆଖିରେ ଲୁହ ମାରୁମାରୁ କହିଲା, "ଭାବୁଚି ଏ ଧନ୍ଦା ଛାଡ଼ି ଦେବି। କାହାର ଜୀବନ ଯିବ ଆଉ ତା' ଗାଡ଼ି ଟାୟାର ଗଡ଼ିବ... ଏକଥା ସତରେ ଘୋର ପାପ କଥା ।" ଯେଯାଏଁ ଏକଥା ତା' ମୁଣ୍ଡକୁ ନ ଆସିଥିଲା ଚଳୁଥିଲା, କିନ୍ତୁ ଏବେ ଆଉ ନୁହେଁ । ଧନ୍ଦା ବଦଳେଇବାକୁ ପଡ଼ିବ, ଦର୍କାର ହେଲେ ଗାଁକୁ ଫେରିଯାଇ ମାଟି ଖୋଳିବ ।

ମୁକୁଲ କଥା ନସରୁଣୁ ଟେନ୍‌ସନ୍ ହେଇଗଲା ସାନୁ। କପ୍‌କୁ ମୋଡ଼ିମକଚି ଡଷ୍ଟବିନକୁ ଫିଙ୍ଗିଦେଇ ଚିହିଙ୍କି ଉଠିଲା। ମୁକୁଲ ହାତକୁ ସିଗାରେଟ୍‌ଟେ ବଢ଼େଇ ଦେଇ ନିଜ ସିଗାରେଟ୍‌ରେ ବି ନିଆଁ ଧରେଇଲା । ବଡ଼ପାଟିରେ ତାକୁ ଧିମ୍ ଗାଳି କଲା । କହିଲା, "ଦେଖୁଚି ତୋ ମୁଣ୍ଡ ବିଗିଡ଼ିଗଲାଣି। ତୁ ବି ଅନ୍ୟମାନଙ୍କ ପରି କାମ ଚୋର, ଡରୁଆ । ଡରୁଆ ନୁହେଁ ତ, ବରଂ ସୁବିଧାବାଦୀ। କେବେ ଭାବିଛୁ ସେମାନଙ୍କ କଥା, ଯାହା ଘରେ ମୃତ୍ୟୁ ପହଞ୍ଚେ । କାନ୍ଦବୋବାଳିରେ ଫାଟି ପଡୁଥିବ ଘର। ମାଇପି ଲୋକେ କାନ୍ଦି କାନ୍ଦି ମାଟିରେ ଲୋଟି ପଡୁଥିବେ। କ୍ରିୟାକର୍ମ ପାଇଁ ମିଣିପ ଲୋକେ ବ୍ୟସ୍ତ ହେଉଥିବେ । କିନ୍ତୁ ଶବ ଉଠେଇ ନେବାକୁ ସାଧନ ନଥିବ। ସେତିକିବେଳେ ଜଣକୁ ଖୋଜାପଡ଼େ। ସେଇ ଲୋକଟା ହେଉଛୁ ତୁ । ତୁ ମୃତ୍ୟୁର ବ୍ୟବସାୟୀ ନୁହଁ, ବରଂ ଶେଷ ଠିକଣା ପର୍ଯ୍ୟନ୍ତ ମଣିଷମାନଙ୍କୁ ପହଞ୍ଚାଉଥିବା ତୁ ଜଣେ ସାଧକ। ପାର୍ଥିବ ଶରୀର ଯେଯାଏଁ ଘରେ ପଡ଼ିଥିବ, ଶୋକରେ ଘାଣ୍ଟି ହେଉଥିବେ ଆତ୍ମୀୟସ୍ୱଜନ। ଥରେ ଆଖି ଆଗରୁ ଅପସରି ଗଲେ ଦୁଃଖଶୋକର ମାତ୍ରା କମିବାକୁ ଲାଗେ । ଅତଏବ ତୁ ସେଇ ଶୋକ ଲାଘବର ସଫଳ ସୂତ୍ରଧର । ମୃତ୍ୟୁକୁ ନେଇ ତୁ ତ ବେପାର କରୁନୁ । ଓଲଟି ତୋ ସହାୟତା ବିନା ସ୍ୱର୍ଗଦ୍ୱାରରେ ପହଞ୍ଚିପାରିବନି ଶବ । ପଞ୍ଚଭୂତରେ ଲୀନ ହେବା କଥା ଦୂରର କଥା, ପଡ଼ିଥିବା ଜାଗାରୁ ବି ମଡ଼ା ଉଠିପାରିବନି । ଚଣ୍ଡାଳ ଶ୍ମଶାନରେ ଶବ ପୋଡ଼େ। ତା'ବୋଲି କ'ଣ ସେ ପାପ ଅର୍ଜେ? କାହିଁକି ଅଜବଅଜବ କଥା ତୋ' ମୁଣ୍ଡ ଭିତକୁ ପଶୁଛି? କ'ଣ ପାଇଁ ନିଜକୁ ଏତେ ଅପରାଧୀ ଅପରାଧୀ ଭାବୁଛୁ? ଆରେ ତୁ ଯୋଉ କାମ କରୁଛୁ ଅତି କମ୍ ଲୋକଙ୍କ ଭାଗ୍ୟରେ ଥାଏ। ଏ କାମ ପାପମୋଚନର ପ୍ରତୀକ। ଏ ବୃତ୍ତି ପୁଣ୍ୟର ବୃତ୍ତି ।"

ସାନୁ କଥା ଶୁଣି ହଠାତ୍ ମୁକୁଲ ମନ ଓ ଦେହରେ ବଳ ଆସିଗଲା । ସତରେ ନିଜ ବୃତ୍ତିକୁ ନେଇ କ'ଣ କ'ଣ ନଭାବୁଛି ସେ ! ନିଜ ଉପରେ ରାଗ ଆସିଲା । ସେ ସବୁବେଳେ ଧରି ଆସିଛି ଧନ୍ଦା ହିଁ ଭଗବାନ। ଏ ଧନ୍ଦା ତାକୁ ବହୁତ ଦେଇଛି। ଏତେସବୁ ଭାବିବା ଭିତରେ କେତେବେଳେ ତା' ମୋବାଇଲ୍‌କୁ କଲ୍ ଆସିଥିଲା, ସେ ଯାଇ ସହରର ଶେଷ ଲେନ୍‌ରେ ସ୍ୱର୍ଗଯାନ ଲଗେଇଥିଲା, କେତେବେଳେ ସଂପର୍କୀୟମାନେ ମୃତଦେହ ତା' ଗାଡ଼ିରେ ରଖିଥିଲେ, ସବୁସାରି ସେ କେତେବେଳେ ପୁରୀ ଅଭିମୁଖେ ଗାଡ଼ି ଛୁଟାଇଥିଲା ଜାଣିପାରି ନଥିଲା । ମୁକୁଲ ଗାଡ଼ି ଚଳାଉଥିଲା, ପଛକୁ ଚାହୁଁ ନଥିଲା । ପଛ ସିଟ୍‌ରେ ନିରବରେ ଶୋଇଛି ଜୀବନର ସବୁଠାରୁ ବଡ଼ ସତ୍ୟ। ସେ ସତ୍ୟ ନିରାଟ, ନିଟୋଳ । ଏଥର ପଛକୁ ଚାହିଁଲା ମୁକୁଲ । ସ୍ଥିର ହୋଇ ପଡ଼ିଛି ଶରୀର । ମଲା ଦେହର ଓଜନ କାହିଁ? ଶୂନ... ଶୂନ ତ ନୁହେଁ, ବରଂ ଶୂନ୍ୟ, ମହାଶୂନ୍ୟ । ହଠାତ୍ କିଛି କଥା ତା' କାନରେ ବାଜିଲା ପରି ଲାଗିଲା । ଫିସ୍ ଫିସ୍ କରି ଯେମିତି କିଏ କହିଲା, "ମଣିଷ ଯେତେ ଦୂରକୁ ଯାଉନା କାହିଁକି ଶେଷରେ ସମସ୍ତଙ୍କ ଠିକଣା ଗୋଟିଏ। ଠିକ୍ ଯେମିତି କିଏ କୋଉ କାମଧନ୍ଦା କରୁଛି ଭିନ୍ନକଥା, ସମସ୍ତଙ୍କ ଉଦ୍ଦେଶ୍ୟ ଏକ ।" ତା' ଗାଡ଼ିର ଟାୟାର୍ ଜୋର୍‌ରେ ଗଡୁଥିଲା, ସେ ବେଶି ବେଶି ଆଶ୍ୱସ୍ତ ହେଉଥିଲା ।■

ମୋ: ୯୪୩୮୨୯୦୪୯୧

# ଅପେକ୍ଷା କର



ପୀତାମ୍ବର ତରାଇ

ଥିବି ନଥିବି, ତମର ଯାଏ ଆସେ ନାହିଁ
ଯେତିକି ଦିନ ଥିବି
ସେତିକି ମୋର ଆବଶ୍ୟକ,
ନିଆଁର ଠିକଣା ଜାଣିବା
ଭାତ ଭିଆଣର ରହସ୍ୟ ଭେଦ କରିବା
ମୋର ହେବ ପ୍ରଥମ କାମ।

ତମେ ଯେ ନିଆଁକୁ ଆୟତ୍ତ କରି
ଡର ଭୟର ଭଣ୍ଡାର ଭରିଛ
ଭାତକୁ ବ୍ୟବସାୟିକ
ଉପାଦାନ କରି
ଭୋକକୁ କରୁଛ କଲବଲ
ପାଣିକି ପଣକରି ଶୋଷ ସହିତ
ଖେଳୁଛ ମାୟା ମନ୍ଥନର
ମର୍ମ ବେଦନା ଖେଳ
କେବେ ନା କେବେ ତମସହ
ଜୋରଦାର ମୁଲାକାତ୍ ହେବ ହିଁ ହେବ।

କେତେ ମାମୁଲି ହୋଇପାରେ
ବାଟ ପାଉ ନଥିବା
ସେହି ସବାଶେଷ ଲୋକ,
କେତେ ଅସହାୟ ହୋଇପାରେ
ତମ ପଛରେ ଧାଉଁଥିବା
ଆଶା ଅନିଶାର ଧୂସର ଦୁଃଖ
ଜାଣିଲେ ବି ତମ ବିଭାଜିତ
ଗାଣିତ୍ୟିକ ସୂତ୍ର, ଗୈରିକ କୌଶଳ
ତଥାପି ବେଫିକର, ଚିନ୍ତା ବିହୀନ।

ସେମାନେ ଦିନେ ନା ଦିନେ ଫେରିବେ
ହାତରେ ଧରି ମୁକ୍ତିର ସୂର୍ଯ୍ୟ ଉଦୟ
ଉଡ଼ାଇ ଜୀବନ ରାଣର
ଫରଫର ପତାକା ସହିତ
ଅଧିକାର ଦାବିର ରକ୍ତ ଟହଟହ
ଗୋଟେ ମଧ୍ୟାହ୍ନର ଦ୍ରୋହସ୍ୱର।

ଦିନେ ନା ଦିନେ କ୍ଷେତର ମାଟିତଳୁ
ଉଠି ଆସିବ ଝାଳ ସର୍ସର
କ୍ଷୁଧା ଜର୍ଜରିତ ଆକ୍ରମଣ
ଦିନେ ନା ଦିନେ ଜାତୀୟ ରାଜପଥର
କଳା ମଚମଚ ପିଚୁ ଭିତରୁ
ହଜାର ହଜାର ରକ୍ତ ରଚିତ ମହାକାବ୍ୟ
ଭୂମିଷ୍ଠ ହେବ ସେଦିନ, ଅପେକ୍ଷା କର।

କେତେ ବାଗରେ ତମ ପରିଚାଳିତ
ଗୋପନ ଜିଜ୍ଞାସା କ୍ଷତ ବିକ୍ଷତ କରେ
ନିମ୍ନ ଜୀବନନାମାର
ମଧୁର ସ୍ୱରଲିପିକୁ ପ୍ରତିଦିନ,
କେତେ ଚତୁରତାରେ ଶୋଷଣ କରେ
ଛୋଟମୋଟ ଦୀନହୀନଙ୍କ
ବଞ୍ଚିବାର ଦୟନୀୟ ଅଭିଳାଷ,
କେତେ ଛଳ ହସର ବୀଭତ୍ସ ଦାନ୍ତରେ
ଭକ୍ଷି ଯାଅ ସ୍ୱପ୍ନସୁଖୀ ଗାଁର
ହାଡ଼ ମାଂସ ରକ୍ତ ଫୁଲର ମହୋତ୍ସବ,
ମନେ ରଖିବାକୁ ହେବ
ଶେଷରେ ସେମାନଙ୍କ ନୀରବ କ୍ରନ୍ଦନ
କ୍ରୋଧ ପାଲଟିବ, ସଂଭାବନା ହୋଇ
ଫେରି ଆସିବ, ସଂଭାଳିବ ତ ?

ମନେରଖ, ସବୁଦିନ ମୁଁ ପ୍ରତିପକ୍ଷ
ଅଛି ସେମାନଙ୍କ ସହ
ସେମାନଙ୍କ ଲୁହ ଭିତରେ ମୁଁ ଦେଖୁଛି
ଭାଙ୍ଗି ପଡୁଛି ମୋ ଦେଶ
ମୁଁ ଅଛି ବିଶ୍ୱାସ ଓ ଦୀର୍ଘଶ୍ୱାସର
ଲେଖୁଥିବା କବିତାର ଶେଷ ପଂକ୍ତି ପର୍ଯ୍ୟନ୍ତ। ■

ମୋ : ୯୪୩୭୧୬୩୪୨୧



# ମାଟିଘଟ



ସେନାପତି ପ୍ରଦ୍ୟୁମ୍ନ କେଶରୀ

ହାତ ଗୋଡ଼ ଚଳୁ ଥାଉ ଥାଉ କିଛି ଲୋକ
କାହିଁକି ହଠାତ ମରିଗଲା ପରି ଲାଗନ୍ତି ?

କେତେବେଳେ ଆଖିରୁ ଉଭେଇଯାଏ
ଚିହ୍ନା ଆକାଶର ରଙ୍ଗ
ପଥୁରିଆ ଲାଗେ ମନତଳର ଘାସୁଆ ମାଟି
ଧୀରେ ଧୀରେ ବଞ୍ଚିବା ମରିବା ଭିତରେ
କମି ଆସେ ଦୂରତା
ଭେଟ ହେଲେ
ଆଗ ଭଳି ସମ୍ପର୍କର ବାସ୍ନା ଆଉ ବାରି ହୁଏନି।

ସେତେବେଳେ ଜୀବନ ବୋଧେ
ଆଉ ଆୟତରେ ନଥାଏ
ଛାତି ଉଠପଡ଼ ହେବା କ'ଣ ଜୀବନ ?

ଯୋଉ ଗାଁ ମାଟିରେ ଘୁଷୁରି ଘୁଷୁରି
ଆମେ ଗେଣ୍ଡାରୁ ଶଙ୍ଖ ହେଲେ
ଆମ ଆଖିରୁ ଅନ୍ଧାରକଣା କାଢ଼ି ନେଇ
ଯୋଉ ମାଟି ଆମକୁ ଦେଖାଇଲା ଦିଗନ୍ତର ଶୋଭା
ସିଏ ଏକା ଜାଣେ ବଞ୍ଚିବାର ସୁଆଦ କେତେ ମିଠା !

ସେଥିପାଇଁ ତ ସବୁ ଦୁଃଖ କଷ୍ଟ
ସହି ହସୁଥାଏ ମାଟିଘଟ
ଯୋଉଠି ହୃଦୟର ଭାବ ପାଲଟିଯାଏ କଦମ୍ବ ବନ
ଯୋଉଠି ଷୋଳ ସହସ୍ର ମୁରଲୀ ବାଜନ୍ତି ଏକତ୍ର !

ବିଶ୍ୱାସ ହିଁ ଗୋଟେ ଗାଁ
ନିଜକୁ ଅଜାଡ଼ି ଦେଲାପରେ
ଯେଉଁଠି ଦେହ ହୁଏ ମେଦିନୀ, ଆଉ ମନ ହୁଏ ଆକାଶ
ନିଃଶ୍ୱାସ ହୁଏ ମୁଗ୍ଧ ସମୀରଣ,
ଆଖିର ଜ୍ୟୋତି ପାଲଟେ ସୂରୁଜ କିରଣ
ଯନ୍ତ୍ରଣାର ଲୁହ ପବିତ୍ର ଗଙ୍ଗାଧାର
ସ୍ୱଚ୍ଛ ତରଙ୍ଗ ପରି ବହୁଥାଏ ବର୍ଷକ ବାର ମାସ।

ଗାଁ ଗୋଟେ ପରୀକ୍ଷାଗାର
ଯିଏ ଚଟକଣିକୁ କରିପାରେ ମିଠା ଚଇତାଳି,
ଇଙ୍ଗିତକୁ ନିଧୁବନ, ଡରାଣକୁ ଚୁମ୍ବନ
ଭୟ ଭ୍ରାନ୍ତିକୁ କୋଳାଗ୍ରତର ମିଠା କିରଣ !

ଗାଁକୁ କିଏ ଜାଳିପାରିବ ଘୃଣାର ବହ୍ନିରେ ?
କିଏ ଲିଭେଇ ପାରିବ
ନଈ କୂଳ ପୁରୁଣା ବରଗଛର ଅସ୍ତିତ୍ୱ ?
ପାଉଁଶ ଭିତରୁ ଉଠି ଆସି
ପୁଣି ପାଲଟିଯିବ ସେ ଝଙ୍କାଗଛ
ଦୁଇ ଡେଣା ମେଲେଇ ଖେଦି ଆସିବ ଚଉଦ ବ୍ରହ୍ମାଣ୍ଡ।

ପ୍ରେମ ଉପରେ କାହାର ଥାଏ କି ଏକଚାଟିଆ ଅଧିକାର
ସିଏ ଗୋଟେ ଜଳ ଜାହାଜ
ଜୀବନକୁ ଚଳାଇ ନେବାକୁ
ପାଲଟିଯାଏ ଜଣେ ଅନୁଭବୀ ନାବିକ
ସମୁଦ୍ରରେ ଯାତ୍ରା କରୁ କରୁ ଯଦି ସାମ୍ନାରେ
ହଠାତ୍ ପଡ଼େ ତୁଷାର ପାହାଡ଼
ସକଳ ବାଧା କାଟିବାକୁ
ଉତ୍ତାଳ ଲହଡ଼ିମାନଙ୍କୁ ଶାଣିତ ଅସ୍ତ୍ର ସଜାଏ ପ୍ରେମ।

ବଞ୍ଚିଥାଉ ଥାଉ ଯୋଉମାନେ ମରିଗଲେ
ଯୋଉମାନେ ନିଜ ପଚା ମନ ପାଇଁ ପାଲଟିଗଲେ ମୁର୍ଦ୍ଦାର
ସେମାନଙ୍କର ଶବକୁ ଦେଖ
ଚିତା ଚଇତନ ମାଖି ଗେରୁଆ ପିନ୍ଧି
ଚାଲୁଛନ୍ତି ଯେମିତି ଗୋଟେ ଗୋଟେ ଚଳନ୍ତା ଶବ।

ତୁମ ଆଖିରେ ପ୍ରେମର ତନ୍ମୟ ତେଜ ଅଛି ତ
ତୁମେ ଦିନେ ନା ଦିନେ ପାଲଟିବ ଭୂମିବୀଜ
ଦୁରାରୋଗ୍ୟ ବ୍ୟାଧିରୁ
ପୃଥିବୀର କଳିଜାକୁ ମୁକ୍ତ କରିବାକୁ ସମର୍ଥ। ■

'ସାଇ ସର୍ଜନା' ଜଗନ୍ନାଥ କଲୋନୀ
ବାଲିକୁଦା ଗୋପାଳପୁରର
କଟକ - ୭୫୩୦୧୧
ମୋ: ୬୩୭୧୫୬୩୫୯୮

## ପୁସ୍ତକ ପରିଚୟ

### ହଜି ଯାଇଥିବା ପକ୍ଷୀର ଗୀତ

ରୋହିତ କୁମାର ଦାଶ



ବନଫୁଲ
ଚକେଇସିହାଣି, ଭୁବନେଶ୍ୱର
ପିନ୍: ୭୫୧୦୧୦
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୯୫ ଟଙ୍କା

"କିଛିକୁ ପାଇବାକୁ ହେଲେ/ କିଛି ତ ହରେଇବାକୁ ହେବ/ ଏବଂ କିଛି ହରେଇଲେ ଯାଇ/ କିଛି ପାଇବ ।" (ପୃ:୩୫) ପ୍ରକୃତରେ ଜୀବନରେ କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼ିଥାଏ। ବାସ୍ତବ ଜୀବନର ଏଭଳି ଚିତ୍ର କବି ରୋହିତ କୁମାର ଦାଶଙ୍କ 'ହଜି ଯାଇଥିବା ପକ୍ଷୀର ଗୀତ' ପୁସ୍ତକର ଅନେକ କବିତାରେ ପ୍ରତିଫଳିତ। ଏହି ପୁସ୍ତକର 'ଶାନ୍ତି ବାର୍ତ୍ତା', 'ମୋ ମୃତ୍ୟୁରେ କେହି ବ୍ୟଥିତ ହୁଅନି', 'ଏବେ ଆଉ କିଏ କୋଉଠି ଅଛି', 'ମୋ ଏକାକୀତ୍ୱର ଏକମାତ୍ର ସାଥି', 'ସେଇ ଅଲିଖିତ ନିୟମ', 'ଉର୍ଦ୍ଧ୍ୱ ଉଡ଼ାଣ', 'ବିଶ୍ୱାସ ଅଛି ବୋଲି ପୃଥିବୀ ରହିଛି', 'ବହିଯିବାର ନାମ ହିଁ ଜୀବନ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ଏହି କବିତାଗୁଡ଼ିକରେ ଜୀବନ ଦର୍ଶନ, ସାମାଜିକ ବାସ୍ତବତା, ମଣିଷର ଆଶା, ଆକାଂକ୍ଷା, ସ୍ୱପ୍ନ, ପ୍ରେମ, ମୋହଭଙ୍ଗ ପ୍ରତିଫଳିତ ହୋଇଛି। ଛଳ ଛଳ ଭାବ, ସରଳ ଭାଷା, ସାବଲୀଳ ଉପସ୍ଥାପନା ଶୈଳୀ ଯୋଗୁଁ କବିତାଗୁଡ଼ିକ ଅଧିକ ଆକର୍ଷଣୀୟ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ସମୟର ସୃଜନ

ସୁଶାନ୍ତ କୁମାର ମିଶ୍ର



ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ପ୍ଲଟ୍ -୨୮୬, ସେକ୍ଟର-୫
ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ସାହିତ୍ୟିକ ତଥା ସ୍ତମ୍ଭକାର ସୁଶାନ୍ତ କୁମାର ମିଶ୍ରଙ୍କ ଲିଖିତ କେତୋଟି ଉଚ୍ଚକୋଟୀର ଓ ମନନଶୀଳ ପ୍ରବନ୍ଧକୁ ନେଇ ପ୍ରକାଶ ପାଇଛି 'ସମୟର ସୃଜନ' ପୁସ୍ତକ। ଏହି ପୁସ୍ତକରେ ୪୦ଟି ପ୍ରବନ୍ଧ ସଂକଳିତ ହୋଇଛି। ଓଡ଼ିଶାର ଧର୍ମ, ସଂସ୍କୃତି, ପର୍ଯ୍ୟଟନ, ଇତିହାସ, ସାହିତ୍ୟ, ଜୀବନୀ, ସାମାଜିକ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି ପୁସ୍ତକଟି ସମୃଦ୍ଧ। 'ମାତୃପୂଜା ପରମ୍ପରାରେ ଶକ୍ତି ଓ ଭକ୍ତି', 'ଲକ୍ଷ୍ମୀ ତତ୍ତ୍ୱ ଓ ସାମାଜିକ ଉପଯୋଗିତା', 'ଦାରୁ ଦେବତା', 'ନୂଆଁଖାଇ –ଅନ୍ନ ଓ ଅନ୍ନଦାତାଙ୍କ ପର୍ବ', 'ଶ୍ରୀ ଶ୍ରୀ ନୃସିଂହନାଥ-ହରିଶଙ୍କର : ରହସ୍ୟମୟ ତତ୍ତ୍ୱର ସମାହାର', 'ପଶ୍ଚିମ ଓଡ଼ିଶାର ମହାନାୟକ: ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ', 'ବୀର ମାଟିର ବୀର ଗାଥା', 'ଅମୃତମୟର ପରିଭାଷା: ଗଙ୍ଗାଧର ମେହେର', 'ଯାଯାବର ଓ ବିସ୍ମୟ ପ୍ରତିଭା: କବି ଖଗେଶ୍ୱର ସେଠ୍' ଆଦି ପ୍ରବନ୍ଧଗୁଡ଼ିକରେ ଧର୍ମ, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମ ଉପରେ ଆଲୋକପାତ କରାଯାଇଛି। ବର୍ଣ୍ଣନା ଶୈଳୀ, ଚିନ୍ତନରେ ନୂତନତ୍ୱ, ଭିନ୍ନ ଦୃଷ୍ଟିଭଙ୍ଗୀ, ଭାବ ଓ ଭାଷାରେ ସମନ୍ୱୟ ଯୋଗୁଁ ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ପ୍ରଭାବଶାଳୀ ହୋଇଛି। ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କ ହୃଦୟକୁ ଆଲୋଡ଼ିତ କରିବ ବୋଲି ଆଶା କରାଯାଏ। ■

# ସାଂପ୍ରତିକ ଓଡ଼ିଆ ସାହିତ୍ୟର ସ୍ୱର ଓ ସ୍ୱାକ୍ଷର



ଡକ୍ଟର ଭଗବାନ ପଟେଲ

ସାଂପ୍ରତିକ ଓଡ଼ିଆ ସାହିତ୍ୟ ବହୁବର୍ଣ୍ଣା। ଯୁଗେ ଯୁଗେ ସାହିତ୍ୟର ଗତିପଥ ପରିବର୍ତ୍ତନଶୀଳ। ପାଠକୀୟ ରୁଚି ଅନୁକୂଳ ସାହିତ୍ୟ ସୃଷ୍ଟି କରିଥାନ୍ତି କାଳଜୟୀ ସାରସ୍ୱତ ସ୍ରଷ୍ଟାଗଣ। ଜୀବନ ଜିଜ୍ଞାସାର ସ୍ୱର ଓ ସ୍ୱାକ୍ଷର ଅନୁରଣିତ ହୁଏ ସାହିତ୍ୟର ପ୍ରତିଟି ପୃଷ୍ଠାରେ। ଯୁଗୀୟ ଚିନ୍ତା ଓ ଚେତନାକୁ ଆଧାର କରି ସାହିତ୍ୟ ହୁଏ ସମୃଦ୍ଧ ଓ ଋଦ୍ଧିମନ୍ତ। ଭାବାନୁସାରୀ ଭାଷାର ପ୍ରୟୋଗ ଦ୍ୱାରା ଲେଖକର ଲେଖନୀ ହୁଏ ଚଳଚଞ୍ଚଳ ତଥା ଗତିଶୀଳ। ପ୍ରତିଟି ଲେଖକ ନିଜର ଅନୁଭୂତିକୁ ଆଧାର କରି ସୃଷ୍ଟି କରେ ଉଚ୍ଚାଙ୍ଗ ସାରସ୍ୱତ ସାହିତ୍ୟ। ସୁତରାଂ, ଓଡ଼ିଆ ସାହିତ୍ୟ ଏବେ ବହୁ ଭାବପ୍ରସ୍ଥଯୁକ୍ତ ହେବାରେ ଲାଗିଛି। ବିଶେଷତଃ, ଜୀବନଧର୍ମିତା ହେଉଛି ସାହିତ୍ୟର ଲକ୍ଷ୍ୟ ତଥା ଧର୍ମ।

ପରମ୍ପରା ଓ ପୁରୋଦୃଷ୍ଟିକୁ ଆଧାର କରି ସାହିତ୍ୟ ହୁଏ ପରିପୁଷ୍ଟ। ଲେଖକୀୟ ଅସ୍ମିତା ଭିତରେ ଥାଏ ଯୁଗପତ ମଣିଷ ଜୀବନର ସକଳ ଭାବାବେଗର ପ୍ରମୁଖ ଭୂମିକା। ସାହିତ୍ୟ ହେଉଛି ମାନବୀୟ ଅଭିବ୍ୟକ୍ତିର ମାଧ୍ୟମ। ସାହିତ୍ୟ ସମାଜକୁ ଦିଏ ନୂତନ ଦିଗ୍‌ଦର୍ଶନ। ଚଳନ୍ତି ସମୟର ଘଟଣାବଳୀକୁ ସାହିତ୍ୟରେ ପରିପ୍ରକାଶ କରିବା ହେଉଛି ସାରସ୍ୱତ ସାଧକର ପ୍ରଧାନ ଓ ପ୍ରଥମ ଧର୍ମ। ଯେଉଁ ସାହିତ୍ୟରେ ମଣିଷର କଥା ଓ କାହାଣୀକୁ ବେଶ୍ ଶ୍ରଦ୍ଧାଶୀଳ ରୂପରେ ଉପସ୍ଥାପନ କରାଯାଇଥାଏ, ତାହା ଯୁଗଲଙ୍ଘୀ ସାହିତ୍ୟ ରୂପରେ ପ୍ରତିଭାତ ହୁଏ। ଏକ ନିର୍ଦ୍ଦିଷ୍ଟ କାଳ ଖଣ୍ଡରେ ରଚିତ ହେଉଥିବା ସାହିତ୍ୟର ଅଭିମୁଖ୍ୟ ପ୍ରାୟତଃ ଏକ ପ୍ରକାରର ହୋଇଥାଏ। ସାଂପ୍ରତିକ ସମୟରେ ଯେଉଁସବୁ ସାହିତ୍ୟ ସୃଷ୍ଟି କରାଯାଇଛି, ତାହା ହୁଏତ ମାନବ ସଂପ୍ରୀତିର କଥାକୁ ହିଁ ପରିପ୍ରକାଶ କରିଥାଏ। ସତ୍ୟ-ଶିବ-ସୁନ୍ଦରକୁ ଆଧାର କରି ସାହିତ୍ୟ ହୁଏ କାଳଜୟୀ।

'ଆଧୁନିକ' ହେଉଛି ଏକ ଆପେକ୍ଷିକ ଶବ୍ଦ। ଏଣୁ ପ୍ରତିଟି ଯୁଗରେ ପ୍ରତିଟି ମଣିଷ ନିଜକୁ ଆଧୁନିକ ବୋଲି ପ୍ରମାଣିତ କରିବାର ଯଥୋଚିତ ଆଗ୍ରହ ପ୍ରକାଶ କରିଥାନ୍ତି। ସମୟର ଆହ୍ୱାନକୁ ନିର୍ଦ୍ଦିଷ୍ଟ କାଳ ଖଣ୍ଡରେ ପରିବ୍ୟାପ୍ତ କରାଯିବା ହେଉଛି ସାଂପ୍ରତିକ ସାହିତ୍ୟର ପ୍ରମୁଖ ଦିଗ। ଓଡ଼ିଆ ସାହିତ୍ୟ ହୋଇପାରିଛି ବିଶ୍ୱ ସାହିତ୍ୟର ସମଧର୍ମୀ। ଏଣୁ ସବୁ ସାହିତ୍ୟିକମାନେ ଦେଶ-କାଳ-ପାତ୍ର ଊର୍ଦ୍ଧ୍ୱରେ ରହି ରଚନା କରୁଛନ୍ତି ସଂବେଦନଶୀଳ ଓ ସହାନୁଭୂତି ପରିପୂର୍ଣ୍ଣ ସାହିତ୍ୟ। ବର୍ତ୍ତମାନ ସାହିତ୍ୟ ହେଉଛି ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣର ବଶବର୍ତ୍ତୀ। ଯଥାର୍ଥରେ ସବୁ ଦେଶ ସହିତ ଆମର ସଂପର୍କ ଖୁବ୍ ନିବିଡ଼ ଓ ପ୍ରାଣବନ୍ତ। ପ୍ରତିଟି ମଣିଷ ସହିତ ଆମ ସାହିତ୍ୟ ବିଶେଷ ଭାବରେ ସଂଯୁକ୍ତ ହେବାରେ ଲାଗିଛି। ପ୍ରତିଟି ଜନମାନସର ଆଶା, ଆକାଂକ୍ଷା, ବିଶ୍ୱାସ ଆଦିକୁ ରୂପାନ୍ତରିତ କରି ସମନ୍ୱିତ କରିବା ଦ୍ୱାରା ଆମ ଭାଷାର ସମୃଦ୍ଧି ଘଟୁଛି।

ପାଠକ ସମୂହ ନୂତନ ନୂତନ ଦୃଷ୍ଟି ଓ ଦର୍ଶନକୁ ବିଶେଷ ପ୍ରାଧାନ୍ୟ ପ୍ରଦାନ କରି ବିଶ୍ୱ ସାହିତ୍ୟ ପ୍ରତି ଆଗ୍ରହାନ୍ୱିତ ହୋଇ ଉଠୁଛନ୍ତି। ପ୍ରବଳ ଆଗ୍ରହ ହେଉଛି ସାଂପ୍ରତିକ ସାହିତ୍ୟର ପ୍ରଧାନ ଗୁଣ। ଲୋକଙ୍କ ଭାବାବେଗକୁ ସଠିକ୍ ମାର୍ଗରେ ପରିଚାଳିତ କରିବା ହେଉଛି ଯୁଗୀୟ ଧର୍ମ। ସୁତରାଂ, ସାହିତ୍ୟ ଜଣକର ହୋଇ ରହିନାହିଁ, ଏହା ଗଣରେ ହୋଇଛି ପରିବର୍ତ୍ତିତ। ଲେଖକର ଅସ୍ମିତା ବଳରେ ଜାତୀୟ ସାହିତ୍ୟ ହୁଏ ଅଧିକ ଯୁଗ ଚେତନାରେ ସମୃଦ୍ଧ। ଯାହା ସାମାଜିକ ଜୀବନକୁ ସଂଜତ, ମାର୍ଜିତ ଓ ସୁସଂଗଠିତ କରିଥାଏ, ତାହା ହିଁ ସତ୍ ସାହିତ୍ୟ ନାମରେ ପରିଚୟ ଲାଭ କରିଥାଏ। ସର୍ବୋପରି, ସାହିତ୍ୟରେ ଲେଖକର ଦୃଷ୍ଟି ଓ ଦର୍ଶନର ଅଭ୍ରାନ୍ତ ପରିଚୟ ପ୍ରତିଫଳିତ ହୋଇଥାଏ। ଏଠାରେ ବିଶ୍ୱ-ଭ୍ରାତୃତ୍ୱ ମନୋଭାବର ପରିଚୟ ହୁଏ ଦୃଷ୍ଟିଗୋଚର। ସାମାଜିକ ଦାୟିତ୍ୱ ବୋଧ ନିର୍ବାହ କରିବା ହେଉଛି ଲେଖକର ଧର୍ମ। ଓଡ଼ିଆ ସାହିତ୍ୟ ଏଦିଗରେ ବିଶେଷ ସଫଳତା ଲାଭ କରିଥିବାର ହୃଦ୍‌ବୋଧ ହୋଇଥାଏ।

ସମୟ ବଡ଼ ବଳବାନ୍। ସମୟ ଆଗରେ ସମସ୍ତଙ୍କୁ ମୁଣ୍ଡ ନୁଆଇଁବାକୁ ପଡ଼େ। ଅକ୍ଷତ ଯୌବନ ଭିତରେ ଯେପରି ଆଶା ଓ ବିଶ୍ୱାସ ପୂର୍ଣ୍ଣ ପ୍ରତିଫଳିତ ହୁଏ, ଠିକ୍ ତଦ୍ରୂପ ସାହିତ୍ୟରେ ଅବଗାହନ କରିଥିବା ପ୍ରତିଟି ମଣିଷ ମାନବବାଦର ଜୟଗାନ କରେ ନିର୍ବିକାର ଚିତ୍ତରେ। ମାନବିକ ମୂଲ୍ୟବୋଧର ଅନୁସନ୍ଧାନ କରାଯାଇଛି ଅଧିକ ଆଗ୍ରହର ସହିତ। ଜୀବନ ବେଦର କରାଯାଇଛି ଜୟଗାନ। ପ୍ରେମ, ସ୍ନେହ, ଶ୍ରଦ୍ଧା, ଆଶା, ବିଶ୍ୱାସ ଇତ୍ୟାଦି ଭିତରେ ଜୀବନ ହୋଇଛି ପରିବର୍ଦ୍ଧିତ ଓ ସୁସମନ୍ୱିତ। ସତ୍ୟର ଜୟ ଏବଂ ପାପର କ୍ଷୟ ହେଉଛି ସାହିତ୍ୟାଦର୍ଶର ମୂଳାଧାର। ଏଣୁ ପ୍ରତିଟି କ୍ଷେତ୍ରରେ ସାଂପ୍ରତିକ ସାହିତ୍ୟ ନ୍ୟାୟ ପ୍ରଦାନ କ୍ଷେତ୍ରରେ ହୋଇଛି ଅଧିକ ସକ୍ଷମ। ସାଂପ୍ରତିକ ସାହିତ୍ୟ ହେଉଛି ମାନବ ଜୀବନର ନବ-ମୂଲ୍ୟାୟନର ଏକମାତ୍ର ନିର୍ଭରଯୋଗ୍ୟ ମାଧ୍ୟମ ତଥା ବିଷୟ।

ଜଗତର କଲ୍ୟାଣ ନିମନ୍ତେ ସାହିତ୍ୟ ରଚନା କରାଯାଇଛି କେଉଁ ଏକ ଆବହମାନ କାଳରୁ। ସାହିତ୍ୟର ଗତିପଥ ନଦୀର ସୁଅ ସଦୃଶ। ଏହା ସର୍ବଦା ସର୍ପିଳ ଗତିରେ ଅଗ୍ରସର ହୋଇଥାଏ। ଜାତୀୟ ସ୍ୱାଭିମାନ ଓ ଆତ୍ମ-ବିଶ୍ୱାସର ସହିତ ସାଂପ୍ରତିକ ସାହିତ୍ୟ ସାଧକ ଗତିଶୀଳ ହେଉଥିବାର ଦୃଶ୍ୟମାନ ହୋଇଥାଏ। ଏପରି ସ୍ଥଳେ ସାହିତ୍ୟର ଆଭିମୁଖ୍ୟ ଖୁବ୍ ସଂପ୍ରସାରଣଶୀଳ ହୋଇଥିବାର ମନେ ହୁଏ। ସାହିତ୍ୟିକ ମାତ୍ରକେ ସଞ୍ଚରଣଶୀଳ। ଅନ୍ୟଥା ସାହିତ୍ୟ ସ୍ଥାଣୁ ପାଲଟି ଯାଏ। ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ। ଏହା ସର୍ବଦା ସମାଜର ଚିତ୍ର ଓ ଚରିତ୍ରକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଥାଏ, ସାହିତ୍ୟର ପ୍ରତିଟି ପୃଷ୍ଠାରେ। ସାହିତ୍ୟ ହେଉଛି ଶୈଳୀ ସର୍ବସ୍ୱ।

ନିରବଧି କାଳ ହିଁ ଏହାର ଶ୍ରେଷ୍ଠ ବିଚାରକ। କାଳ ହିଁ ସାହିତ୍ୟର ମାନ ନିର୍ଦ୍ଧାରଣ କରିଥାଏ। ଯେଉଁମାନେ କ୍ଲାସିକ୍ ସାହିତ୍ୟ ସୃଷ୍ଟି କରିଥାନ୍ତି, ସେମାନେ ହିଁ କାଳ ବକ୍ଷରେ ଅକ୍ଷତ ପଦଚିହ୍ନ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିଥାନ୍ତି। ଏଣୁ ସାଂପ୍ରତିକ ସମୟର ସାହିତ୍ୟ ସର୍ବଦା ଗତିଶୀଳ ହେବାରେ ଲାଗିଛି। ପ୍ରାଚ୍ୟ-ପାଶ୍ଚାତ୍ୟ ଭାବଧାରାର ମହାମିଳନ ସଂଗଠିତ ହୋଇପାରିଛି ସାଂପ୍ରତିକ ଓଡ଼ିଆ ସାହିତ୍ୟ ଜଗତରେ। ବିଶ୍ୱ ଏକ ଗ୍ରାମରେ ପରିଣତ ହୋଇଛି। ତେଣୁ ଭୌଗୋଳିକ ସୀମା-ସରହଦକୁ ଅତିକ୍ରମ କରିଛି ସାହିତ୍ୟ ଜଗତ। ପରମଆନନ୍ଦରେ ସାହିତ୍ୟ ଜଗତ ହୋଇଉଠିଛି ଉଲ୍ଲସିତ ଓ ମହିମା ବିମଣ୍ଡିତ। "ବହୁଜନ ସୁଖାୟଃ, ବହୁଜନ ହିତାୟଃ"- ନୀତିରେ ସାହିତ୍ୟର ମାର୍ଗ ଖୁବ୍ ପ୍ରଶସ୍ତ ଓ ମହିମା ବିମଣ୍ଡିତ ହୋଇପାରିଛି। ଜାତୀୟ ମମତା ଓ ବିଶ୍ୱଜନପ୍ରୀତି ହେଉଛି ସାଂପ୍ରତିକ ଓଡ଼ିଆ ସାହିତ୍ୟର ପ୍ରମୁଖ ଦିଗ ଓ ଦିଗନ୍ତ। ଦୃଢ଼ ଆତ୍ମବଳ ଓ ଏକ ନିଷ୍ଠ ଉଦ୍ୟମ ଦ୍ୱାରା ସାଂପ୍ରତିକ ଓଡ଼ିଆ ସାହିତ୍ୟ ଅଧିକ ପରିବ୍ୟାପ୍ତ ହେବାରେ ଲାଗିଛି। ସାଂପ୍ରତିକ ଓଡ଼ିଆ ସାହିତ୍ୟ ବହୁ ପରୀକ୍ଷା ନିରୀକ୍ଷା ଦ୍ୱାରା ହୋଇପାରିଛି ଅଧିକ ଗତିଶୀଳ ଓ ପରିବ୍ୟାପ୍ତ। ସୁତରାଂ, ସାଂପ୍ରତିକ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଅଧିକ ସମୁଜ୍ଜ୍ୱଳ ଓ ସମ୍ଭାବନାମୟ ହେବାରେ ଲାଗିଛି। ■

ଦାଲଦଲି, କୁଣ୍ଡୁକେଲା
ଜି: ସୁନ୍ଦରଗଡ଼- ୭୭୦୦୧୯
ମୋ: ୮୯୧୭୪୫୭୩୭୮

■ ଘରେ ନିଆଁ ଲଗାଇ ହତ୍ୟା ଉଦ୍ୟମ ମାମଲା

## ଅଭିଯୁକ୍ତକୁ ୬ ବର୍ଷ ଜେଲ୍ ଦଣ୍ଡାଦେଶ

ଉଦଳା,୧୯।୯ (ସମିସ): ହତ୍ୟା ଉଦ୍ୟମ କରି ଘରେ ନିଆଁ ଲଗାଇବା ମାମଲାର ରାୟ ଶୁଣାଇଛନ୍ତି ଅତିରିକ୍ତ ଦୌରାଜଜ । ୨୦୨୫ ମେ ୧୧ ତାରିଖ ରାତିରେ କପ୍ତିପଦା ଥାନା ଗେଣ୍ଡାଗଡିଆ ଗ୍ରାମର ମାନସ କୁମାର ମହୁରିଆଙ୍କ ପରିବାର ସଦସ୍ୟ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଦାଦା ଟିମା ମହୁରିଆ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଚାଳଛପର ଘରେ ନିଆଁ ଲଗାଇ ଦେଇଥିଲେ । ସୌଭାଗ୍ୟବଶତଃ ପରିବାର ଲୋକେ ନିଆଁ ଲାଗିଥିବା ଜାଣିପାରି ଗ୍ରାମବାସୀଙ୍କ ସହାୟତାରେ ଘରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ । ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା । ମାନସ ଏ ନେଇ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ୧୧୧/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଦାଦା ଟିମା ମହୁରିଆକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଉକ୍ତ ଘଟଣା କୋର୍ଟରେ ବିଚାରାଧୀନ ଥିବାବେଳେ ଶନିବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି । ଉଦଳା ଅତିରିକ୍ତ ଦୌରାଜଜ ପ୍ରଦୀପ କୁମାର ବେହେରା ୧୬ ଜଣ ସାକ୍ଷୀ ଓ ୨୨ଟି ଦସ୍ତାବିଜ୍ ଯାଞ୍ଚ କରିବା ପରେ ଅଭିଯୁକ୍ତ ଟିମା ମହୁରିଆକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଭାରତୀୟ ନ୍ୟାୟ ସଂହିତା ଧାରା ୧୨୭(୨) ଅନୁସାରେ ଅଭିଯୁକ୍ତ ଟିମା ମହୁରିଆକୁ ୧ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ଭୋଗିବେ ଅଭିଯୁକ୍ତ । ତତସହିତ ଭାରତୀୟ ନ୍ୟାୟ ସଂହିତା ଧାରା ୩୨୬(ଜି) ଅନୁସାରେ ଅଭିଯୁକ୍ତକୁ ୫ ବର୍ଷ ଜେଲ ସହିତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦେୟ ବାବଦକୁ ଏକବର୍ଷ ଅଧିକ ଦଣ୍ଡାଦେଶ ଭୋଗିବେ ଅଭିଯୁକ୍ତ । ସରକାରଙ୍କ ପକ୍ଷରୁ କ୍ୟାଡର ଆଡିସନାଲ ପିପି ଲିଲେଶ କୁମାର ଜେନା ମାମଲା ପରିଚାଳନା କରୁଥିବାବେଳେ ଉପନିର୍ଦ୍ଦେଶକ ଦୀପ୍ତିରଞ୍ଜନ ଷେଣ୍ଡ ମାର୍ଗଦର୍ଶନ ଦେଇଥିଲେ ।

## ନାବାଳକ ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ଜେଲ୍

କଟକ,୧୯ ।୯ (ସମିସ): ଜଣେ ନାବାଳକ ସହିତ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ୪୨ ମୌଜା ଅଞ୍ଚଳର ଅଜୟ ସାମଲ (୩୪)କୁ ୨୦ ବର୍ଷ ସଶ୍ରମ ଜେଲ ଓ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ । କଟକ ଆଡ୍-ହକ୍ ଅତିରିକ୍ତ ଦୌରା ଅଦାଲତ ପୋକସୋ ଆଇନର ଧାରା ୪(୨) ଓ ଆଇପିସିର ଦଫା ୩୭୭ରେ ଅଜୟକୁ ଉପରୋକ୍ତ ଦଣ୍ଡବିଧାନ ସହ ଦୋଷୀ ସାବ୍ୟସ୍ତ କରିଛନ୍ତି । ଜରିମାନା ରାଶି ଅନାଦେୟ କ୍ଷେତ୍ରରେ ଦୋଷୀକୁ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ପ୍ରକାଶିତ ରାୟରେ ସ୍ପଷ୍ଟ କରାଯାଇଛି । ଏଥିସହିତ ପୀଡିତ

**ପୀଡ଼ିତଙ୍କୁ ମିଳିବ ୪ ଲକ୍ଷ ଟଙ୍କା କ୍ଷତିପୂରଣ**

ନାବାଳକଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୨୪, ମାର୍ଚ୍ଚ ୨୩ ଅପରାହ୍ନରେ ୧୪ ବର୍ଷିୟ ନାବାଳକ ଛାତ ଉପରକୁ ଯାଇଥିବା ବେଳେ ଅଜୟ ତାକୁ ଜୋର ଜବରଦସ୍ତ ମାଡିବସି ଅପ୍ରାକୃତିକ ଯୌନ ନିର୍ଯାତନା ଦେଇଥିବା ନେଇ ବେଣ୍ଟକାର (୪୨ ମୌଜା) ଥାନାରେ ପୀଡିତଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିଲେ । ଏହାପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଥିଲା । ଅଭିଯୁକ୍ତ ବିରୋଧରେ ୨୦୨୪, ମେ ୨୧ରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା ପୁଲିସ । ୨୦୨୪, ଅଗଷ୍ଟ ୩୦ରେ ଅଦାଲତରେ ଚାର୍ଜଫ୍ରେମ ହୋଇଥିଲା । ସେପ୍ଟେମ୍ବର ୨୧ରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା । ମାମଲାର ଶୁଣାଣି ସମୟରେ ପ୍ରସିକ୍ୟୁସନ ତରଫରୁ ୧୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶୁଭନାରାୟଣ ଦାସ ମାମଲା ପରିଚାଳନା କରୁଥିଲେ ।

## ବାର୍‌ଗୁଡ଼ିକର ସଙ୍ଗୀତ କାର୍ଯ୍ୟକ୍ରମ ଅନୁମତି ସ୍ଥାୟୀ ଭାବେ ପ୍ରତ୍ୟାହାର କରାଯାଇପାରିବନି: ହାଇକୋର୍ଟ

କଟକ,୧୯ ।୯ (ସମିସ): ଏକ ବାର୍ ପରିସରରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ବା ଅର୍କେଷ୍ଟ୍ରା ଅନୁମତି ପ୍ରତ୍ୟାହାର କରାଯିବା ନେଇ ଦାୟର ହୋଇଥିବା ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ କମିସନର ସ୍ଥାୟୀ ଭାବେ ଏହି ଅନୁମତି ବାତିଲ କରିପାରିବେ ନାହିଁ । ଅବକାରୀ ନିୟମାବଳୀର ସମସ୍ତ ସର୍ତ୍ତ ପୂରଣ ହେବା ପରେ କର୍ତ୍ତୃପକ୍ଷ ନିଷେଧାଦେଶ ପ୍ରତ୍ୟାହାର କରିଥିଲେ ବି ସଙ୍ଗୀତ କାର୍ଯ୍ୟକ୍ରମ ପାଇଁ ପୁନଃ ଅନୁମତି ପ୍ରଦାନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ପ୍ରବାସିନୀ ପଟ୍ଟନାୟକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ନିୟମାବଳୀର ସମସ୍ତ ସର୍ତ୍ତାବଳୀ ପୂରଣ କରି ଅବକାରୀ କମିସନରଙ୍କୁ ଜଣାଇବା ପରେ, ସନ୍ତୋଷଜନକ ଯାଞ୍ଚ ଆଧାରରେ କମିସନର ୨ ସପ୍ତାହ ମଧ୍ୟରେ ସଙ୍ଗୀତ କାର୍ଯ୍ୟକ୍ରମ ପାଇଁ ପୁନଃ ଅନୁମତି ପ୍ରଦାନ କରିବା ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ଓଡ଼ିଶା ଅବକାରୀ ନିୟମାବଳୀ, ୨୦୧୭ ରୁଲ୍-୪୪(୪) ଅନୁଯାୟୀ ୨୧ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନଙ୍କୁ ପୂର୍ବ ଅନୁମତିକ୍ରମେ ସଙ୍ଗୀତ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇପାରିବ । ତେବେ ୨୯ ଅକ୍ଟୋବର ୨୦୨୪ର ସଂଶୋଧିତ ନିୟମ ଅନୁଯାୟୀ, ବାର୍‌ଗୁଡ଼ିକରେ ନୃତ୍ୟ ସଂପୂର୍ଣ୍ଣ ନିଷେଧ କରାଯାଇଛି ଏବଂ କେବଳ ସଙ୍ଗୀତ/ଅର୍କେଷ୍ଟ୍ରା ପାଇଁ କଠୋର ସର୍ତ୍ତାବଳୀ ରଖାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଟିମ୍ ବାର୍‌ରେ ଚଢ଼ଉ କରି ଓଡ଼ିଶା ଅବକାରୀ ନିୟମାବଳୀ, ୨୦୧୭ ରୁଲ୍-୪୪(୫)ର କିଛି ନିୟମ ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲେ । ଏହାପରେ ନିର୍ଦ୍ଧାରିତ ଜରିମାନା ଦାଖଲ କରାଯାଇଥିଲେ ସୁଦ୍ଧା, ଅବକାରୀ ଯୁଗ୍ମ କମିସନର ଗତ ୧୧ ମେ' ୨୦୨୬ରେ ବାର୍‌ରେ ମ୍ୟୁଜିକ୍ ପ୍ରୋଗ୍ରାମ୍ କରିବା ଅନୁମତିକୁ ତୁରନ୍ତ ପ୍ରତ୍ୟାହାର କରିନେଇଥିଲେ । ଏହି ନିଷ୍ପତ୍ତିକୁ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ ।

## ସମୟସୀମା ବାହାରେ ମଦଦୋକାନ ସମ୍ପର୍କିତ ଅଭିଯୋଗ ଅଗ୍ରାହ୍ୟ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ,୧୯ ।୯ (ସମିସ): ମଦ ଦୋକାନ ଲାଇସେନ୍ସ ମଞ୍ଜୁର କିମ୍ବା ନବୀକରଣ ପରେ ଓ ସରକାରୀ ନିୟମାବଳୀ ଅନୁଯାୟୀ ଆପତ୍ତି ଅଭିଯୋଗ ସମୟସୀମା ଶେଷ ହେବା ପରେ ଆସୁଥିବା ଅଭିଯୋଗଗୁଡ଼ିକ ଅଗ୍ରାହ୍ୟ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଓଡିଶା ଅବକାରୀ ନିୟମାବଳୀ-୨୦୧୭ ରୁଲ୍ ୩୩(୨)କୁ ଉଲ୍ଲଙ୍ଘନ କରି ଜିଲ୍ଲାପାଳମାନେ ବାରମ୍ବାର ନିର୍ଦ୍ଧାରିତ ସମୟ ପରେ ବି ଅଭିଯୋଗ ଗ୍ରହଣ କରୁଛନ୍ତି । ଏଥିପାଇଁ ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଉଥିବାରୁ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ

**ରାୟର ନକଲ ଜିଲ୍ଲାପାଳଙ୍କୁ ପ୍ରେରଣ କରିବ ଏଜିଙ୍କ କାର୍ଯ୍ୟାଳୟ**

ଗଠିତ ଖଣ୍ଡପୀଠ ସନ୍ଦୀପ ରାୟଗୁରୁଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସମୟସୀମା ପରେ ଅଭିଯୋଗ ଗ୍ରହଣ କରି ନିର୍ଦ୍ଦେଶ ଦେଇଥିବାରୁ ପୁରୀ ଜିଲ୍ଲାପାଳଙ୍କ ଗତ ୨୦୨୬ ଅଗଷ୍ଟ ୨୦ର ନିର୍ଦ୍ଦେଶନାମାକୁ ରଦ୍ଦ କରିଛନ୍ତି । ଥରେ ଲାଇସେନ୍ସ ମଞ୍ଜୁର ହୋଇଗଲେ, ନିର୍ଦ୍ଧାରିତ ସମୟ ପରେ ସ୍ଥାନୀୟ ଲୋକଙ୍କ ମନ ପରିବର୍ତ୍ତନ କିମ୍ବା ଅଭିଯୋଗକୁ ଆଧାର କରି ବ୍ୟବସାୟିକ ଅଧିକାରକୁ ଅସୁରକ୍ଷିତ କରାଯାଇପାରିବ ନାହିଁ । ଅଧିକାରୀମାନେ ନିୟମାବଳୀର ଉଲ୍ଲଂଘନ କରୁଥିବାରୁ କୋର୍ଟରେ ମାମଲା ସଂଖ୍ୟା ବଢୁଛି । ଏଣୁ ଏହି ପ୍ରସଙ୍ଗରେ ଅଦାଲତଙ୍କ ଏହି ରାୟ ସହ ଗତ ୨୦୨୫ ସେପ୍ଟେମ୍ବର ୮ ରାୟର ନକଲ ସମସ୍ତ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଆଡଭୋକେଟ ଜେନେରାଲ(ଏଜି) ଅଫିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଗତ ଅଗଷ୍ଟ ୨୦ରେ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାକୁ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ ।

## ହୀରାକୁଦର ସମସ୍ତ ଗେଟ୍ ବନ୍ଦ

### ଜଳସ୍ତର ୬୨୯.୯୧ ଫୁଟ୍

ସମ୍ବଲପୁର, ୧୯।୯ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ଗତ କିଛିଦିନ ଧରି ଜଳସ୍ତର ୬୨୯ ଫୁଟ୍ ଉପରେ ରହିଥିବାବେଳେ ପ୍ରବେଶ ଜଳ ପରିମାଣ ଏବଂ ଉପରମୁଣ୍ଡରେ ବର୍ଷା ହ୍ରାସ ପାଇଛି । ଶନିବାର ଅପରାହ୍ଣ ୫ଟା ୨୦ ମିନିଟ୍ ସମୟରେ ଖୋଲାଥିବା ଗୋଟିଏ ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମ୍ପ୍ରତି ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି । ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିବାସହ କର୍ଭରୁଲ୍ ଅନୁଯାୟୀ ଜଳସ୍ତର ବଜାୟ ରଖିଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୭.୪୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୫୫ ମିମି ବର୍ଷା ରେକର୍ଡ କରାଯାଇଛି । ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୯୩ ଫୁଟ୍ ରହିଛି ।

24001/449/2627

### ଓଡିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No RDM-LAA-NGH-0007-2026-35272 / R&DM, Dated:19.08.2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ନୟାଗଡ ଜିଲ୍ଲାର ବୃଉଙ୍ଗ ଜଳ ସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ **ମୌଜା – କେରାଗାଡୁ** , ଥାନା- ଦଶପଲ୍ଲା ନଂ-୧୮୮, ତହସିଲ - ଦଶପଲ୍ଲା, ଜିଲ୍ଲା - **ନୟାଗଡ** ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୪୨.୦୪୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

#### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** - ସାର୍ବଜନୀନ ଉଦ୍ଦେଶ୍ୟରେ ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ପୁନଃବସତି ଓ ଥଇଥାନ ଅଧିକାରୀ, ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ନୟାଗଡ | ଦଶପଲ୍ଲା | କେରାଗାଡୁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୨.୦୪୦ | ଏ. ୪୨.୦୪୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ନୟାଗଡଙ୍କ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

#### ଭୂମି ଅନୁସୂଚୀ

ମୌଜା- କେରାଗାଡୁ, ଥାନା ନମ୍ବର- ୧୮୮,ତହସିଲ ନମ୍ବର-୨୧୬, ତହସିଲ:ଦଶପଲ୍ଲା, ଜିଲ୍ଲା: ନୟାଗଡ

ରୟତି ଜମି ସମ୍ବନ୍ଧୀୟ ବିବରଣୀ

| କ୍ର.ନ | ଖାତା ନମ୍ବର | ଜମି ରେକର୍ଡ ଧାରୀ ଙ୍କ ନାମ ଓ ଠିକଣା | ପ୍ଲଟ ନମ୍ବର | କିସମ | ମୋଟ ରକବା | ଭୂଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୫ | ସୁଜନ ଜାନୀ ପି:ଯୋଗି ଜାନୀ ଜା: କନ୍ଧ ବା: ମଞ୍ଜାରୀ | ୧୭ | ଶାରଦ ତିନି | ୧.୦୦୦୦ | ୧.୦୦୦୦ | |
| | | | ୧୮ | ତଇଳା ଦୁଇ | ୦.୩୬୦୦ | ୦.୩୬୦୦ | |
| | | | ୧୯ | ତଇଳା ଦୁଇ | ୦.୪୨୦୦ | ୦.୪୨୦୦ | |
| | | | ୬ | ତଇଳା ଦୁଇ | ୦.୭୦୦୦ | ୦.୭୦୦୦ | |
| | | | ୧୬ | ତଇଳା ଦୁଇ | ୦.୩୧୦୦ | ୦.୩୧୦୦ | |
| ୨ | ୬ | ସୋମନାଥ ସାହୁ ପି:ଧର୍ମୁ ସାହୁ ଜା: ଶୁଣ୍ଢି ବା: ମଞ୍ଜାରୀ | ୨୦ | ତଇଳା ଦୁଇ | ୦.୮୩୦୦ | ୦.୮୩୦୦ | |
| | | | ୨୧ | ତଇଳା ଦୁଇ | ୧.୪୧୦୦ | ୧.୪୧୦୦ | |
| | | | ୨୨ | ତଇଳା ଦୁଇ | ୨.୦୦୦୦ | ୨.୦୦୦୦ | |
| | | | ୨୩ | ତଇଳା ଦୁଇ | ୧.୩୬୦୦ | ୧.୩୬୦୦ | |
| | | | ୨୪ | ତଇଳା ଦୁଇ | ୪.୬୦୦୦ | ୪.୬୦୦୦ | |
| ୩ | ୭/୩ | ବାଙ୍କନିଧି ସାହୁ ପି:ଅର୍ଜୁନ ସାହୁ ଜା: ଶୁଣ୍ଢି ବା: ମଞ୍ଜାରି | ୨୯ | ତଇଳା ଦୁଇ | ୨.୦୦୦୦ | ୨.୦୦୦୦ | |
| ୪ | ୭/୪ | ଗଣେଶ ସେଠ୍ ପି:ଭ୍ରମର ସେଠ୍ ଜା: ଧୋବା ବା: ଚୁଡାପାଲି ଥା ବଲାଙ୍ଗିର ଜି ବଲାଙ୍ଗିର | ୫/୪୦ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୫ | ୭/୫ | ବିକାଶ ନାଏକ ପି. ବିରଞ୍ଚି ନାଏକ ନାବାଳକ ତରଫ ମାତା ଶାନ୍ତି ନାଏକ ସ୍ୱା:ବିରଞ୍ଚି ନାଏକ ଜା: ପାଣ ବା: ଜଗନ୍ନାଥପ୍ରସାଦ ଥା.ଗଣିଆ ଜି. ବଲାଙ୍ଗିର | ୧୪/୪୧ | ତଇଳା ଦୁଇ | ୦.୪୫୦୦ | ୦.୪୫୦୦ | |
| ୬ | ୭/୬ | ଘାସିରାମ ବାରିକ ପି:ବେଣୁଧର ବାରିକ ଜା: କେଉଟ ବା: ଚୁଡାପାଲି ଥା. ବଲାଙ୍ଗିର ଜି. ବଲାଙ୍ଗିର | ୫ | ତଇଳା ଦୁଇ | ୦.୬୬୦୦ | ୦.୬୬୦୦ | |
| ୭ | ୭/୭ | କିର୍ତ୍ତିଚନ୍ଦ୍ର ନାଏକ ପି:କାଶୀ ନାଏକ ଜା: କେଉଟ ବା: ଚୁଡାପାଲି ଥା. ବଲାଙ୍ଗିର ଜି. ବଲାଙ୍ଗିର | ୧୦/୪୨ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୮ | ୭/୮ | ରୂପେନ୍ଦ୍ର ସେଠ୍ ପି:ତ୍ରିନାଥ ସେଠ୍ ଜା: ଧୋବା ବା: ବଡମାଳ ଥା.ସଇଁତଳା ଜି.ବଲାଙ୍ଗିର | ୧୦ | ତଇଳା ଦୁଇ | ୦.୨୪୦୦ | ୦.୨୪୦୦ | |
| | | | ୧୪ | ତଇଳା ଦୁଇ | ୦.୨୬୦୦ | ୦.୨୬୦୦ | |
| ୯ | ୭/୯ | ପ୍ରଭାତୀ ନାୟକ ସ୍ୱା:ଚନ୍ଦ୍ର ଶେଖର ନାୟକ ଜା: କନ୍ଧ ବା: କୃଷ୍ଣପଲ୍ଲୀ ଥା ଗଣିଆ ଜି ନୟାଗଡ | ୯/୪୩ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୧୦ | ୭/୧୦ | ରମେଶ ଜାନୀ ପି:ମୁକୁନ୍ଦ ଜାନୀ ଜା: କନ୍ଧ ବା: ଗୋରାପାଙ୍କୁ ପୋ ଭୋଗବାଡି ଜି ନୟାଗଡ | ୯/୪୪ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୧୧ | ୭/୧୩ | ତୋଫାନ ମରେଇ ପି:ଗଙ୍ଗା ମରେଇ ଜା: ଗଣ୍ଡ ବା: ଡୁମୁରାବାହାଲ ଥା.ଜି . ବଲାଙ୍ଗିର | ୯/୪୭ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୧୨ | ୭/୧୫ | ଦେବାନନ୍ଦ ଭୁଏ ପି:ପୂର୍ଣ୍ଣ ଭୁଏ ଜା: ଗଣ୍ଡ ବା: ବଡତେଲେନପାଲି ଥା ବଲାଙ୍ଗିର ଜି ବଲାଙ୍ଗିର | ୯ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୧୩ | ୭/୧୬ | ଜପ ଶବର ପି:ଚେୟାରମେନ ଶବର ଜା: ଶବର ବା: ଗର୍ଜନ ଥା ବଲାଙ୍ଗିର ଜି ବଲାଙ୍ଗିର | ୮ | ତଇଳା ଦୁଇ | ୦.୬୫୦୦ | ୦.୬୫୦୦ | |
| | | | ୧୧ | ତଇଳା ଦୁଇ | ୧.୦୮୦୦ | ୧.୦୮୦୦ | |
| | | | ୧୨ | ତଇଳା ଦୁଇ | ୦.୪୧୦୦ | ୦.୪୧୦୦ | |
| | | | ୧୩ | ତଇଳା ଦୁଇ | ୦.୬୧୦୦ | ୦.୬୧୦୦ | |
| ୧୪ | ୭/୧୭ | ଦିଲ୍ଲୀପ କୁମାର ଭୋଇ ପି:ଭାଗୀରଥୀ ଭୋଇ ଜା: ସହର ବା: ସୁଦପଡା ୱାର୍ଡନମ୍ବର 10 ଥା. ବଲାଙ୍ଗିର ଜି. ବଲାଙ୍ଗିର | ୯/୪୫ | ତଇଳା ଦୁଇ | ୦.୬୯୦୦ | ୦.୬୯୦୦ | |
| ୧୫ | ୭/୧୮ | ପ୍ରସନ୍ନ କୁମାର ଭୋଇ ପି:ସୋମନାଥ ଭୋଇ ଜା: ସହର ବା: ନେହୁରୁ ନଗର ଥା ବଲାଙ୍ଗୀର ଜି ବଲାଙ୍ଗୀର | ୯/୪୬ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| | | | ୯/୪୮ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୧୬ | ୭/୧୯ | ଚୈତନ୍ୟ ଠାକୁର ମିଶ୍ର ପି:ଭିକାରୀ ଚରଣ ମିଶ୍ର ଜା: ବ୍ରାହ୍ମଣ ବା: ଜାମୁଟିଆ ଥା. ସଦର ଥାନା ବଲାଙ୍ଗିର ଜି ବଲାଙ୍ଗିର | ୨୬/୪୯ | ତଇଳା ଦୁଇ | ୦.୩୦୦୦ | ୦.୩୦୦୦ | |
| ୧୭ | ୭/୨୦ | ରଘୁମଣି ଦଳାଇ ପି:ନୀଳକଣ୍ଠ ଦଳାଇ ଜା: ହଟୁଆ ବା: ଚନ୍ଦନଭାଟି ଥା. ସଦର ଥାନା ବଲାଙ୍ଗିର ଜି ବଲାଙ୍ଗିର | ୨୬/୫୦ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୧୮ | ୭/୨୧ | ସତ୍ୟବାଦୀ ବେହେରା ପି:ବଂଶୀଧର ବେହେରା ଜା: ଥୋଡିଆ ବା: ବାଇଗୁଣିଆ (ବାଇଜଙ୍ଗ ସାହି ) ଥା. ଫତେଗଡ | ୨୬/୫୧ | ତଇଳା ଦୁଇ | ୦.୨୫୦୦ | ୦.୨୫୦୦ | |
| ୧୯ | ୭/୨୨ | ସୁଦାମ ଚରଣ ମେହେର ପି:ବିଜୟ ମେହେର ଜା: ଭୁଲିଆ ବା: ଚନ୍ଦନଭାଟି ଥା. ସଦର ଥାନା ବଲାଙ୍ଗିର ଜି ବଲାଙ୍ଗିର | ୨୬/୫୨ | ତଇଳା ଦୁଇ | ୦.୫୦୦୦ | ୦.୫୦୦୦ | |
| ୨୦ | ୭/୨୩ | ମାନିନୀ ମିଶ୍ର ସ୍ୱା:ତେଜସ୍ୱୀ କୁମାର ରଥ ଜା: ବ୍ରାହ୍ମଣ ବା: ମହିମୁଣ୍ଡା ଥାନା . ପୁଇଁତଳା ଜିଲ୍ଲା ବଲାଙ୍ଗୀର | ୨୬/୫୩ | ତଇଳା ଦୁଇ | ୦.୨୦୦୦ | ୦.୨୦୦୦ | |
| ୨୧ | ୭/୨୪ | ନାରାୟଣ ସାହୁ, ଚରଣ କୁମାର ସାହୁ ପି: ରବିନ୍ଦ୍ର କୁମାର ସାହୁ ଜା: ଶୁଣ୍ଢି ବା: ଗୁଣ୍ଡୁରିବାରୀ | ୨୬/୩୬ | ତଇଳା ଦୁଇ | ୨.୨୩୦୦ | ୨.୨୩୦୦ | |
| ୨୨ | ୭/୨୫ | ଆକାଶ କୁମାର ସାହୁ, ଆଭାସ କୁମାର ସାହୁ ପି: ଦିଲ୍ଲୀପ କୁମାର ସାହୁ ଜା: ସୁନାରି ବା: ନୂଆପଡା ପୋ/ଥା ତରଭା ଜି ସୁବର୍ଣ୍ଣପୁର | ୨୯/୫୪ | ତଇଳା ଦୁଇ | ୦.୪୩୦୦ | ୦.୪୩୦୦ | |
| | | | ୩୦/୫୫ | ତଇଳା ଦୁଇ | ୦.୫୭୦୦ | ୦.୫୭୦୦ | |
| ୨୩ | ୭/୨୬ | ସୁଶାନ୍ତ କୁମାର ସାହୁ ପି:ସ୍ୱାଧୀନ କୁମାର ସାହୁ ଜା: ହଟୁଆ ବା: /ପୋ/ଥା-କଣ୍ଟାମାଳ ଜି ବୌଦ୍ଧ | ୨୯/୫୬ | ତଇଳା ଦୁଇ | ୧.୦୦୦୦ | ୧.୦୦୦୦ | |
| ୨୪ | ୭/୨୭ | ପ୍ରଶାନ୍ତ କୁମାର ସାହୁ ପି:ସ୍ୱାଧୀନ କୁମାର ସାହୁ ଜା: ହଟୁଆ ବା: /ପୋ/ଥା-କଣ୍ଟାମାଳ ଜି ବୌଦ୍ଧ | ୨୯/୩୮ | ତଇଳା ଦୁଇ | ୧.୦୦୦୦ | ୧.୦୦୦୦ | |
| ୨୫ | ୭/୨୮ | ବିଶେଶ୍ୱର ଦନ୍ତା ପି:ପ୍ରଜାପତି ଦନ୍ତା ଜା: ଡୁମାଳ ବା: /ସୋ/ପୋ ବରଗୋଛା ଥା. ମନମୁଣ୍ଡା ଜି ବୌଦ୍ଧ | ୩୦/୩୯ | ତଇଳା ଦୁଇ | ୦.୨୫୦୦ | ୦.୨୫୦୦ | |
| | | | ୨୬/୩୭ | ତଇଳା ଦୁଇ | ୦.୭୩୦୦ | ୦.୭୩୦୦ | |
| ୨୬ | ୭/୨୯ | ବିପିନ ବେହେରା ପି: କର୍ଏଁରୁ ବେହେରା ଜା: କୋଳତା ବା: ଜାମଗୁରୀ ପୋ ବାଦିମୁଣ୍ଡା ଥା. ଲୋଇସିଂହା ଜି ବଲାଙ୍ଗୀର, ସିନ୍ଧୁ ବାରିକ ସ୍ୱା: ଉଜଲ ବାରିକ ଜା: କୋଳତା ବା: ବିରାଟକାନି ପୋ. କନ୍ଧକେଲାଗାଁ ଥା.ସଇଁତଳା ଜି ବଲାଙ୍ଗିର | ୨୬/୫୭ | ତଇଳା ଦୁଇ | ୦.୧୯୦୦ | ୦.୧୯୦୦ | |
| | | | ୩୦ | ତଇଳା ଦୁଇ | ୦.୮୧୦୦ | ୦.୮୧୦୦ | |
| ୨୭ | ୭/୩୦ | ଲଳିତ ମୋହନ ଗଡତ୍ୟା ପି:ବିହାରୀ ଗଡତ୍ୟା ଜା: କୋଳତା ବା: ପରଧିଆପାଲି ପୋ. ଜି.ସ ଡୁଙ୍ଗୁରିପାଲି ଥା/ଜି - ବଲାଙ୍ଗିର | ୨୬/୫୮ | ତଇଳା ଦୁଇ | ୦.୨୯୦୦ | ୦.୨୯୦୦ | |
| ୨୮ | ୭/୩୧ | ପଙ୍କଜିନୀ ପ୍ରଧାନ ସ୍ୱା:ଯୁଗଳ କିଶୋର ପ୍ରଧାନ ଜା: କୋଳତା ବା: ବାଲିଟିକ୍ରା ୱାର୍ଡ ନଂ 2 ପୋ/ଥା/ଜି - ବରଗଡ | ୨୬ | ତଇଳା ଦୁଇ | ୦.୨୫୦୦ | ୦.୨୫୦୦ | |
| ୨୯ | ୭/୩୨ | ବିଶ୍ୱରଞ୍ଜନ ହୋତା ପି:ଶ୍ରୀପତି ହୋତା ଜା: ବ୍ରାହ୍ମଣ ବା: ଦଣ୍ଡରା (ଦନ୍ଦରା) ଥା ବଙ୍ଗୋମୁଣ୍ଡା ଜି ବଲାଙ୍ଗୀର | ୨୯/୫୯ | ତଇଳା ଦୁଇ | ୦.୦୫୦୦ | ୦.୦୫୦୦ | |
| ୩୦ | ୭/୩୩ | ଉଦ୍ଧବ ଦାସ ପି:ପୁରୁଷୋତ୍ତମ ଦାସ ଜା: ବୈଷ୍ଣବ ବା: ବୁଢୀପଦର ଥା ମୁରିବାହାଲ ଜି ବଲାଙ୍ଗୀର | ୨୯/୬୦ | ତଇଳା ଦୁଇ | ୦.୦୮୦୦ | ୦.୦୮୦୦ | |
| ୩୧ | ୭/୩୪ | ନୈମିଷା ଦାସ ସ୍ୱା:ବିକାଶ ଦାସ ଜା: ବୈଷ୍ଣବ ବା: ଆଗଲପୁର ଥା ଆଗଲପୁର ଜି ବଲାଙ୍ଗୀର | ୨୯/୬୧ | ତଇଳା ଦୁଇ | ୦.୧୦୦୦ | ୦.୧୦୦୦ | |
| ୩୨ | ୭/୩୫ | ପ୍ରମିଳା ମହାକୁର ସ୍ୱା:ଭୁବନ ମହାକୁର ଜା: ଗଉଡ଼ ବା: ଟିଟଲାଗଡ(ଆଦିବାସୀପଡା) ଥା. ଟିଟିଲାଗଡ ଜି ବଲାଙ୍ଗୀର | ୨୯/୬୨ | ତଇଳା ଦୁଇ | ୦.୧୦୦୦ | ୦.୧୦୦୦ | |
| ୩୩ | ୭/୩୬ | ମହାଦେବ ଭୁଏ ପି:କବି ଭୁଏ ଜା: ସହରା ବା: ଦହିମାଳ ଥା ଦେଓଗାଁ ଜି ବଲାଙ୍ଗୀର | ୨୯/୬୩ | ତଇଳା ଦୁଇ | ୦.୧୦୦୦ | ୦.୧୦୦୦ | |
| ୩୪ | ୭/୩୭ | ବାସୁଦେବ ସାହୁ ପି:ବୈଷ୍ଣବ ସାହୁ ଜା: ଶୁଣ୍ଢି ବା: ମଞ୍ଜାରି ହା.ସା ଜାମୁସାହି | ୧୫/୬୪ | ତଇଳା ଦୁଇ | ୧.୦୧୦୦ | ୧.୦୧୦୦ | |
| ୩୫ | ୭/୩୮ | ରଙ୍କନିଧି ସାହୁ ପି:ବୈଷ୍ଣବ ସାହୁ ଜା: ଶୁଣ୍ଢି ବା: ମଞ୍ଜାରି ହା.ସା କୁଞ୍ଜବନଗଡ ଦୁର୍ଗାବଜାର କଲୋନୀ | ୧୫/୬୫ | ତଇଳା ଦୁଇ | ୧.୦୧୦୦ | ୧.୦୧୦୦ | |
| ୩୬ | ୭/୩୯ | ନିରଞ୍ଜନ ସାହୁ ପି:ବୃନ୍ଦାବନ ସାହୁ ଜା: ଶୁଣ୍ଢି ବା: ମଞ୍ଜାରି ହା.ସା ଜାମୁସାହି | ୧୫/୬୬ | ତଇଳା ଦୁଇ | ୧.୦୧୦୦ | ୧.୦୧୦୦ | |
| ୩୭ | ୭/୪୦ | ସୁଚିତ୍ରା ସାହୁ ସ୍ୱା: ବିଶ୍ୱମ୍ବର ସାହୁ, ଅରୁଣ କୁମାର ସାହୁ, ଅଶ୍ୱିନୀ କୁମାର ସାହୁ ପି: ବିଶ୍ୱମ୍ବର ସାହୁ ଜା: ଶୁଣ୍ଢି ବା: ଜାମୁସାହି | ୧୫/୬୭ | ତଇଳା ଦୁଇ | ୧.୦୧୦୦ | ୧.୦୧୦୦ | |
| ୩୮ | ୭/୪୧ | ସୁଦାମ ଚରଣ ସାହୁ ପି:ଦୁର୍ଯ୍ୟୋଧନ ସାହୁ ଜା: ଶୁଣ୍ଢି ବା: ଜାମୁସାହି | ୧୫/୬୮ | ତଇଳା ଦୁଇ | ୦.୪୦୩୦ | ୦.୪୦୩୦ | |
| ୩୯ | ୭/୪୨ | ସୁଜଳା ପାତ୍ର ସ୍ୱା: କୃଷ୍ଣ ଚନ୍ଦ୍ର ସାହୁ, ଚିନ୍ମୟ କୁମାର ସାହୁ, ମଧୁସ୍ମିତା ସାହୁ ପି: କୃଷ୍ଣ ଚନ୍ଦ୍ର ସାହୁ ଜା: ଶୁଣ୍ଢି ବା: ଜାମୁସାହି | ୧୫/୬୯ | ତଇଳା ଦୁଇ | ୦.୪୦୩୦ | ୦.୪୦୩୦ | |
| ୪୦ | ୭/୪୩ | ସୁଦର୍ଶନ ସୁବୁଦ୍ଧି ପି: କୁଞ୍ଜବିହାରୀ ସୁବୁଦ୍ଧି, ସୌଦାମିନୀ ସାହୁ ପି: ସୁଦର୍ଶନ ସୁବୁଦ୍ଧି, କେ ନିହାରିକା ସ୍ୱା: ରଶ୍ମୀ ରଞ୍ଜନ ସୁବୁଦ୍ଧି, ରିଷିକାନ୍ତ ସୁବୁଦ୍ଧି ପି: ରଶ୍ମୀ ରଞ୍ଜନ ସୁବୁଦ୍ଧି ଜା: ଶୁଣ୍ଢି ବା: ମଧୁପୁର | ୧୫ | ତଇଳା ଦୁଇ | ୦.୩୫୪୦ | ୦.୩୫୪୦ | |
| | | | ୭/୭୦ | ତଇଳା ଦୁଇ | ୦.୦୪୯୦ | ୦.୦୪୯୦ | |
| ୪୧ | ୭/୪୪ | ସୁକାନ୍ତି ସାହୁ ପି:ଦୁର୍ଯ୍ୟୋଧନ ସାହୁ ଜା: ଶୁଣ୍ଢି ବା: ନୂଆଗାଁ | ୭/୭୧ | ତଇଳା ଦୁଇ | ୦.୪୦୩୦ | ୦.୪୦୩୦ | |
| ୪୨ | ୭/୪୫ | ଶାନ୍ତିଲତା ସାହୁ ପି:ଦୁର୍ଯ୍ୟୋଧନ ସାହୁ ଜା: ଶୁଣ୍ଢି ବା: ଭାପୁର | ୭/୭୨ | ତଇଳା ଦୁଇ | ୦.୪୦୩୦ | ୦.୪୦୩୦ | |
| ୪୩ | ୭/୪୬ | ସୁଷମା ସାହୁ ସ୍ୱା: ସୁଦର୍ଶନ ସାହୁ, ମାନସ କୁମାର ସାହୁ, ପଦ୍ମିନୀ ସାହୁ ପି: ସୁଦର୍ଶନ ସାହୁ ଜା: ଶୁଣ୍ଢି ବା: ବୁଗୁଡା | ୭/୭୩ | ତଇଳା ଦୁଇ | ୦.୫୦୩୭ | ୦.୫୦୩୭ | |
| ୪୪ | ୭/୪୭ | ସୁରସେନ ସାହୁ ପି:ମଧୁସୂଦନ ସାହୁ ଜା: ଶୁଣ୍ଢି ବା: କୁଞ୍ଜବନଗଡ ଦୁର୍ଗାବଜାର କଲୋନୀ | ୭/୭୪ | ତଇଳା ଦୁଇ | ୦.୫୦୩୭ | ୦.୫୦୩୭ | |
| ୪୫ | ୭/୪୮ | ରବିନ୍ଦ୍ର ସାହୁ ପି:ମଧୁସୁଦନ ସାହୁ ଜା: ଶୁଣ୍ଢି ବା: ମଞ୍ଜାରୀ ହା.ସା କୁଞ୍ଜବନଗଡ ଦୁର୍ଗାବଜାର କଲୋନୀ | ୭/୭୫ | ତଇଳା ଦୁଇ | ୦.୫୦୩୮ | ୦.୫୦୩୮ | |
| ୪୬ | ୭/୪୯ | ସୁଲୋଚନା ସାହୁ ପି:ବିଜୟ କୁମାର ସାହୁ ଜା: ଶୁଣ୍ଢି ବା: ଟାକରା | ୭/୩୫ | ତଇଳା ଦୁଇ | ୦.୫୦୩୮ | ୦.୫୦୩୮ | |
| | | | | ମୋଟ ରକବା | ୪୨.୦୪୦୦ | ୪୨.୦୪୦୦ | |

ରାଜ୍ୟପାଳଙ୍କ ଆଦେଶକ୍ରମେ

(ସୁରଞ୍ଜନ ପ୍ରଧାନ)

ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0144

### ସୂଚନା ଅଧିକାର ଆଇନକୁ କର୍ତ୍ତୃପକ୍ଷଙ୍କ ବେଖାତିର୍

# ଭଦ୍ରକ ବ୍ଲକ୍‌ରେ ଚାଲିଥିବା ଦୁର୍ନୀତି ସ୍ୱତଃ ପ୍ରମାଣିତ

ଭଦ୍ରକ,୧୯।୯ (ସମିସ)



ଓଡ଼ିଶାରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧି ପାଇଁ ଆର୍‌ଟିଆଇ ଆକ୍ଟ-୨୦୦୫ ଉଦ୍ଦିଷ୍ଟ। ତେବେ ଏହି ଆଇନ୍‌କୁ କେତେକ ସରକାରୀ ଦପ୍ତରରେ ଖୋଲାଖୋଲି ବେଖାତିର୍ ତଥା ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭିଯୋଗ ଭଦ୍ରକ ପଞ୍ଚାୟତ ସମିତି ବା ବ୍ଲକ୍ ବିରୋଧରେ ଉଠିଛି। ଅନ୍ୟପକ୍ଷରେ ଏହି ଆର୍‌ଟିଆଇରେ ସୂଚନା ପ୍ରଦାନ ନ କରିବା ଓ ତାରିଖ ପରେ ତାରିଖ ଘୁଞ୍ଚାଇବା ଭଳି ଘଟଣାରେ ଭଦ୍ରକ ବ୍ଲକ୍‌ରେ ଚାଲିଥିବା ଦୁର୍ନୀତିକୁ ଏହା ପରୋକ୍ଷରେ ସ୍ୱତଃ ପ୍ରମାଣିତ କରୁଛି ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍‌ରେ ଚାଲିଥିବା ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରକଳ୍ପର ସୂଚନା ପାଇବା ନିମନ୍ତେ ଜଣେ ସୂଚନା କର୍ମୀ ଗତ ୨.୭.୨୬ ତାରିଖ ଅର୍ଥାତ ୨ ମାସ ୧୮ଦିନ ତଳେ ଭଦ୍ରକ ପଞ୍ଚାୟତ ସମିତିର ପିଆଇଓଙ୍କୁ ଆର୍‌ଟିଆଇରେ ସୂଚନା ମାଗିଥିଲେ। ଏନେଇ ସୂଚନା ଆବେଦନ କରିଥିବା କର୍ମୀଙ୍କୁ ନିର୍ଦ୍ଧାରିତ ୩୦ ଦିନ ମଧ୍ୟରେ କୌଣସି ସୂଚନା ବା ଯୋଗାଯୋଗ ପିଆଇଓଙ୍କ ପକ୍ଷରୁ କରାଯାଇ ନ ଥିଲା। ଅନ୍ୟପକ୍ଷରେ ଏହି ସୂଚନା ଆବେଦନ(କେସ୍ ନଂ-୧୪/୨୦୨୬) ନେଇ ସୂଚନା ଅଧିକାର ଆଇନ-୨୦୦୫କୁ ସିଧାସଳଖ ଉଲ୍ଲଂଘନ କରି ଏବିଡିଓ ତଥା ସୂଚନା ଅଧିକାରୀଙ୍କ ପକ୍ଷରୁ ୧୫ ଦିନ ମଧ୍ୟରେ ୧୮୬୦ ଟଙ୍କା ପୈଠ କରି ସୂଚନା ନେବାକୁ ୩୦ ଦିନ ଅତିକ୍ରମ କରିବା ପରେ ଚିଠି ହୋଇଥିଲା। ଉକ୍ତ ଚିଠିରେ ତାରିଖ ୧.୮.୨୬ ଉଲ୍ଲେଖ ଥିବାବେଳେ ଚିଠିକୁ ଭଦ୍ରକ କୋର୍ଟ ପରିସରରେ ଥିବା ପୋଷ୍ଟ ଅଫିସରୁ ଗତ ୫.୮.୨୬ ତାରିଖରେ ସ୍ପିଡ୍ ପୋଷ୍ଟ କରାଯାଇଥିଲା। ତେବେ ୯୩୦ ପୃଷ୍ଠାର ସୂଚନା ପାଇଁ ୩୦ ଦିନ ମଧ୍ୟରେ ସୂଚନା ଆବେଦନକାରୀଙ୍କୁ ନ ଜଣାଇ ପିଆଇଓ ଅର୍ଥ ପୈଠ କରିବା ଆର୍‌ଟିଆଇ ଆକ୍ଟର ନିୟମ ପରିସରଭୁକ୍ତ ଥିବାବେଳେ ଏଭଳି କରିବା ବିରୋଧରେ ସମ୍ପୃକ୍ତ ସୂଚନା କର୍ମୀ ବିଡିଓ ତଥା ପ୍ରଥମ ଅପିଲ ଅଧିକାରୀଙ୍କଠାରେ ଗତ ୧୮.୮.୨୬ ତାରିଖରେ ଅପିଲ କରିଥିଲେ। ସମ୍ପୂର୍ଣ୍ଣ ସୂଚନାଗୁଡ଼ିକୁ ତାଙ୍କୁ ମାଗଣାରେ ଦେବାକୁ ଏଥିରେ ଦର୍ଶାଇଥିଲେ। ପରେ ଏହି ଅପିଲ୍‌କୁ ନେଇ ଭଦ୍ରକ ବ୍ଲକ୍ ବା ପଞ୍ଚାୟତ ସମିତି ବିଡିଓ ତଥା ପ୍ରଥମ ଅପିଲ୍ ଅଧିକାରୀ ଗତ ୨୮.୮.୨୬ ତାରିଖରେ ଚିଠି ନମ୍ବର-୪୧୨୮ରେ ସୂଚନା ଆବେଦନକାରୀଙ୍କୁ ଗତ ୧୮.୯.୨୬ ତାରିଖ ଅପରାହ୍ନ ୩ଟା ୩୦ରେ ଶୁଣାଣିରେ ଉପସ୍ଥିତ ରହିବାକୁ ଚିଠି କରିଥିଲେ। ଯଦି ଆବେଦନକାରୀ ଅନୁପସ୍ଥିତ ରହିବେ ତେବେ ସେ ମେରିଟ୍ ଅନୁଯାୟୀ, ଶୁଣାଣି ଚୂଡ଼ାନ୍ତ କରିବାକୁ ଆଦେଶ କରିଥିଲେ। ଏହି ଚିଠି ପାଇବା ପରେ ସମ୍ପୃକ୍ତ ସୂଚନା କର୍ମୀ ନିର୍ଦ୍ଧାରିତ ସମୟରେ ବ୍ଲକ୍ କାର୍ଯ୍ୟାଳୟରେ ନିଜର ପକ୍ଷ ରଖିବାକୁ ଯାଇଥିଲେ। ତେବେ ଉପସ୍ଥିତ ମୁଖ୍ୟ କିରାଣି ଶନିବାର ବିଡିଓ ତଥା ପ୍ରଥମ ଅପିଲ୍ ଅଧିକାରୀ ଛୁଟିରେ ଥିବା ଦର୍ଶାଇଥିଲେ। ପରେ ସୂଚନା କର୍ମୀ ତାଙ୍କ ହାଜିରା କପି ଦେବାକୁ କହିଥିଲେ ବି ସେ ଗ୍ରହଣ ନ କରିବାକୁ ରୋକ୍‌ଠୋକ୍ ମନା କରିଥିଲେ। ଏପରିକି ବ୍ଲକ୍‌ରେ ଉପସ୍ଥିତ ଏବିଡିଓ ତଥା ସୂଚନା ଅଧିକାରୀ ମଧ୍ୟ ଏହି ହାଜିରା କପି ଗ୍ରହଣ କରିବାକୁ ମନା କରିଥିଲେ। ଏହି ସମୁଦାୟ ଘଟଣାରୁ ଆର୍‌ଟିଆଇକୁ ବ୍ଲକ୍ କର୍ତ୍ତୃପକ୍ଷ ଖୋଲାଖୋଲି ଭାବେ ବେଖାତିର୍ ତଥା ଉଲ୍ଲଂଘନକୁ ପ୍ରମାଣିତ କରୁଥିବାବେଳେ ସରକାରୀ ଉନ୍ନୟନ କାର୍ଯ୍ୟରେ ଚାଲିଥିବା ଦୁର୍ନୀତିକୁ ଲୁଚାଇବା ଲାଗି ଏହା ପ୍ରୟାସ ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍‌ର ଅର୍ଣ୍ଣପାଳ, ବିଷ୍ଣୁପୁରବିନ୍ଧା, ଖଣ୍ଡତଡ଼ା ଓ ଗୁଜିଦରଡ଼ା ପଞ୍ଚାୟତରେ ସିଏମ୍‌ଏସ୍, ଏମ୍‌ଏଲ୍‌ଏ ଲ୍ୟାଡ୍, ଏମ୍‌ପି ଲ୍ୟାଡ୍, ଏଫ୍‌ଡିଆର୍, ବିଜିବିଓ ପ୍ରକଳ୍ପରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସବିଶେଷ ତଥ୍ୟ ସହ ଭଦ୍ରକ ପୌରପାଳିକାର ୩୦ ନମ୍ବର ୱାର୍ଡରେ ଭଦ୍ରକ ପଞ୍ଚାୟତ ସମିତି ପକ୍ଷରୁ ହୋଇଥିବା କାର୍ଯ୍ୟର ତଥ୍ୟ ସୂଚନା କର୍ମୀ ମାଗିଥିଲେ। ତେବେ ଏହି ତଥ୍ୟଗୁଡ଼ିକ ପ୍ରଦାନ କରିବା ଲାଗି ବିଡିଓ ଅମଙ୍ଗ କାହିଁକି ବୋଲି ପ୍ରଶ୍ନ ଉଠିଛି। ସେହିଭଳି ଗତ ୨୨.୭.୨୬ ତାରିଖରେ ଜଣେ ସୂଚନା କର୍ମୀ ବ୍ଲକ୍‌ରେ ବିଜିବିଓ ପ୍ରକଳ୍ପରେ ହୋଇଥିବା କାର୍ଯ୍ୟର ଫିଜିବିଲିଟି ରିପୋର୍ଟ ମାଗିଥିଲେ ବି ଏଯାଏଁ ସୂଚନା ଦେବା ତ ଦୂରର କଥା କିଛି ଯୋଗାଯୋଗ କରୁନାହାନ୍ତି ବ୍ଲକ୍ କର୍ତ୍ତୃପକ୍ଷ। ଯାହା ଭଦ୍ରକ ବ୍ଲକ୍‌ରେ ଚାଲିଥିବା ବଡ଼ ଦୁର୍ନୀତିକୁ ସ୍ୱତଃ ପ୍ରମାଣିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ବ୍ଲକ୍‌ରେ କାର୍ଯ୍ୟରତ ଯନ୍ତ୍ରୀ, ପଦାଧିକାରୀ ଓ କର୍ମଚାରୀମାନେ ବର୍ଷ ବର୍ଷ ଧରି ଗୋଟିଏ ପଦବୀରେ ରହିଥିବାରୁ ଏଭଳି ଦୁର୍ନୀତି ଆହୁରି ଅଧିକ ହେଉଥିବା ଅଭିଯୋଗ ହୋଇଛି। ନିକଟକରେ ଜଣେ କନିଷ୍ଠ ଯନ୍ତ୍ରୀ ଅର୍ଣ୍ଣପାଳ ପଞ୍ଚାୟତରେ ଏକ ସରକାରୀ କାମରେ ଅଧିକ ପେମେଣ୍ଟ ନେଇ ୧ଲକ୍ଷ ୨୫ ହଜାର ୮୮୯ ଟଙ୍କା ପୈଠ କରିବା ଭଳି ଦୁର୍ନୀତି ଘଟଣା ଘଟିଥିଲା। ଗୋଟିଏ ଗୋଟିଏ ପଞ୍ଚାୟତରେ ଅତ୍ୟଧିକ ସରକାରୀ ଅର୍ଥ ବ୍ୟୟ କରାଯାଉଥିବା ଭଳି ଏକାଧିକ ଅଭିଯୋଗ ଉଠିଛି। ଏ ଦିଗରେ ଜିଲ୍ଲାପାଳ ଗୁରୁତ୍ୱର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଧାମନଗର,୧୯।୯ (ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନ ଜାଗୁଲାଇ ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ସୁକାନ୍ତ ନାୟକ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିଲେ। ସେ ଲେଭୁଲ ୩କୁ ପଦୋନ୍ନତି ପାଇ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସହକାରୀ ଶିକ୍ଷକ ଶ୍ରୀ ନାୟକଙ୍କୁ ବିଦ୍ୟାଳୟ ତରଫରୁ ଅଙ୍ଗବସ୍ତ୍ର, ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ। ଏପଟେ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଚାଲିଥିବାବେଳେ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ନ ପାଇ ଘରକୁ ଫେରିଯାଇଥିବା ଅଭିଯୋଗକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଣ୍ଡା ପାଳି ଥିଲା। ସମସ୍ତ ପିଲା ମଧ୍ୟାହ୍ନଭୋଜନ ଖାଦ୍ୟ ଖାଇଛନ୍ତି। ଉକ୍ତ ଅଭିଯୋଗ ଭିତ୍ତିହୀନ। ରାଜନୈତିକ ଉଦ୍ଦେଶ୍ୟ ଏବଂ ସମ୍ପୂର୍ଣ୍ଣ ମନଗଢ଼ା କଥା ବୋଲି ପ୍ରଧାନଶିକ୍ଷକ ଶ୍ରୀ ସେଠୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଗଣେଶ ପୂଜାକୁ ନେଇ ଉତ୍ସବମୁଖର ପୁରୁଣାବଜାର

# ଭାଇଚାରାର ଠାକୁର ବାବା ବୁଢ଼ା ଗଣେଶ

ଭଦ୍ରକ,୧୯।୯ (ସମିସ)





**୧୯୭୦ ମସିହାରୁ ପୂଜା ପାଉଛନ୍ତି ଟୋକା ଗଣେଶ**

ଭଦ୍ରକ ସହରରେ ଏବେ ଗଣେଶ ପୂଜାର ମାହୋଲ। ବିଶେଷ କରି ଗଣେଶ ପୂଜା ଲାଗି ଉତ୍ସବମୁଖର ହୋଇ ଉଠିଛି ସହରର ପୁରୁଣାବଜାର। ଏଠାରେ ବହୁ ପୁରାତନ ବୁଢ଼ା ଗଣେଶ ମଣ୍ଡପ ସହ ଟୋକା ଗଣେଶ ପୂଜା ପାଉଛନ୍ତି। ରଙ୍ଗବେରଙ୍ଗର ସାଜସଜ୍ଜା, ଆଲୋକମାଳା ଓ କଳାକୃତିକୁ ନେଇ ଝଲସୁଛି ପୂଜାମଣ୍ଡପ। ଏକ ମାସ ଧରି ପୂଜା ପାଇଥା'ନ୍ତି ଏହି ସବୁ ମଣ୍ଡପରେ ବାବା। ବାବା ବୁଢ଼ା ଗଣେଶଙ୍କ କିମ୍ବଦନ୍ତୀ ନିଆରା। ବୁଢ଼ା ଗଣେଶ ଉପଦେଷ୍ଟା କମିଟି ସଭାପତି ସିଦ୍ଧେଶ୍ୱର ସାହୁ କୁହନ୍ତି, ବୁଢ଼ା ଗଣେଶ ହେଉଛନ୍ତି ପୁରୁଣା ବଜାର ଅଞ୍ଚଳର ପ୍ରତ୍ୟକ୍ଷ ଦେବତା। ଉଭୟ ହିନ୍ଦୁ ଓ ମୁସଲ୍‌ମାନ ସମ୍ପ୍ରଦାର ଲୋକେ ଠାକୁରଙ୍କୁ ମାନନ୍ତି, ମାନସିକ ରଖନ୍ତି। ତେବେ ବୁଢ଼ା ଗଣେଶ ଠାକୁର ଏଠାରେ କେବେଠୁ ପୂଜା ପାଉଛନ୍ତି ସେନେଇ ନିର୍ଦ୍ଦିଷ୍ଟ ତଥ୍ୟ ନ ଥିଲେ ବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ମୋଗଲ ତାମ୍‌ସାରେ ଠାକୁରଙ୍କ ବର୍ଣ୍ଣନା ରହିଛି। ଏଣୁ ମୋଗଲ ବା ମରହଟ୍ଟା ସମୟର ଠାକୁର ହେଉଛନ୍ତି ବୁଢ଼ା ଗଣେଶ ବୋଲି କହିଛନ୍ତି ଶ୍ରୀ ସାହୁ। ଅନ୍ୟ କମିଟି ସଦସ୍ୟମାନେ କୁହନ୍ତି, ବାବା ବୁଢ଼ା ଗଣେଶଙ୍କ ପାଖରେ ମାନସିକ ରଖିଲେ ସମସ୍ତଙ୍କ ଡାକ ଶୁଣି ମାନସିକ ପୂରଣ କରିଥା'ନ୍ତି ବୋଲି ବିଶ୍ୱାସ ରହିଛି। ସେଥିରେ ହିନ୍ଦୁ-ମୁସଲିମ୍‌ର ବାଛବିଚାର ନ ଥିଏ। ବାବା ହେଲେ ଭାଇଚାରାର ନିଦର୍ଶନ।

ବାବା ଏକ ମାସ ଧରି ପୂଜା ପାଇବା ସହ ଘାଣ୍ଟିଆ ଖାଇ ବାବା ବୁଢ଼ା ଗଣେଶ ବିଦାୟ ନେବାର ପରମ୍ପରା ରହିଛି। ପ୍ରତିଦିନ ବାବାଙ୍କ ପାଖେ ପାଳି ଭୋଗ ଲାଗେ। ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରନ୍ତି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ସହ ବାବା ବୁଢ଼ା ଗଣେଶଙ୍କ କିମ୍ବଦନ୍ତୀ ଯୋଡ଼ି ରହିଛି ବୋଲି କୁହନ୍ତି ଶ୍ରୀ ସାହୁ। ତେବେ ପୂଜାର କଳେବର ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି। ପୂଜା ଆରମ୍ଭରୁ ଭସାଣି ଯାଏ ଉତ୍ସବର ମାହୋଲ ଜାରି ରହିଥାଏ। ସେହିପରି ବାବା ଟୋକା ଗଣେଶ ମଣ୍ଡପରେ ବି ଜମୁଛି ଭିଡ଼। ଚାନ୍ଦି ମେଢ଼ରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଟୋକା ଗଣେଶ। ୧୯୭୦ ମସିହାରୁ ଏହି ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ସାଜସଜ୍ଜାକୁ ବେଶ୍ ଗୁରୁତ୍ୱ ଦିଆଯାଇଥାଏ। କମିଟି ସଭ୍ୟ ମାନସ ରଞ୍ଜନ ସାହୁଙ୍କ କହିବାନୁଯାୟୀ, ରାକ୍ଷୀ ପୂର୍ଣ୍ଣମୀରୁ ମାଟି ପୂଜା କରାଯାଇ କାରିଗର ମୂର୍ତ୍ତି ତିଆରି ଆରମ୍ଭ କରିଥା'ନ୍ତି। ଗଣେଶ ଚତୁର୍ଥୀର ଦୁଇଦିନ ଆଗରୁ ଚାନ୍ଦି ମେଢ଼କୁ ସଜାଯାଏ। ୮୩ କିଲୋ ଚାନ୍ଦି ଏଥିରେ ଲାଗେ। ମାସେ କାଳ ପୂଜା ଚାଲେ। ପାଳି ଭୋଗ ବି ଲାଗେ। ଟୋକା ଗଣେଶଙ୍କ ଏହି ଚାନ୍ଦି ମେଢ଼ ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କଲାଣି। ଏହି ବୁଢ଼ା ଓ ଟୋକା ଗଣେଶ ପୂଜାର ଭସାଣି ବି ବେଶ୍ ଚିତାକର୍ଷକ ହୋଇଥାଏ।

## ମହିଳା କ୍ରିକେଟ ଅଣ୍ଡର ୧୯ ଟି-୨୦ ଖେଳିବେ ଅନନ୍ୟା



ଭଦ୍ରକ,୧୯।୯ (ସମିସ): ବିସିସିଆଇ(ବୋର୍ଡ ଅଫ୍ କଣ୍ଟ୍ରୋଲ୍ ଫର୍ କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ଆସନ୍ତା ଅକ୍ଟୋବର ୯ ତାରିଖ ବେଙ୍ଗାଲୁରୁଠାରେ ହେବାକୁ ଥିବା ଜାତୀୟ ମହିଳା କ୍ରିକେଟ ଅଣ୍ଡର ୧୯ ଟି-୨୦ ମ୍ୟାଚ୍‌ରେ ଓଡ଼ିଶା ଦଳରୁ ଅଂଶଗ୍ରହଣ ଲାଗି ଭଦ୍ରକର ଅନନ୍ୟା ପ୍ରିୟଦର୍ଶନୀ ରାଉତ ମନୋନୀତ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ତଥା ଶୁଭକାମନା ଜଣାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଆର୍ଡ୍ଡୁଂ ଅଞ୍ଚଳର ଜିତେନ୍ଦ୍ର ରାଉତ ଓ ସଂଯୁକ୍ତା ରାଉତଙ୍କ କନ୍ୟା ଅନନ୍ୟା ପିଲାବେଳୁ କ୍ରିକେଟ ପ୍ରତି ବିଶେଷ ରୁଚି ରଖି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସମ୍ପ୍ରତି ଅନନ୍ୟା ନୂଆଦିଲ୍ଲୀର ଗ୍ଲୋବାଲ ପବ୍ଲିକ୍ ସ୍କୁଲରେ ଦ୍ୱାଦଶ ଶ୍ରେଣୀରେ ପଢୁଛନ୍ତି। ଓଡ଼ିଶାର ୧୫ ଜଣ ମହିଳା କ୍ରିକେଟର ମନୋନୀତ ହୋଇଥିବାବେଳେ ଭଦ୍ରକରୁ ଅନନ୍ୟା ପ୍ରିୟଦର୍ଶନୀ ମନୋନୀତ ହୋଇଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ ସାଧାରଣ ସମ୍ପାଦକ ଧିରେନ୍ ପଲେଇ, ସଭାପତି ଉପେନ୍ଦ୍ର ବାରିକ, କାର୍ଯ୍ୟକର୍ତ୍ତା ଅତିସ କୁମାର ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ ନଳକୂଅ



ବାରିକପୁର,୧୯।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଖନନ ହୋଇଥିବା ନଳକୂଅଗୁଡ଼ିକ ଧୀରେଧୀରେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚି ଗଲାଣି। ମିଳିଥିବା ସୂଚନା ଅନୁଯାୟୀ, କିଛି ଦିନ ତଳେ ବିଭିନ୍ନ ସ୍ଥାନରେ ନଳକୂଅମାନ ଖନନ ହୋଇଥିଲା। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହିତ ବ୍ଲକ୍ ପ୍ରଶାସନ ମିଳିତ ଭାବେ ନଳକୂଅ ଖନନ କରିଥିଲେ। ଜଳ ସଙ୍କଟ ଏଡ଼ାଇବା ପାଇଁ ବିଭିନ୍ନ ଜନବସତି, ମନ୍ଦିର ଓ ରାସ୍ତା ପାର୍ଶ୍ୱରେ ଏହି ନଳକୂଅମାନ ଖୋଳାଯାଇଥିଲା। ଟେଣ୍ଡର ଜରିଆରେ ଏହି ସବୁ କାର୍ଯ୍ୟ ହୋଇଥିବା ବେଳେ କାମ ସରିବାର କିଛିଦିନ ମଧ୍ୟରେ ଅନେକ ନଳକୂଅ ଅଚଳ ହୋଇଯାଇଛି। ବିଶେଷ କରି ନିର୍ମିତ ପ୍ଲାଟ୍‌ଫର୍ମଗୁଡ଼ିକ ଭାଙ୍ଗିରୁଜି ଯାଇଥିବାବେଳେ ସେଥିରେ ଘାସ, ଗୁଳ୍ମଲତା ପରିପୂର୍ଣ୍ଣ ହୋଇଯାଇଛି। ଏହାଛଡ଼ା ନଳକୂଅଗୁଡ଼ିକ ମରାମତି ବିନା ମଧ୍ୟ ଦୀର୍ଘ ଦିନ ହେବ ସେଥିରେ ପାଣି ଆସୁନାହିଁ। ଏଭଳି ଚିତ୍ର ବନସ୍ତା, ଆକୁଳିକଣା, ପୁରସ୍ତମପୁର, ମଞ୍ଜୁରୀରୋଡ୍ ଆଦି ସ୍ଥାନରେ ଦେଖିବାକୁ ମିଳିଛି। ତେଣୁ ଉଚ୍ଚପଦସ୍ଥ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ପାନୀୟ ଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଠିକାଦାରୀ ପୋଷଣ ଓ ସରକାରୀ ଉଦାସିନତା ପାଇଁ ଜନସାଧାରଣ ଏଥିରୁ ଉପକୃତ ହୋଇପାରୁନାହାନ୍ତି।

## ୪୬ ଗ୍ରାମ୍ ହେରୋଇନ୍ ଜବତ; ଜଣେ ଗିରଫ



ଧାମନଗର,୧୯।୯ (ସମିସ): ଧାମନଗର ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଧାମନଗର ବିଜୁ ପଟ୍ଟନାୟକ ଛକ ନିକଟରେ ଚଢ଼ଉ କରି ଏକ ବାଇକ୍ ସହ ୪୬ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଏହି ଘଟଣାରେ ଏସ୍‌କେ ସାଦମ ହୋସେନ୍‌ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସୂଚନାନୁସାରେ, ଶନିବାର ସକାଳ ପ୍ରାୟ ୯ଟା ୩୦ରେ ଧାମନଗର ବିଜୁ ପଟ୍ଟନାୟକ ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ଓ ଚଢ଼ଉ କରାଯାଉଥିଲା। ଏହି ସମୟରେ ଏକ ବାଇକ୍‌ରୁ ୪୬ ଗ୍ରାମ୍ ହେରୋଇନ୍ ଜବତ ହୋଇଥିଲା। ଏନେଇ ଧାମନଗର ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଧାମନଗର ଅବକାରୀ ସବ୍ ଇନ୍ସପେକ୍ଟର ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ଏଏସ୍‌ଆଇ ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଲ ଖଗେଶ୍ୱର ଜେନା, ସୂର୍ଯ୍ୟକାନ୍ତ କିସ୍କୁ ଓ ସନ୍ଧ୍ୟାରାଣୀ ସେନାପତି ଏହି ଚଢ଼ଉରେ ସାମିଲ୍ ଥିଲେ।

### ମୋଚି ଛକରୁ ମା' ଭଦ୍ରକାଳୀ ପୀଠ ରାସ୍ତା ବିପର୍ଯ୍ୟସ୍ତ

## ବଢୁଛି ଜନଅସନ୍ତୋଷ; ପୁଣି ଆନ୍ଦୋଳନ ଚେତାବନୀ



ଭଦ୍ରକ,୧୯।୯ (ସମିସ): ଭଦ୍ରକ ସହରର ମୋଚି ଛକଠାରୁ ସବୁଠୁଁ ବ୍ୟସ୍ତବହୁଳ ପ୍ରମୁଖ ରାସ୍ତା ହେଉଛି ମା' ଭଦ୍ରକାଳୀଙ୍କ ପୀଠକୁ ସଂଯୋଗ ରାସ୍ତା। ବାରମ୍ବାର ଆନ୍ଦୋଳନ, ରାସ୍ତାରୋକ ଏବଂ ଜନସାଧାରଣଙ୍କ ପ୍ରମୁଖ ଦାବିକୁ ନେଇ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ମା' ଭଦ୍ରକାଳୀଙ୍କ ରାସ୍ତାର ପୁନରୁଦ୍ଧାର, ପ୍ରଶସ୍ତୀକରଣ ପାଇଁ ୪ ବର୍ଷ ପୂର୍ବରୁ ମୋଚି ଛକଠାରୁ ଆରମ୍ଭ ହୋଇଥିଲା ଉଚ୍ଛେଦ ଅଭିଯାନ। ଏହି ଉଚ୍ଛେଦକୁ ସ୍ୱତଃ ସମର୍ଥନ କରି ଶତାଧିକ ଦୋକାନୀ ତାଙ୍କର ଜୀବନ ଜୀବିକା ହରାଇଥିଲେ। ତେବେ ପ୍ରାଥମିକ ପର୍ଯ୍ୟାୟରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ପୁନରୁଦ୍ଧାର ନାଁରେ ଉଚ୍ଛେଦକୁ ୪ ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ, ରାସ୍ତାର ପୁନରୁଦ୍ଧାର ନାମରେ କିଛି କାର୍ଯ୍ୟ କରାଯାଇ ବର୍ଷ ବର୍ଷ ଧରି କୌଣସି କାର୍ଯ୍ୟ ହେଉ ନ ଥିବାବେଳେ, ବିପର୍ଯ୍ୟସ୍ତ ପଡ଼ିରହିଛି ଏହି ରାସ୍ତା। ଯାହାଫଳରେ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଭଦ୍ରକ ସହରାଞ୍ଚଳର ୧୫ଟି ୱାର୍ଡ ସମେତ ୩ଟି ପଞ୍ଚାୟତର ଲକ୍ଷାଧିକ ଲୋକ। ତେବେ ଉଚ୍ଛେଦ ପରେ ଏହି ରାସ୍ତାଟି ମରଣଯନ୍ତା ପାଲଟିଥିବାବେଳେ, ଜିଲ୍ଲା ପ୍ରଶାସନର ମନୋମୁଖୀ କାର୍ଯ୍ୟକୁ ନେଇ ସବୁ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ରାସ୍ତାର ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।

ଅନ୍ୟପକ୍ଷରେ ଏହି ରାସ୍ତାର ପୁନରୁଦ୍ଧାର ସହ ପ୍ରଶସ୍ତୀକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବଦଳୀୟ ଡକାଇ ଉଚ୍ଛେଦ ପରେ ଯଥାଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ କାହିଁକି ପ୍ରତିଶ୍ରୁତି ପାଳନ କଲାନାହିଁ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଅନ୍ୟ ପକ୍ଷରେ ରାଜନୈତିକ ବୈମାତୃକ ମନୋଭାବ ଓ ଜିଲ୍ଲା ପ୍ରଶାସନର ମନୋମୁଖୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ ଯଥାଶୀଘ୍ର କାର୍ଯ୍ୟ କରିବା ପାଇଁ ଖଣ୍ଡତଡ଼ା ପଞ୍ଚାୟତର ଯୁବ ସମାଜସେବୀ ବିଶ୍ୱଦୀପ ନାୟକଙ୍କ ନେତୃତ୍ୱରେ ଶତାଧିକ ଲୋକ ରାସ୍ତା ଅବରୋଧ କରି ଦାବି କରିଛନ୍ତି। ନଚେତ୍ ପୁଣି ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

### ଭସାଣିରେ ଆଇନଶୃଙ୍ଖଳା ଓ କଟକଣାକୁ ଅବମାନନା

## ଡିଜେ ଶବ୍ଦରେ ଥରୁଛି ଛାତି; ପୁଲିସ ପ୍ରଶାସନ ନିରବ



ଅସୁରାଳି,୧୯।୯ (ସମିସ): ଗଣେଶ ପୂଜା ଭସାଣି ଉତ୍ସବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଅସୁରାଳି ଓ ଏହାର ଆଖପାଖ ଅଞ୍ଚଳରେ ଡିଜେର ଭୟଙ୍କର ଆତଙ୍କ ଦେଖିବାକୁ ମିଳିଛି। ବିଶେଷକରି ଭସାଣି ଶୋଭାଯାତ୍ରାରେ ଆଇନ ଓ ପ୍ରଶାସନିକ କଟକଣାକୁ ପଛରେ ପକାଇ ପ୍ରତିଯୋଗିତାମୂଳକ ଭାବେ ବାଜିଥିବା ବିରାଟକାୟ ଡିଜେ ସାଉଣ୍ଡ ସିଷ୍ଟମ୍ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ପୂଜା କମିଟିଗୁଡ଼ିକ ନିଜ ନିଜର ପ୍ରତିପତି ଓ ପତିଆରା ଦେଖାଇବା ପାଇଁ ଅନ୍ୟ ରାଜ୍ୟରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କମ୍ପନ ସୃଷ୍ଟିକାରୀ ଡିଜେ ଗାଡ଼ି ଭଡ଼ାରେ ଆଣିଥିଲେ। ପ୍ରତ୍ୟେକ ଡିଜେ ସେଟ୍ ପାଇଁ ୧ରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଥିବା ସୂଚନା ମିଳିଛି। ଭସାଣି ମେଳଣ ସ୍ଥଳକୁ ଆସିବାବେଳେ ଗୋଟିଏ କମିଟି ଅନ୍ୟ କମିଟିକୁ ଟପିବା ପାଇଁ ଡିଜେର ପ୍ରକୋପ ଓ ଭାଇବ୍ରେଟର ବ୍ୟବହାରକୁ ଚରମ ସୀମାରେ ପହଞ୍ଚାଇ ଦେଇଥିଲେ। ଏହି କାନଫଟା ଚିତ୍କାର ଓ ଉଚ୍ଚ ଶବ୍ଦ ପ୍ରଦୂଷଣ ଯୋଗୁଁ ୨ରୁ ୩ କିଲୋମିଟର ପରିଧି ମଧ୍ୟରେ ଥିବା ବୟସ୍କ ବ୍ୟକ୍ତି, ହୃଦ୍‌ରୋଗୀ, ଶିଶୁ ଏବଂ ପରୀକ୍ଷାର୍ଥୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଅସମ୍ଭବ ଭିଡ଼ ଯୋଗୁଁ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଅନ୍ୟପଟେ ଭସାଣି ପୂର୍ବରୁ ପୁଲିସ ପ୍ରଶାସନ ପକ୍ଷରୁ କଠୋର ଆଇନଗତ କଟକଣା ଓ ଶାନ୍ତି କମିଟି ବୈଠକ କରାଯାଇଥିଲେ ସୁଦ୍ଧା, ଶୋଭାଯାତ୍ରା ସମୟରେ ପ୍ରଶାସନ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିବା ଦେଖାଯାଇଥିଲା। ଖୋଲାଖୋଲି ଭାବେ ନିୟମ ଭଙ୍ଗ ହେଉଥିଲେ ବି ପ୍ରଶାସନର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ଦେଖି ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା।

### କୂଳସାହି ସୁରକ୍ଷା ଦାବି

## ବନ୍ୟାଞ୍ଚଳ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର



ବାରିକପୁର,୧୯।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ଷୋଳମପୁର ପଞ୍ଚାୟତଟି କଣ୍ଟି ଏସ୍‌କେପ୍ ମୁହଁରେ ଅବସ୍ଥିତ। ଚଳିତ ବର୍ଷ ବୈତରଣୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଏସ୍‌କେପ୍ ଦେଇ ନିଷ୍କାସିତ ପାଣି ଦ୍ୱାରା ପଞ୍ଚାୟତ ଅଞ୍ଚଳରେ ନାହିଁ ନ ଥିବା କ୍ଷତି ହୋଇଛି। ଖରିଫ୍ ଧାନ ଚାଷଠାରୁ ଆରମ୍ଭ କରି ବର୍ଷା ଦିନିଆ ପନିପରିବା ଚାଷ, କଚ୍ଚା ଘର ଓ ଗମନାଗମନ ପଥ ଅନେକ ନଷ୍ଟ ହୋଇଛି। ବନ୍ୟା ପରବର୍ତ୍ତୀ ମରାମତି ଓ ସରକାରୀ ସହାୟତା ଉକ୍ତ ଅଞ୍ଚଳ ପାଇଁ ସନ୍ତୋଷଜନକ ହୋଇନାହିଁ। ତେଣୁ ସରପଞ୍ଚ ପରମାନନ୍ଦ ନାୟକଙ୍କ ପରାମର୍ଶ କ୍ରମେ ଯୁବନେତା ସୁରଥ ଦାସ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ପଞ୍ଚାୟତର ବନ୍ୟା ସମସ୍ୟା ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ଗତ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଉତ୍ସବରେ ଯୋଗଦେବା ପାଇଁ ବୌଦ୍ଧ ବିହାର ଆସିଥିବାବେଳେ ପଞ୍ଚାୟତ ପକ୍ଷରୁ ଯୁବନେତା ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ବିଶେଷକରି ତିଖିଲିଆ ଓ ମୁଢ଼ାପଦା ପୁରାତନ ପୋଲ ନଷ୍ଟ ହୋଇଥିବାବେଳେ କୂଳସାହି ଜନବସତି ପାର୍ଶ୍ୱବର୍ତ୍ତୀ ସ୍ଥାନକୁ ଗେଙ୍ଗୁଟି ଏକପ୍ରକାର ନଷ୍ଟଭ୍ରଷ୍ଟ କରିଦେଇଛି। ଜନବସତିକୁ ଲାଗିଥିବା ପକ୍କା ରାସ୍ତାକୁ ଗେଙ୍ଗୁଟି ପାଣି ଧୋଇନେଇଥିବା ବେଳେ ପ୍ରାୟ ୩୦ ପରିବାର ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେଣୁ ଧନଜୀବନ ନଷ୍ଟ ହେବା ପୂର୍ବରୁ ଏଠାରେ ତୁରନ୍ତ ମରାମତି ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ରରେ ଜଣାଯାଇଛି। ଏହାଛଡ଼ା ନୂତନ ପୋଲ ନିର୍ମାଣ ପାଇଁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ରିଲିଫ୍ ଚାଉଳ କମ୍ ଦିଆଯାଉଥିବାବେଳେ ବହୁ ଆଦିବାସୀ ହରିଜନ ପରିବାର ପଲିଥିନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନର ଉଦାସିନତା କାରଣରୁ ବହୁ ପ୍ରକଳ୍ପ କାର୍ଯ୍ୟ ପଞ୍ଚାୟତରେ ପଡ଼ିରହିଛି। ବନ୍ୟା ପାଣି ଯୋଗୁଁ ଚାଷୀକୂଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ରାସ୍ତାଗୁଡ଼ିକ ଭାଙ୍ଗିଯାଇଛି। ବିଭାଗୀୟ ଅଧିକାରୀମାନେ ସେଗୁଡ଼ିକର ଏଯାଏଁ ମରାମତି କରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଣ୍ଟି ଏସ୍‌କେପ୍ ଉଚ୍ଚତା ବିନା ବର୍ଷକୁ ବର୍ଷ ଉକ୍ତ ପଞ୍ଚାୟତ ଅଞ୍ଚଳ ସମେତ ଅନ୍ୟାନ୍ୟ ୪/୫ଟି ପଞ୍ଚାୟତ ଓ ପଡ଼ୋଶୀ ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ବନ୍ୟା ପ୍ରକୋପ ବଢୁଥିବାବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ ମଧ୍ୟ ଦାବିପତ୍ର ମାଧ୍ୟମରେ ମନ୍ତ୍ରୀଙ୍କୁ ଜଣାଯାଇଛି। ଆହୁରି ବହୁ ସମସ୍ୟା ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ବେଳେ ଲୋକଙ୍କ ସୁରକ୍ଷା ନେଇ କେଉଁ ଭଳି କାର୍ଯ୍ୟ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

ସକାଳ THE SAKALA



# ବାରମ୍ବାର ଧସୁଛି ବୈତରଣୀ ବନ୍ଧ; ବଢୁଛି ଘାଇ ଆଶଙ୍କା



**ଆରଡ଼ି,୧୯।୯(ସମିସ):** ବୈତରଣୀ ନଦୀର ସୁରକ୍ଷା ବନ୍ଧକୁ ନେଇ ସବୁବେଳେ ଚିନ୍ତାରେ ନଦୀକୂଳିଆବାସୀ। ନଦୀ ବନ୍ଧ କେତେବେଳେ ବି ସୁରକ୍ଷିତ ନୁହେଁ। ତେଣୁ ଲୋକଙ୍କ ସୁରକ୍ଷା କେତେ ନିଶ୍ଚିତ ଚାନ୍ଦବାଲି ବ୍ଲକ୍ ଓଳଗ ପଞ୍ଚାୟତ ଅନ୍ତର୍ଗତ ଓଳଗ ନିକଟରେ ବୈତରଣୀ ବନ୍ଧ ଧସିବା ଘଟଣା ଅନେକ ପ୍ରଶ୍ନ ଛିଡ଼ା କରିଛି। ଶୁକ୍ରବାର ରାତିରେ ପ୍ରାୟ ୨୦୦ ଫୁଟ୍ ଲମ୍ବରେ ବନ୍ଧ ଧସିଯାଇଥିବା ବେଳେ ଆଉ ପ୍ରାୟ ୩୦୦ ଫୁଟ୍ ଅଞ୍ଚଳ ଦବିଯାଇଥିବା ଜଣାପଡ଼ିଛି। ପ୍ରାୟ ୩୦ ଫୁଟ୍ ଚଉଡ଼ା ବନ୍ଧର କେତେକ ସ୍ଥାନରୁ ୨୦ରୁ ୨୫ ଫୁଟ୍ ପର୍ଯ୍ୟନ୍ତ ଅଂଶ ନଦୀଗର୍ଭକୁ ଚାଲିଯାଇଛି। ଫଳରେ କେତେକ ସ୍ଥାନରେ ମାତ୍ର ୫ରୁ ୧୦ ଫୁଟ୍ ଅଂଶ ଅବଶିଷ୍ଟ ରହିଛି। ଏପରି ଦୁର୍ବଳ ସ୍ଥିତିରେ ବର୍ଷା ହେଲେ ବନ୍ଧ ଉପରେ ଅଧିକ ଚାପ ପଡ଼ିବା ସ୍ୱାଭାବିକ। ଯଦି ଜଳସ୍ତର ବଢ଼ିଯାଏ, ତେବେ ଏହି ଦୁର୍ବଳ ବନ୍ଧ ଘାଇରେ ପରିଣତ ହେବ ନାହିଁ ତ! ଏହାକୁ ନେଇ ଓଳଗବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି।

ଏପଟେ ଆଗାମୀ ୨ଦିନ ମଧ୍ୟରେ ଲଘୁଚାପଜନିତ ବର୍ଷାର ସମ୍ଭାବନା ଥିବାରୁ ଚିନ୍ତା ଆହୁରି ବଢ଼ିଛି। ବର୍ଷା ସହ ବୈତରଣୀର ଜଳସ୍ତର ବଢ଼ିଲେ ଦୁର୍ବଳ ବନ୍ଧ ଉପରେ ତାହାର ପ୍ରଭାବ କ'ଣ ହେବ, ତାହା ଏବେଠାରୁ ଆକଳନ କରି ଆବଶ୍ୟକ ପଦକ୍ଷେପ ନିଆଯିବ କି ନାହିଁ, ସେନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଦୋହରାପାଟଣାଠାରୁ ସାଠିବାଙ୍କୁଡ଼ା ପର୍ଯ୍ୟନ୍ତ ବନ୍ଧ ଉନ୍ନତୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବା ସୂଚନା ମିଳିଛି। କିନ୍ତୁ ଦୋହରାପାଟଣାଠାରୁ ପ୍ରାୟ

**ବନ୍ଧ ସୁଦୃଢ଼ୀକରଣ କାମକୁ ନେଇ ଉଠିଲା ପ୍ରଶ୍ନ**

୧ କିଲୋମିଟର ଅଞ୍ଚଳରେ ରୋଲିଂ ନ କରି କେବଳ ମୋରମ୍ ପକାଇ କାମ ସାରିଦିଆଯାଇଥିବା ନେଇ କେତେକ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏଭଳି କାମର ମାନ ଯାଞ୍ଚ ହୋଇଛି କି ନାହିଁ, ତାହା ମଧ୍ୟ ଏବେ ଚର୍ଚ୍ଚାର ବିଷୟ। ସ୍ଥାନୀୟ ବାସିନ୍ଦା ରଞ୍ଜିତ୍ ନାୟକଙ୍କ କହିବାନୁଯାୟୀ, ପୂର୍ବରୁ ମାଟି ପକାଇ ସାଠିବାଙ୍କୁଡ଼ା ପର୍ଯ୍ୟନ୍ତ ବନ୍ଧକୁ ମଜବୁତ କରାଯାଇଥିଲେ ଏଭଳି ସ୍ଥିତି ହୁଏତ ଦେଖାଦେଇ ନ ଥା'ନ୍ତା। ଏହି ଅଭିଯୋଗର ତଦନ୍ତ ସହ ବନ୍ଧର ତୁରନ୍ତ ସୁଦୃଢ଼ୀକରଣ ଦାବି ହୋଇଛି। ଜଳସେଚନ ବିଭାଗର ଅଧିକାରୀମାନେ ତୁରନ୍ତ ବନ୍ଧ ଧସିଥିବା ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ନିହାତି ଆବଶ୍ୟକ। ଦେଖିବାକୁ ବାକି ରହିଲା ବିଭାଗୀୟ ପଦକ୍ଷେପ କେବେ ଆରମ୍ଭ ହେଉଛି ଏବଂ ଘାଇ ଆଶଙ୍କା ଟଳାଇବାକୁ କି ବ୍ୟବସ୍ଥା କରାଯାଉଛି। ଏବେ ତାହା ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି। ନଚେତ୍ ସେହି ଦୁର୍ବଳ ନଦୀ ବନ୍ଧ ସକାଶେ ସେହି ଓଳଗ ପଞ୍ଚାୟତର ୫୦୦ ଫୁଟ୍ ଘାଇ ନିମନ୍ତେ ଚଳିତ ବର୍ଷ ଆସିଥିବା ୪ ଥର ବନ୍ୟା ଫଳରେ ଯେମିତି ଆରଡ଼ି ଅଞ୍ଚଳବାସୀ ୨ମାସ ଭୋଗିଲେ ପୁଣି ଆଗକୁ ସେହି ଅବସ୍ଥା ହେବା ଥୟ।

# ହଜରତ୍ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ତମ ଉର୍ସ ନିମନ୍ତେ ପ୍ରସ୍ତୁତି

**ଧାମନଗର,୧୯।୯(ସମିସ):** ଧାମନଗରଠାରେ ଭାରତ ପ୍ରସିଦ୍ଧ ଧର୍ମପୀଠ ଖାନ୍‌କା ସରିଫ୍ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ତମ ଉର୍ସ



ଉତ୍ସବ ଆସନ୍ତା ଅକ୍ଟୋବର ୧୭ ଓ ୧୮ ଦୁଇ ଦିନ ଧରି ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଡାକି ଶୁକ୍ରବାର ରାତିରେ ଧାମନଗର ଖାନ୍‌କା ସରିଫ୍ ପରିସରରେ ପୀରବାବାଙ୍କ ସାନ ନାତି ତଥା ଖାନ୍‌କା ହବିବିୟା ଟ୍ରଷ୍ଟ ଓ ପରିଚାଳନା କମିଟିର ସଭାପତି ମୌଲାନା ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ-ମିଲ୍ଲତ)ଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟକ ଲୋକ ଯୋଗଦେଇଥିବା ବେଳେ ଉପସଭାପତି ମୌଲନା ଏମ୍‌ଡି ଅବ୍‌ଦୁଲ ମନ୍ନାନ ହବିବିଙ୍କ ଉପସ୍ଥିତିରେ ସମ୍ପାଦକ ମୌଲାନା ମୁକ୍ତାର ଅହେମ୍ମଦ ହବିବି ବକ୍ତବ୍ୟ ରଖିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଉର୍ସ ଉତ୍ସବକୁ ନୂତନ ଟ୍ରଷ୍ଟ ତଥା କମିଟି ତରଫରୁ ସମସ୍ତ କାର୍ଯ୍ୟ ହାତକୁ ନେଇ ଶାନ୍ତିଶୃଙ୍ଖଳା ସହ କିପରି ପାଳନ ହେବ ଏବଂ ଆଗାମୀ ଦିନରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଯିବା ସହ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ତାଙ୍କର ରହିବା, ଗାଡ଼ି ପାର୍କିଂ ଓ ସମସ୍ତ ସୁବିଧାସୁଯୋଗ ନିମନ୍ତେ ବ୍ୟାପକ ଆଲୋଚନା କରାଯାଇଥିଲା। ଉପଦେଷ୍ଟା ତଥା ସମାଜସେବୀ ଏମ୍‌ଡି ଫଜଲେ ବାରି ହବିବି, ମୀର୍ ମୋହିଉଦ୍ଦିନ, ଏମ୍‌ଡି ହବିବୁର ରହେମାନ, ଏମ୍‌ଡି ଜୟନୁଲ ଆବେଦିନ, ସେକ୍ ନିଜାମୁଦ୍ଦିନ, ସେକ୍ ଇବ୍ରାହିମ୍ ସେକ୍ ଅଲ୍ଲୀ ମହମ୍ମଦ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଟ୍ରଷ୍ଟର କୋଷାଧ୍ୟକ୍ଷ ଏମ୍‌ଡି ଇସ୍‌ଲାମୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବିଜ୍ଞାନ ପ୍ରଦର୍ଶନୀ




**ଅସୁରାଳି,୧୯।୯(ସମିସ):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ୧୭ତମ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ରର ଉପସଭାପତି ଦେବାଶିଷ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ସଭାରେ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ସଭାପତିତ୍ୱ କରିଥିଲେ। ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷ ପଣ୍ଡିତ ନୃସିଂହ ଚରଣ ନାୟକଙ୍କ ମାର୍ଗଦର୍ଶନରେ ଏହି ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ପର୍ଯ୍ୟବେକ୍ଷକ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ତୃପ୍ତି ରଞ୍ଜନ ବିଶ୍ୱାଳ, ରଘୁନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବିଜ୍ଞାନଭିତ୍ତିକ ପ୍ରକଳ୍ପଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ପ୍ରଦର୍ଶନୀରେ ଶିକ୍ଷା କେନ୍ଦ୍ରର ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ଓ ମଡେଲ୍ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରକଳ୍ପ ସମ୍ପର୍କରେ ଅତିଥି ଓ ଦର୍ଶକମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା କେନ୍ଦ୍ରର ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ପୁଷ୍ପାଞ୍ଜଳି ତରାଇ, ମୋନାଲିସା ସେଠୀ, ସ୍ୱାଗତିକା ସାହୁ, ସସ୍ମିତା ଆରଣ, ମୋନାଲିସା ବାରିକ, ଉର୍ମିଳା ଧଳ ଓ ଲୋପାମୁଦ୍ରା ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମାତୃ ସାଧିକା ମଧୁମିତା ନାୟକ ବିଜ୍ଞାନଭିତ୍ତିକ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ଶିକ୍ଷା କେନ୍ଦ୍ର ସମ୍ପାଦକ ସୁଧୀର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ୟାମସୁନ୍ଦର ମନ୍ଦିରରେ ପବିତ୍ର ରାଧାଷ୍ଟମୀ ଉତ୍ସବ



**ବନ୍ତ/ଆଗରପଡ଼ା,୧୯।୯(ସମିସ):** ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରାଣପ୍ରିୟା ରାଧାରାଣୀଙ୍କ ଆବିର୍ଭାବ ତିଥି ଅବସରରେ ବନ୍ତ ବ୍ଲକ୍‌ର ବସନ୍ତିଆସ୍ଥିତ ଶ୍ୟାମସୁନ୍ଦର ମନ୍ଦିରରେ ପବିତ୍ର ରାଧାଷ୍ଟମୀ ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପବିତ୍ର ତିଥିରେ ପ୍ରଥମେ ମନ୍ଦିରର ପୁରୋହିତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ, ପୂଜାର୍ଚ୍ଚନା କରାଯିବା ସହ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ମନୋରମ ବେଶରେ ସୁସଜ୍ଜିତ କରାଯାଇଥିଲା। ବସନ୍ତିଆ ଶ୍ୟାମସୁନ୍ଦର ମନ୍ଦିରରେ ଏହି ପବିତ୍ର ଉତ୍ସବ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାରମ୍ପରିକ ଭାବେ ପାଳିତ ହୋଇଆସୁଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ପରମ୍ପରାକୁ ବଜାୟ ରଖି ଅତି ଧୂମ୍‌ଧାମ୍‌ରେ ନୀତିକାନ୍ତି ସମ୍ପନ୍ନ ହୋଇଛି। ଏହି ଅବସରରେ ପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ଭିକ୍ଷା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଶ୍ରୀବନ୍ତପୁର ରାଧାକୃଷ୍ଣ ମନ୍ଦିରରେ ମଧ୍ୟ ପବିତ୍ର ରାଧାଷ୍ଟମୀ ଉତ୍ସବ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହା ସହ ବନ୍ତ ବ୍ଲକ୍‌ର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ହୋମଯଜ୍ଞ ଓ ବିଶେଷ ପୂଜାର୍ଚ୍ଚନା ସହ ଏହି ଉତ୍ସବ ଖୁବ୍ ଉତ୍ସାହର ସହ ପାଳନ କରାଯାଉଛି।

## ବିଭିନ୍ନ ପୂଜା ମଣ୍ଡପ ବୁଲିଲେ କଂଗ୍ରେସ ନେତା



**ବନ୍ତ/ଆଗରପଡ଼ା,୧୯।୯(ସମିସ):** ପବିତ୍ର ଗଣେଶ ପୂଜା ଅବସରରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଆଗରପଡ଼ା ପୁରୁଷୋତ୍ତର କୁଦମ୍ବଛକ, ଆଦିବାସୀ ସାହି, ଭବାନିଗଞ୍ଜ, ବ୍ରାହ୍ମଣ ଦାସ ସାହି ଏମିତି ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ଶ୍ରୀଗଜାନନଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ପ୍ରତ୍ୟେକ ପୂଜା ମଣ୍ଡପରେ ପହଞ୍ଚିବା ସମୟରେ ଆୟୋଜକ ଓ ସ୍ଥାନୀୟ ଲୋକମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ବିଶେଷକରି ଛୋଟ ଛୋଟ ପିଲାମାନଙ୍କ ସହ ସ୍ନେହଭରା ସାକ୍ଷାତ୍ ଓ ଆତ୍ମୀୟତାର ମୁହୂର୍ତ୍ତ ସମସ୍ତଙ୍କ ମନ ଜିତିଥିଲା। ପୂଜା ମଣ୍ଡପ ପରିଦର୍ଶନ ପରେ ଶ୍ରୀ ପଟ୍ଟନାୟକ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ତାଙ୍କ ସହ ବ୍ଲକ୍ ସଭାପତି ପଞ୍ଚାନନ ମଣ୍ଡଳ, ବ୍ଲକ୍ ଯୁବ କଂଗ୍ରେସ ସଭାପତି ସନ୍ଦିପ୍ ଜେନା, ରବିନାରାୟଣ ମହାନ୍ତି, କାର୍ତ୍ତିକ ଜେନା, ସତ୍ୟବାନ ଦାସ, ସୁବ୍ରତ ପଣ୍ଡା, ବାଙ୍କବିହାରୀ ଯେନା, ଦିଲ୍ଲୀପ ପୁହାଣ, ମହେଶ୍ୱର ଦାସ, ପ୍ରକାଶ ମହାକୁଡ଼, ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ମହାନତା ଦେଖାଇଲେ ନଳିନୀ

**ଭଦ୍ରକ,୧୯।୯(ସମିସ):** ଘରକୁ ଫେରିବା ବାଟରେ ଦୁର୍ଘଟଣା ହୋଇ ପଡ଼ିଥିବା ଅଜଣା ମହିଳାଙ୍କୁ ନିଜ ଗାଡ଼ିରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି କରାଇଲେ ଚିକିତ୍ସା। ଏହି ମହାନତାର କାର୍ଯ୍ୟ କରି ପ୍ରଶଂସାର ଅଧିକାରୀ ହୋଇଛନ୍ତି ଜିଲ୍ଲା କଂଗ୍ରେସ ସଭାପତି



ନଳିନୀକାନ୍ତ ମହାନ୍ତି। ସୂଚନାନୁଯାୟୀ, ଶନିବାର ଅପରାହ୍ଣ ୨ଟା ବେଳେ ସେ ଘରକୁ ଫେରୁଥିବା ସମୟରେ ଭଦ୍ରକ ବନ୍ତ ଛକଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ପଡ଼ିଥିବା ଜଣେ ଅଜଣା ବୟସ୍କା ମହିଳାଙ୍କୁ ନିଜ ଗାଡ଼ିରେ ସେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଭଦ୍ରକ ସହର ବନ୍ତ ଛକ ନିକଟରେ ଭିକ୍ଷାବୃତ୍ତି କରୁଥିବା ଜଣେ ବୟସ୍କା ମହିଳାଙ୍କ ଉପରେ ଏକ ଯାତ୍ରୀବାହୀ ବସ୍ ଚଢ଼ାଇ ଦେଇଥିଲା। ଫଳରେ ସେ ଗୁରୁତର ହୋଇ ସେହିଠାରେ ପଡ଼ିଥିଲେ। ସେହି ରାସ୍ତାରେ ଯାଉଥିବା ସମୟରେ ଏହି ଘଟଣା ଉପରେ ନଜର ପଡ଼ିଥିଲା ନଳିନୀଙ୍କର। ବିଳମ୍ବ ନ କରି ସେ ତୁରନ୍ତ ନିଜ ଗାଡ଼ିରେ ତାଙ୍କୁ ହସ୍ପିଟାଲ ନେଇ ଆସିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଅତି ଗୁରୁତର ଥିବା ଜଣାପଡ଼ିଛି।

## ଚାନ୍ଦବାଲି ଅଟୋ ସଂଘର ୨୨ତମ ବିଶ୍ୱକର୍ମା ପୂଜା



**ଚାନ୍ଦବାଲି,୧୯।୯(ସମିସ):** ଚାନ୍ଦବାଲି ଅଟୋ ସଂଘ ପକ୍ଷରୁ ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ୨୨ତମ ପୂଜା ଉତ୍ସବ ଭକ୍ତି, ଶ୍ରଦ୍ଧା ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଟୋ ସଂଘର ଶତାଧିକ ସଦସ୍ୟ ଏକତ୍ରିତ ହୋଇ ପ୍ରଭୁ ବିଶ୍ୱକର୍ମାଙ୍କ ବିଧିବଦ୍ଧ ପୂଜାର୍ଚ୍ଚନା କରିଥିଲେ। ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ଓ ସୁବିଧାଜନକ ଯାତାୟାତ ସେବା ଯୋଗାଇବା ସହିତ ସାମାଜିକ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ସଂଘର ସଦସ୍ୟମାନେ ସଂକଳ୍ପ ନେଇଥିଲେ। ଏହି ପୂଜା ଉତ୍ସବରେ ଅଟୋ ସଂଘର ସମ୍ପାଦକ ବ୍ରଜସୁନ୍ଦର ମହାନ୍ତି, ସଭାପତି ଅଶୋକ ରାଏ, ଉପଦେଷ୍ଟା ସୁଧୀର ମହାନ୍ତିଙ୍କ ସମେତ ସଂଘର ସଦସ୍ୟ ଓ ସ୍ଥାନୀୟ ଶୁଭେଚ୍ଛୁମାନେ ଉପସ୍ଥିତ ରହି ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଉତ୍ସବକୁ ସଫଳ କରିବାରେ ଅଟୋ ସଂଘର ସମସ୍ତ ସଦସ୍ୟଙ୍କ ସହଯୋଗ ଓ ସକ୍ରିୟ ଭୂମିକା ରହିଥିଲା।

## ଧୂଷୁରୀ ଅଟୋ ଚାଳକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା



**ଅସୁରାଳି,୧୯।୯(ସମିସ):** ଧୂଷୁରୀ ବଜାର ପରିସରରେ ଅଟୋ ଚାଳକ ସଂଘ ତରଫରୁ ପବିତ୍ର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱକର୍ମାଙ୍କ ପୂଜାକୁ ନେଇ ଧୂଷୁରୀ ବଜାର ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ପୂଜା ମଣ୍ଡପକୁ ସୁନ୍ଦର ଭାବେ ସଜାଯାଇଥିଲା। ସକାଳୁ ଭକ୍ତମାନଙ୍କ ସମାଗମ ହୋଇଥିବାବେଳେ ବିଧିବିଧାନ ଅନୁଯାୟୀ ଭଗବାନ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଆଳତି ଅନୁଷ୍ଠିତ ହୋଇଥିଲା। ସଂଘର ସଦସ୍ୟମାନେ ନିଜ ନିଜ ଯାନବାହନର ସୁରକ୍ଷା ଓ ମଙ୍ଗଳ କାମନା କରି ଭଗବାନ ବିଶ୍ୱକର୍ମାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଧୂଷୁରୀ ପ୍ରେସ୍ ୟୁନିଅର ସଭାପତି ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, ଅନନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମାଳଦାରେ ରାଧାଷ୍ଟମୀ ପାଳିତ

**ବାରିକପୁର,୧୯।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ରାଧାଗୋବିନ୍ଦ ଧାମରେ ଶନିବାର ପବିତ୍ର ରାଧାଷ୍ଟମୀ ଭାବଭକ୍ତିର ସହିତ ପାଳିତ ହୋଇଯାଇଛି। ଧାମରେ ପ୍ରତ୍ୟୁଷରୁ ବାଲଭୋଗ ଲାଗି ହେବା ପରେ ଅପରାହ୍ଣ ଯାଏଁ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିବା ବେଳେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଉତ୍ସବ ପାଳନ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସତ୍‌ସଙ୍ଗୀ ରାମଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦିବସଭରି କାର୍ଯ୍ୟକ୍ରମକୁ ଆନନ୍ଦ ଚନ୍ଦ୍ର ପଲେଇ, ମମତା ପଲେଇ, ବିପିନ ଦାସ, ଘନଶ୍ୟାମ ସାମଲ, ରଜତ ଜେନା, କ୍ଷୀରୋଦ ଦାସ, ମନୋରଞ୍ଜନ ମହାନ୍ତି, ଦୀପା ଖୁଣ୍ଟିଆ, ବାସନ୍ତୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ସେତୁ ନିର୍ମାଣ ଦାବି

**ବାରିକପୁର,୧୯।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ମାଳଦା ଅଞ୍ଚଳଟି ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ପରିଗଣିତ ହୋଇଛି। ବୈତରଣୀ ନଦୀରେ ସାମାନ୍ୟରୁ ମଧ୍ୟମ ଧରଣର ବନ୍ୟା ଆସିଲେ ଉକ୍ତ ସ୍ଥାନରେ ଥିବା ଛୋଟବଡ଼ ନାଳ ସର୍ବପ୍ରଥମେ ଜଳପୂର୍ଣ୍ଣ ହୋଇଯାଏ। ଫଳରେ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ବିଶେଷକରି ପୁରାତନ ଘୋଷରାଗୁଡ଼ିକ ଉପରେ ପାଣି ପ୍ରବାହିତ ହେବାରୁ ସ୍ଥାନୀୟ ବାସିନ୍ଦାମାନେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥା'ନ୍ତି। ଏମିତି ଏକ ପୁରାତନ ଘୋଷରା ଦେଖିବାକୁ ମିଳିଛି ନପଙ୍ଗ ଜେନା ସାହି ନିକଟରେ।



ଗ୍ରାମର ପାଲା ପଡ଼ିଆକୁ ଲାଗି ଜେନା ସାହିଠାରେ ଥିବା ନାଳ ଉପରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଘୋଷରା ନିର୍ମାଣ ହୋଇଛି। କଣ୍ଟି ଏସ୍କେପରେ ବନ୍ୟା ପାଣି ପ୍ରବାହିତ ହେବାର ୨/୩ ଘଣ୍ଟା ମଧ୍ୟରେ ଏହି ନାଳରେ ପାଣି ପହଞ୍ଚି ଯାଇଥାଏ। ଚାହୁଁ ଚାହୁଁ ବନ୍ୟା ପାଣିରେ ଘୋଷରା ମଧ୍ୟ ବୁଡ଼ିଯାଏ। ଏପରିକି ଅଞ୍ଚଳରେ ବଡ଼ ଧରଣର ବର୍ଷା ହେଲେ ମଧ୍ୟ ଘୋଷରା ଉପରେ ପାଣିର ସୁଅ ଛୁଟିଥାଏ। ରାସ୍ତା ବୁଡ଼ିବା ପୂର୍ବରୁ ଘୋଷରା ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଗ୍ରାମର ପାଖାପାଖି ୨ହଜାର ଲୋକ ସାଧାରଣ ଯାତାୟାତରୁ ବଞ୍ଚିତ ହୋଇଥା'ନ୍ତି। ବନ୍ୟା ସମୟରେ ବିପଦପୂର୍ଣ୍ଣ ଘୋଷରା ଦେଇ ଲୋକେ ବଜାର ଘାଟକୁ ଯାତାୟାତ କରିପାରନ୍ତି ନାହିଁ। କିଛି ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସରତା ପୋଲଠାରୁ ନପଙ୍ଗ ଦେଇ ଜୋରାଗଡ଼ିଆ ଆଦିବାସୀ ସାହି ଯାଏଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ ହୋଇଥିଲା। ସେତେବେଳେ ପାଲା ଏଠାରେ ସେତୁ ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରିଥିଲେ। ପରିତାପର ବିଷୟ ବିଭାଗୀୟ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ସାମାନ୍ୟ ପାଣି ହେଲେ ଲୋକମାନେ ଗମନାଗମନ ପାଇଁ ବିପଦସଙ୍କୁଳ ଭାବେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। କେବଳ ନପଙ୍ଗ ନୁହେଁ, ଆଖପାଖ ୧୦/୧୫ ଖଣ୍ଡ ଗାଁର ଲୋକେ ବନ୍ୟା ସମୟରେ ଏହି ପଥ ଦେଇ ଯିବାଆସିବା ପାଇଁ କଷ୍ଟକର ହେଉଛି। ଅନୁରୂପ ଭାବେ ସ୍କୁଲ ଛକ କଲ୍‌ଭର୍ଟଠାରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହେଉଛି। ତେଣୁ ଏହା ଉପରେ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଘୋଷରା ପରିବର୍ତ୍ତେ ଏଠାରେ ପୋଲ ନିର୍ମାଣ ପାଇଁ ଜଳନ୍ଧର ଜେନା, ବିଜୟ ଜେନା, ଉଦୟନାଥ ନାୟକ, ଦିବାକର ନାୟକ, ଅରୁଣା ଜେନା, ଅଲେଖ ଜେନା, କୀର୍ତ୍ତନ ଜେନା, ସନ୍ତୋଷ ଧଳ, ନିରଦ ନାୟକ, ଶୁଭ୍ରଜିତ୍ ରାଉତ, ଦନୁ ସାମଲ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଫାଟିଗଲା ପେଟ୍ରୋଲ ଟ୍ୟାଙ୍କର ଚକା; ବର୍ତ୍ତିଗଲା ଅନେକ ଜୀବନ

**ବନ୍ତ/ଆଗରପଡ଼ା,୧୯।୯(ସମିସ):** ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଆପଣ୍ଡା ନିକଟରେ ଶନିବାର ଏକ ଭୟଙ୍କର ଅଘଟଣରୁ ଅଳ୍ପକେ ଏକ ପେଟ୍ରୋଲ ଟ୍ୟାଙ୍କର ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଟ୍ରକ୍‌ଟି ଦ୍ରୁତଗତିରେ ଯାଉଥିବା ସମୟରେ ହଠାତ୍ ଏହାର ଆଗ ବାମ ପାର୍ଶ୍ୱ ଚକାଟି ଫାଟିଯାଇଥିଲା। ଚକା ଫାଟିବା ଯୋଗୁଁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା



ଉପରେ କିଛି ବାଟ ଘୋଷାରି ହୋଇ ଆଗେଇ ଯାଇଥିଲା। ଘଟଣାସ୍ଥଳରେ ଗାଡ଼ିଟି ଅଟକିଯାଇଥିବାରୁ ଏକ ବଡ଼ ଧରଣର ବିସ୍ଫୋରଣରୁ ବର୍ତ୍ତି ଯାଇଛି ଅନେକ ଧନଜୀବନ। ତେବେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗାଡ଼ି ମାଲିକ, ଚାଳକ ଏବଂ ପରିବହନ ସଂସ୍ଥାର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଗାଡ଼ିର ଟାୟାରଟି ଦୀର୍ଘଦିନରୁ ଅତ୍ୟନ୍ତ କ୍ଷୟପ୍ରାପ୍ତ ଓ ବିପଜ୍ଜନକ ଅବସ୍ଥାରେ ଥିବା ଜଣାପଡ଼ିଛି। ଟାୟାରର ଭିତର ଭାଗର ତାର ସବୁ ବାହାରକୁ ବାହାରି ପଡ଼ିଥିବା ଦେଖିବାକୁ ମିଳିଛି। ପେଟ୍ରୋଲ ଭଳି ଏକ ଅତ୍ୟନ୍ତ ଜ୍ୱଳନଶୀଳ ଓ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରୁଥିବା ଗାଡ଼ିରେ ଏଭଳି ଜର୍ଜରିତ ଟାୟାର୍ ବ୍ୟବହାର କରିବା ସିଧାସଳଖ ଭାବେ ଲୋକଙ୍କ ଜୀବନ ସହ ଖେଳିବା ସହ ସମାନ। ନିୟମ ଅନୁସାରେ, ଏପରି ଜରୁରୀକାଳୀନ ଓ ବିପଜ୍ଜନକ ଗାଡ଼ିଗୁଡ଼ିକର ସମସ୍ତ ଯନ୍ତ୍ରାଂଶ ଏବଂ ଟାୟାର୍ ପ୍ରତିଦିନ ଯାଞ୍ଚ କରାଯିବା ଆବଶ୍ୟକ। କିନ୍ତୁ ଟ୍ରାନ୍ସପୋର୍ଟ ସଂସ୍ଥା ଏବଂ ଗାଡ଼ି ମାଲିକ ମରାମତି ଓ ରକ୍ଷଣାବେକ୍ଷଣକୁ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଯଦି ଘଟଣାସ୍ଥଳରେ ଟ୍ୟାଙ୍କରଟି ଓଲଟି ପଡ଼ିଥା'ନ୍ତା କିମ୍ବା ନିଆଁ ଲାଗିଯାଇଥା'ନ୍ତା, ତେବେ ରାଜପଥରେ ଯାତାୟାତ କରୁଥିବା ଶହଶହ ଲୋକ ଏବଂ ଯାତ୍ରୀବାହୀ ବସ୍ ବଡ଼

**ମାଲିକ ଓ ଟ୍ରାନ୍ସପୋର୍ଟ ସଂସ୍ଥାର ଅବହେଳାକୁ ନେଇ ଉଠିଲା ପ୍ରଶ୍ନ**

ଦୁର୍ଘଟଣାର ଶିକାର ହୋଇଥା'ନ୍ତେ। ସେତେବେଳେ ହୋଇଥିବା ଅପୂରଣୀୟ କ୍ଷତି ପାଇଁ କିଏ ଦାୟୀ ରହିଥା'ନ୍ତା? ଗାଡ଼ିକୁ ରାସ୍ତାକୁ ଛାଡ଼ିବା ପୂର୍ବରୁ ତା'ର ସୁରକ୍ଷା ଓ ଫିଟ୍‌ନେସ୍ ଯାଞ୍ଚ କରିବା କ'ଣ ମାଲିକ ଓ ଚାଳକଙ୍କ ପ୍ରାଥମିକ ଦାୟିତ୍ୱ ନୁହେଁ? ଏହି ଘଟଣା ପରିବହନ ବିଭାଗର କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଉଛି। କିପରି ଏଭଳି ବିପଜ୍ଜନକ ଗାଡ଼ିଗୁଡ଼ିକୁ ରାସ୍ତାରେ ଚାଲିବାକୁ ଅନୁମତି ମିଳୁଛି, ତାହାର ତଦନ୍ତ ହେବା ନିହାତି ଜରୁରୀ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଏବଂ ବୁଦ୍ଧିଜୀବୀମାନେ ଅବହେଳା କରିଥିବା ଟ୍ରାନ୍ସପୋର୍ଟ ସଂସ୍ଥା, ଗାଡ଼ି ମାଲିକ ଏବଂ ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ରାଜପଥରେ ଯାତାୟାତ କରୁଥିବା ସମସ୍ତ ଜ୍ୱଳନଶୀଳ ଟ୍ୟାଙ୍କରଗୁଡ଼ିକର କଡ଼ା ତଦାରଖ ଏବଂ ଫିଟ୍‌ନେସ୍ ଯାଞ୍ଚ କରିବା ନେଇ ପରିବହନ ବିଭାଗ ଓ ପ୍ରଶାସନ ପାଖରେ ଦାବି ରଖିଛନ୍ତି।

**ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ**

# ନୂତନ ସୃଷ୍ଟିର ସୂତ୍ରଧର ଥିଲେ ବିଷ୍ଣୁ: ପ୍ରଭାତୀ

**ଭଦ୍ରକ/ତିହିଡ଼ି,୧୯।୯(ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ିସ୍ଥିତ କାଳୀପଡ଼ିଆରେ ପୂର୍ବତନ ବିଧାୟକ, 'ଘାସଫୁଲ'ର ପ୍ରତିଷ୍ଠାତା ସମ୍ପାଦକ ଦିବଂଗତ ଜନନେତା ବିଷ୍ଣୁ ସେଠୀଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଜନନେତା ସ୍ୱର୍ଗତ ବିଷ୍ଣୁ ସେଠୀ ନୂତନ ସୃଷ୍ଟିର ସୂତ୍ରଧର ଥିଲେ। ସେ ନୂତନଙ୍କୁ ସୃଷ୍ଟି କରିବା ସହ ପ୍ରତିଫଳିତ କରିବାରେ ତାଙ୍କର ଦକ୍ଷତା ଥିଲା ଅନନ୍ୟ। ଆଗକୁ ପ୍ରତ୍ୟେକ ଅଙ୍ଗନବାଡ଼ିରେ "ମଙ୍ଗଳ ମେଳନ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପିଲାମାନଙ୍କ ଭିତରେ ପୋଷକ ଦେଖିବାର ମନୋବୃତ୍ତି ସମସ୍ତଙ୍କ ଭିତରେ ରହିଲେ ସ୍ୱର୍ଗତ ସେଠୀଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ବିଷ୍ଣୁ ସେଠୀଙ୍କ ତୈଳଚିତ୍ର ସହିତ "ଘାସଫୁଲ' ପତ୍ରିକାର ୱେବ୍‌ସାଇଟ୍ ଉନ୍ମୋଚନ କରିବା ଅବସରରେ କହିଥିଲେ ଯେ, ସମାଜର ହିତସାଧନ କରିଥିବା ବିଷ୍ଣୁ ସେଠୀ ବିଚାରଧାରାରେ କାର୍ଯ୍ୟ କରିପାରିଲେ ସେହି ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।



ବରେଣ୍ୟ ଅତିଥି ଭାବେ ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗଦେଇ ସ୍ୱର୍ଗତ ସେଠୀ କଠୋର ନିଷ୍ପତ୍ତି ନେଇପାରୁଥିବା ବେଳେ ନିଜର ସ୍ୱପ୍ନ ଓ ଆବେଗକୁ ଜଳାଞ୍ଜଳି ଦେଇ ସମାଜ କଲ୍ୟାଣର ସ୍ୱପ୍ନ ଦେଖୁଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଭୂତି ଭୂଷଣ ପ୍ରଧାନ, ସିଦ୍ଧାନ୍ତ ମହାପାତ୍ର, ବିଭୂ ତରାଇ, ଗଣେଶ୍ୱର ବେହେରା, ଛବି ମଲ୍ଲିକ, ଅମର ନାୟକ, ପଦ୍ମଲୋଚନ ପଣ୍ଡା, ମୋହନ ମହାନ୍ତି, ଆଶ୍ରିତ ପଟ୍ଟନାୟକ, ସୀମାରାଣୀ ନାୟକ, ଅମରେନ୍ଦ୍ର ଦାସ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପର୍ଶୁରାମ ଧଡ଼ା, ମହିଳା କମିସନ ଅଧ୍ୟକ୍ଷା ସ୍ୱପ୍ନା ମହାନ୍ତି, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ, ଡ. ରବୀନ୍ଦ୍ର କୁମାର ନାୟକ, ଗୌତମ ରାୟ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ନାଟ୍ୟକାର ବିଜୟ ଦାସ, କବି ଡ. ନୃସିଂହ ଷଡ଼ଙ୍ଗୀ, ପ୍ରବଚକ ବୀରେନ୍ଦ୍ର ପଣ୍ଡା, ସଂଗ୍ରାମ ଆଚାର୍ଯ୍ୟ, ଡ. ରଞ୍ଜିତ୍ ଖଟୁଆ, ସତ୍ୟାନନ୍ଦ ରାଉତ, ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ 'ଘାସଫୁଲ' ପତ୍ରିକାର ପାର୍ବଣ ସଂଖ୍ୟା ସହିତ "ବିଷ୍ଣୁ ବୈଭବ' ଓ "କଫି ହାଉସ୍' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ୱର୍ଗତ ସେଠୀଙ୍କ ସୁପୁତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱର୍ଗତ ସେଠୀଙ୍କ ପତ୍ନୀ ଉର୍ମିଳା ପାଣିଗ୍ରାହୀ, ଝିଅ ଶ୍ରୁତି ଶରଣ୍ୟା, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ପ୍ରକାଶକ ଶ୍ରୀଗୋବିନ୍ଦ, ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୀତିକାର ପଞ୍ଚାନନ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଲିସ ଡିଆଇଜି ପିନାକୀ ମିଶ୍ର, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଡ. ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ସଂଯୁକ୍ତା ଭାରତୀ, କବି ସଞ୍ଜିତ୍ ବଳ, ଗୌରାଙ୍ଗ ବାରିକ, ଦୈତ୍ୟାରୀ ମହାପାତ୍ର, ବିଭୂତି ଭୂଷଣ ସେନାପତି, ଶଶିକାନ୍ତ ବିଶ୍ୱାଳ, ସୁପ୍ରଭା ପାଣି, କୁନ୍ତଳା ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଧାମନଗର ଭାଜପା ପ୍ରଭାରୀ ବୁଦ୍ଧଦେବ ଜେନା, ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ନିହାରିକା ବିଶ୍ୱାଳ, ଭକ୍ତହରି ମଲିକ, ପୁଷ୍ପାଞ୍ଜଳି ଲେଙ୍କା, ଝରଣା ଜେନା, କେଶବ ବେହେରା, ସୁବାସ ସେଠୀ, ଅମୂଲ୍ୟ ସେନାପତି, ଆଲୋକ ବିକାଶ ପ୍ରମୁଖଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସହକର୍ମୀଙ୍କୁ ଦୁଷ୍କର୍ମ ଅଭିଯୋଗ

# ଝାରପଡ଼ା ଜେଲ୍‌କୁ ଗଲେ ପରିବହନ ବିଭାଗ ଅତିରିକ୍ତ ସଚିବ

ଭୁବନେଶ୍ୱର,୧୮ ।୯ (ସମିସ): ସହକର୍ମୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳ ଶନିବାର ଝାରପଡ଼ା ଜେଲ୍‌କୁ ଯାଇଛନ୍ତି। ଶୁକ୍ରବାର ତାଙ୍କୁ ଖାରବେଳନଗର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶନିବାର ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଅନ୍ୟପକ୍ଷରେ ଶ୍ରୀ ବିଶ୍ୱାଳ ପୀଡ଼ିତାଙ୍କ ଘରେ ପଶି ହଙ୍ଗାମା କରି ଗିରଫ ହେବା ପରେ ଶନିବାର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି । ମାନବାଧିକାର କର୍ମୀ ଜୟନ୍ତ

**ମହିଳା କମିସନ, ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ମାମଲା**

ଦାସଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶ୍ରୀ ଦାସ ଏହି ମାମଲାର ନିରପେକ୍ଷ ତଦନ୍ତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହା ସହ ପୀଡିତାଙ୍କୁ ସୁରକ୍ଷା ଓ ଆଇନଗତ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ପରିବହନ ବିଭାଗର ଚୁକ୍ତି ଭିତ୍ତିକ ଚାକିରି କରୁଥିବା ପୀଡିତା ଜଣଙ୍କ ଗତକାଲି ଖାରବେଳନଗର ଥାନାରେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ।

ସେପଟେ ଏହି ମାମଲାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ରାଜ୍ୟ ମହିଳା କମିଶନ। ମାମଲା ରୁଜୁ କରିବା ସହ ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ନାଇଜର ଛାତ୍ରାବାସରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ଜଟଣୀ, ୧୯।୯ (ସମିସ): ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥା (ନାଇଜର) ଭୁବନେଶ୍ୱରରେ ଅଧ୍ୟୟନ କରୁଥିବା ଜଣେ ମାଷ୍ଟର ସାଇନ୍ସ ତୃତୀୟ ବର୍ଷର ଛାତ୍ର ଭାଗିରଥି ଛାତ୍ରାବାସରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରଙ୍କ ନାମ ବିନୟ ସନ୍ନ୍ୟାସୀ ଭେଙ୍କଟ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ବିନୟଙ୍କ ଘର ମହାରାଷ୍ଟ୍ର ରାଜ୍ୟ ନାଗପୁର ଅଞ୍ଚଳରେ ବୋଲି ଜଣାପଡିଛି । ଘଟଣା ସ୍ଥଳରେ ଜଟଣୀ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଘଟଣା ନେଇ ମୃତକଙ୍କ ପରିବାର ଲୋକଙ୍କ ସହିତ ପୁଲିସ ଯୋଗାଯୋଗ କରିଥିବା କହିଛି ।

# ଅବଶିଷ୍ଟାଂଶ...

## ତୀର୍ଥଯାତ୍ରା ହେଲା...

ଭଣଜାକୁ ସାଙ୍ଗରେ ଧରି ଗତ ବୁଧବାର ରାତିରେ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ମଧ୍ୟପ୍ରଦେଶ ଯାଇଥିଲେ। ସେଠାରେ ଗୁରୁବାର ରାତିରେ ପହଞ୍ଚି ହୋଟେଲରେ ରହିଥିଲେ । ଶୁକ୍ରବାର ସକାଳୁ ଉଜ୍ଜୟିନୀରେ ମହାକାଳେଶ୍ୱର ମନ୍ଦିର ଦର୍ଶନ କରିଥିଲେ। ପରେ କାର୍ ଯୋଗେ ଆଗର ମାଲୱା ଜିଲ୍ଲା ନଲଖେଡ଼ାସ୍ଥିତ ପ୍ରସିଦ୍ଧ ମା' ବଗଳାମୁଖୀ ମନ୍ଦିରକୁ ଯାଇଥିଲେ । ସନ୍ଧ୍ୟା ସମୟରେ ସ୍ଥାନୀୟ ଅଞ୍ଚଳରେ ୩୭ ମିଲିମିଟର ବର୍ଷା ଯୋଗୁଁ ଲଖୁନ୍ଦର ନଦୀରେ ପାଣିର ସ୍ତର ଓ ସ୍ରୋତ ହଠାତ୍ ବଢ଼ିଯାଇଥିଲା । ନଦୀ ଫୁଲିବା ସହ ଏକ ସଂଲଗ୍ନ ନାଳରେ ପ୍ରବଳ ଜୋର୍‌ରେ ବର୍ଷାଜଳ ପ୍ରବାହିତ ହୋଇଥିଲା । ସେମାନେ ଦର୍ଶନ ସାରି ରାତି ପ୍ରାୟ ୯ଟା ୩୦ ମିନିଟ୍ ସମୟରେ କାର୍ ଯୋଗେ ଫେରିବା ବେଳେ କାର୍ ଚାଳକ ଶ୍ୟାମସୁନ୍ଦର ନାଳ ଉପରେ ପ୍ରଖର ସ୍ରୋତକୁ କଳି ନ ପାରି ନାଳ ଅତିକ୍ରମ କରିବା ବେଳେ କାର୍‌ଟି ଭାସିଯାଇଥିଲା। ତେବେ ଦୁର୍ଭାଗ୍ୟକୁ କାର୍‌ଟି ଭିତର ପଟରୁ ଲକ୍ ହୋଇଯିବା ଫଳରେ ଚାଳକଙ୍କ ସମେତ ୮ ଜଣ ଯାକ ପ୍ରାଣ ହରାଇଥିଲେ।

ରାତି ୧୦ଟା ବେଳେ ପରିବାର ଲୋକଙ୍କ ସହ ଏମାନେ ଫୋନ୍‌ରେ ଶେଷଥର ପାଇଁ କଥାବାର୍ତ୍ତା ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୋଗାଯୋଗ କରିବାରୁ ଫୋନ୍ ଆଉ ଲାଗି ନ ଥିଲା । ସେପଟେ ପୁଲିସ ଓ ପ୍ରଶାସନ ଖବର ପାଇ ପହଞ୍ଚିବା ବେଳକୁ ଭୋର୍ ହୋଇ ଯାଇଥିଲା। ପ୍ରଖର ସ୍ରୋତରେ ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଶେଷରେ କାର୍‌ଟିକୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତା' ଭିତରେ ଥିବା କାହାରି ଜୀବନ ବଞ୍ଚି ନ ଥିଲା। ଗାଡ଼ି ଭିତରୁ ମିଳିଥିବା ପରିଚୟପତ୍ରରୁ ମୃତକମାନେ ଓଡ଼ିଆ ବୋଲି ଜଣାପଡ଼ିଥିଲା। ଆଗର ମାଲୱାର ଅତିରିକ୍ତ ଜିଲ୍ଲାପାଳ ରାଧାରାଣୀଙ୍କ ମୋବାଇଲରୁ ସିମ୍ ବାହାର କରି ଅନ୍ୟ ଫୋନ୍‌ରେ ପକାଇବା ପରେ ପରିବାର ଲୋକଙ୍କ ସହ ଯୋଗାଯୋଗ ହୋଇଥିଲା। ଦୁର୍ଘଟଣାରେ ପ୍ରତି ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମଧ୍ୟ ପ୍ରଦେଶ ସରକାର ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁଃଖଦ ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ପ୍ରତି ମୃତକଙ୍କ ଆତ୍ମୀୟଙ୍କ ପାଇଁ ଜାତୀୟ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତି ମୃତକଙ୍କ ଆତ୍ମୀୟଙ୍କ ପାଇଁ ୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୃତଦେହଗୁଡ଼ିକୁ ଚିହ୍ନଟ, ବ୍ୟବଚ୍ଛେଦ କରି ଓଡ଼ିଶା ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୀତୀଶ ପଣ୍ଡାଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି । ସେ ମଧ୍ୟପ୍ରଦେଶର ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି ମୃତଦେହକୁ ଓଡ଼ିଶା ଫେରାଇ ଆଣିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପରିଚୟ ସ୍ପଷ୍ଟ ହେବାରେ ବିଳମ୍ବ ହେବାରୁ ବ୍ୟବଚ୍ଛେଦ ମଧ୍ୟ ବିଳମ୍ବିତ ହୋଇଛି । ଆଜି ଭୁବନେଶ୍ୱରକୁ ସିଧାସଳଖ କିମ୍ବା ସଂଯୋଜକ ବିମାନ ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ସଡ଼କ ପଥରେ ମୃତଦେହ ଅଣାଯାଉଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଭୋଟର ତାଲିକାରୁ...

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ନୋଟିସ୍ ଜାରି ହୋଇଛି। 'ଅନମ୍ୟାପ୍ଡ୍ ୱିଥ୍ ଲାଷ୍ଟ ଏସ୍‌ଆଇଆର୍' ବର୍ଗରେ ଏହି ନୋଟିସ୍ ଜାରି କରାଯାଇଛି। କେଜ୍ରିୱାଲଙ୍କ ସହ ତାଙ୍କ ପତ୍ନୀ ସୁନୀତା କେଜ୍ରିୱାଲ, ବାପା ଗୋବିନ୍ଦ ରାମ କେଜ୍ରିୱାଲ, ମା' ଗୀତା ଦେବୀ ଏବଂ ୨୫ ବର୍ଷୀୟ ପୁଅ ପୁଲକିତ କେଜ୍ରିୱାଲଙ୍କୁ ମଧ୍ୟ ନୋଟିସ୍ ମିଳିଛି । ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀ ଅଧୀନ ଆସେମ୍ବ୍ଲି କନ୍‌ଷ୍ଟିଚୁଏନ୍ସି-୪୦ର ନିର୍ଦ୍ଦିଷ୍ଟ ଅଂଶରେ ମୋଟ ୧୧୦ ଜଣ ଭୋଟରଙ୍କୁ ଏହି ବର୍ଗରେ ନୋଟିସ୍ ଦିଆଯାଇଛି । ସେମାନଙ୍କ ମଧ୍ୟରେ କେଜ୍ରିୱାଲ ପରିବାରର ଏହି ୫ ଜଣ ରହିଛନ୍ତି । 'ଅନମ୍ୟାପ୍ଡ୍ ୱିଥ୍ ଲାଷ୍ଟ ଏସ୍‌ଆଇଆର୍' ବର୍ଗରେ ପୂର୍ବର ଏସ୍‌ଆଇଆର୍ ରେକର୍ଡ ସହ ଭୋଟରଙ୍କ ବିବରଣୀ ମେଳ ଖାଇନଥିବା କିମ୍ବା ଯାଞ୍ଚ କରିବା ଆବଶ୍ୟକ ଥିବା ମାମଲାଗୁଡ଼ିକୁ ରଖାଯାଏ । ଏହି ପ୍ରକ୍ରିୟାର ଅଂଶ ଭାବେ ସମ୍ପୃକ୍ତ ଭୋଟରଙ୍କୁ ନୋଟିସ୍ ଜାରି କରାଯାଇ ଯାଞ୍ଚ କରାଯାଉଛି ।

ହି ନୋଟିସ୍ ଏଭଳି ସମୟରେ ଆସିଛି, ଯେତେବେଳେ କେଜ୍ରିୱାଲ ପୂର୍ବରୁ ଦିଲ୍ଲୀର ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଅଗଷ୍ଟ ୩୧ରେ ସେ ଦାବି କରିଥିଲେ ଯେ ଦିଲ୍ଲୀର ଖସଡ଼ା ଭୋଟର ତାଲିକାରୁ ୪୭ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ନଥିଲା। ସେତେବେଳେ ସେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ସରକାରଙ୍କୁ ମଧ୍ୟ ସମାଲୋଚନା କରିଥିଲେ। ଦିଲ୍ଲୀରେ ଏସ୍‌ଆଇଆର୍ ପ୍ରକ୍ରିୟା ଅଧୀନରେ ଘରକୁ ଘର ଯାଇ ଭୋଟରଙ୍କ ଯାଞ୍ଚ କରାଯାଇଥିଲା। ଜୁନ୍ ୩୦ରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରକ୍ରିୟାରେ ଦିଲ୍ଲୀର ପ୍ରାୟ ୬୭.୧୮ ପ୍ରତିଶତ ଭୋଟରଙ୍କ ଗଣନା ଫର୍ମ ଗ୍ରହଣ କରାଯାଇ ଡିଜିଟାଇଜ୍ କରାଯାଇଥିଲା। ଏହି ପ୍ରକ୍ରିୟାରେ ଯେଉଁ ଭୋଟରଙ୍କ ଗଣନା ଫର୍ମ ଗ୍ରହଣ ହୋଇନାହିଁ, ସେମାନେ ମଧ୍ୟ ଭୋଟର ତାଲିକାରେ ନାମ ସାମିଲ ପାଇଁ ଦାବି କରିପାରିବେ। ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଆବଶ୍ୟକ ପ୍ରମାଣପତ୍ର ସହ ଫର୍ମ-୬ ଦାଖଲ କରି ଏଥିପାଇଁ ଦାବି କରିହେବ। ଦିଲ୍ଲୀ ନିର୍ବାଚନ ଆୟୋଗ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି।

ଉଲ୍ଲେଖଥାଉ କି, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନାମ ମଧ୍ୟ ଏସ୍‌ଆଇଆର ତାଲିକାରେ ରହିଛି । ତାଙ୍କ କ୍ଷେତ୍ରରେ ମାତା-ପିତାଙ୍କ ବୟସ ସହ ଜଡ଼ିତ ଏକ ତଥ୍ୟଗତ ଅସଙ୍ଗତି ଦର୍ଶାଯାଇଛି । ସେହିପରି ନନ୍ଦନ ନିଲେକଣି ଓ ତାଙ୍କ ପରିବାରର ସଦସ୍ୟମାନଙ୍କ ନାମ କର୍ଣ୍ଣାଟକର ଏସ୍‌ଆଇଆର ଯାଞ୍ଚରେ 'ଅନମ୍ୟାପ୍ଡ ୱିଥ ଲାଷ୍ଟ ଏସ୍‌ଆଇଆର' ଭାବେ ଚିହ୍ନଟ ହୋଇଥିବା ରିପୋର୍ଟ ଆସିଛି । ଜେରୋଧାର ପ୍ରତିଷ୍ଠାତା ନିତିନ କାମାଥ ଓ ନିଖିଲ କାମାଥଙ୍କ ନାମ ମଧ୍ୟ କର୍ଣ୍ଣାଟକ ଏସ୍‌ଆଇଆର ତାଲିକାରେ ରହିଛି । ସେମାନଙ୍କ କ୍ଷେତ୍ରରେ ମାତା-ପିତାଙ୍କ ନାମ ସମ୍ପର୍କିତ ଅସଙ୍ଗତି ଦର୍ଶାଯାଇଛି ।

## ଶୋକ ବ୍ୟକ୍ତ କଲେ...

ଦୁର୍ଘଟଣାରେ ୮ ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ହୋଇଥିବା ବିଷୟରେ ଜାଣି ଦୁଃଖିତ ବୋଲି ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସରେ ଲେଖିଛନ୍ତି। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସେ ଗଭୀର ସମବେଦନା ଜଣାଇବା ସହ ନବୀନ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସେହିପରି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ମଙ୍ଗରାଜ ଏହି ଘଟଣାରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନ କରିବା ସହ ଶ୍ରୀ ମଙ୍ଗରାଜ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ୨୨ରୁ ୪ ଦିନ...

ଏପଟେ ଓଡ଼ିଶାରେ ବର୍ଷା ହେବା ନେଇ ସମାନ ଆକଳନ ପ୍ରକାଶ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । କେନ୍ଦ୍ରର ଆକଳନ ଅନୁଯାୟୀ, ଲଘୁଚାପ ପ୍ରଭାବରେ ଆସନ୍ତା ୨୦ ଓ ୨୧ ତାରିଖରେ ରାଜ୍ୟର ଉତ୍ତର, ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବ । ୨୨ ତାରିଖରୁ ରାଜ୍ୟରେ ବର୍ଷାର ବିସ୍ତୃତି ବଢ଼ିବ। ୨୨ ତାରିଖରେ ଗଜପତି, ଗଞ୍ଜାମ ଓ ରାୟଗଡ଼ାରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାବେଳେ ଉକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୩ ତାରିଖରେ କୋରାପୁଟ ଏବଂ ମାଲକାନଗିରିରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୪ ତାରିଖରେ ମଧ୍ୟ ନବରଙ୍ଗପୁର, କୋରାପୁଟ, ମାଲକାନଗିରିରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ । ସେହିପରି କଳାହାଣ୍ଡି, ରାୟଗଡା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

## ପରୀକ୍ଷାରେ ଚାଟ୍‌ଜିପିଟି...

ଅଧିକାରୀମାନେ ତାଙ୍କୁ ପରାମର୍ଶ ଦେଇଥିବା ସଂସ୍ଥା କହିଛି । ପରେ ସେ ହଷ୍ଟେଲ୍ ରୁମ୍‌କୁ ଫେରିଥିଲେ । ସନ୍ଧ୍ୟାରେ ତାଙ୍କୁ ରୁମ୍‌ରୁ ମୃତ ଅବସ୍ଥାରେ ଠାବ କରାଯାଇଥିଲା। ଘଟଣା ପରେ ଛାତ୍ରମାନେ ପ୍ରଶାସନଠାରୁ ସ୍ୱଚ୍ଛତା ଓ ଜବାବଦେହିତା ଦାବି କରି ବିକ୍ଷୋଭ କରିଥିଲେ । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଧମକ ଦିଆଯାଇଥିବା ନେଇ କିଛି ଛାତ୍ର ଅଭିଯୋଗ କରିଥିଲେ । ତେବେ ଏହି ଦାବିର ସ୍ୱତନ୍ତ୍ର ସତ୍ୟାପନ ହୋଇନାହିଁ । ଆଇଆଇଟି ବମ୍ବେ କହିଛି, ଘଟଣାର ପରିସ୍ଥିତି ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ କରୁଛନ୍ତି । ମୁମ୍ବାଇ ପୁଲିସ ମଧ୍ୟ ଏନେଇ ଏଫ୍‌ଆଇଆର୍ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ସାହିଲ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ନିର୍ଯାତନା ପରେ ତାଙ୍କୁ ହତ୍ୟା କରାଯାଇଛି ।

## 'ବିକ୍ରମଦେବ'ରେ ପ୍ରଶ୍ନପତ୍ର...

ପରୀକ୍ଷା କୋରାପୁଟ, ନବରଙ୍ଗପୁର, ରାୟଗଡା ଏବଂ ମାଲକାନଗିରି ଜିଲ୍ଲାର ସମୁଦାୟ ୫୬ଟି କଲେଜର ଛାତ୍ରଛାତ୍ରୀ ୫୨ଟି କେନ୍ଦ୍ରରେ ଅପରାହ୍ନ ୨ଟା ସମୟରେ ଦେବାର ଥିଲା । କିନ୍ତୁ ଏହର ୩ ଘଣ୍ଟା ପୂର୍ବରୁ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଦୁଇଜଣ ଛାତ୍ର ଏହି ପ୍ରଶ୍ନପତ୍ର ମୋବାଇଲର ଅନ୍‌ଲାଇନ ମାଧ୍ୟମରେ ଘୁରି ବୁଲୁଥିବା ଜଣାଇଥିଲେ । ତୁରନ୍ତ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପ୍ରଧାନ ଏହି ପ୍ରଶ୍ନପତ୍ରକୁ ଯାଞ୍ଚ କରିଥିଲେ । ମୋବାଇଲରେ ଘୁରିବୁଲୁଥିବା ପ୍ରଶ୍ନପତ୍ର ଏବଂ ପ୍ରକୃତ ପ୍ରଶ୍ନପତ୍ର ଏକ ପ୍ରକାର ସମାନ ଥିବା ବେଳେ ଘୁରିବୁଲୁଥିବା ପ୍ରଶ୍ନପତ୍ରରେ ୨ରୁ ୩ଟି ଅଧିକ ପ୍ରଶ୍ନ ରହିଥିବା ଦେଖିବାକୁ ମିଳିଥିଲ। ତେଣୁ ତୁରନ୍ତ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହୃଷିକେଶ ସେନାପତିଙ୍କୁ ଅବଗତ କରିଥିଲେ। ବିଶ୍ୱବିଦ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପରୀକ୍ଷା ବାତିଲ କରାଯାଇଥିବା ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହିପରି କୁଳପତିଙ୍କ ନିର୍ଦ୍ଦେଶକ୍ରଣେ କୋରାପୁଟ ଜିଲ୍ଲା ସଦରମହୁକୁମା ସ୍ଥିତ ସାଇବର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନଙ୍କ ପକ୍ଷରୁ କୋରାପୁଟ ଜିଲ୍ଲା ସାଇବର ଥାନାରେ ଲିଖିତ ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇଛି। ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ତୁରନ୍ତ ଏହି ପରୀକ୍ଷାକୁ ବାତିଲ କରିବା ସହିତ ଆସନ୍ତା କିଛି ଦିନ ମଧ୍ୟରେ ନିର୍ଦ୍ଧାରିତ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ନୋଟିସ ମାଧ୍ୟମରେ ଅବଗତ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପରୀକ୍ଷା ପରିଚାଳନା ବିଭାଗରେ ବିଭିନ୍ନ ସମୟରେ କର୍ମଚାରୀ ମାନଙ୍କୁ ପରିବର୍ତ୍ତନ କରାଯାଉଛି। ସାଇବର ପୁଲିସ ତଦନ୍ତ ସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଯାଞ୍ଚ କରାଯିବ ଏବଂ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନାମାଙ୍କନ ପ୍ରତ୍ୟାହାର...

ଏହାସତ୍ତ୍ୱେ ମିଳନ ପ୍ରାର୍ଥୀ ହୋଇରହିବେ ବୋଲି କଂଗ୍ରେସ ଘୋଷଣା କରିଛି । ନନ୍ଦିଗ୍ରାମ ହଟଚମଟ ନେଇ ୨୪ ଘଣ୍ଟା ବିତିନଥିବା ବେଳେ ଆଜି ସକାଳେ ରେଜିନଗରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଆସନରେ ମମତାଙ୍କ ପ୍ରାର୍ଥୀ ରିବଉଲ ଆଲମ ଚୌଧୁରୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ବୋଲି ଘୋଷଣା କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ଦଳର ନାମ ଓ ଚିହ୍ନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ତାଙ୍କର କର୍ମୀମାନଙ୍କୁ ପ୍ରଶାସନ ହଇରାଣ ହରକତ କରୁଛି । ତାଙ୍କର ଅନେକ ସମର୍ଥକ ଓ କର୍ମୀଙ୍କୁ ଗିରଫ ମଧ୍ୟ କରାଯାଉଛି । ଏଭଳି ସ୍ଥିତିରେ ନିର୍ବାଚନ ଲଢ଼ିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ । ତେବେ ଏହାର ପ୍ରାୟ ୩ ଘଣ୍ଟା ପରେ ପୁଣି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି ଚୌଧୁରୀ । ମମତା ତାଙ୍କ ସହିତ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିବା ପରେ ନିର୍ବାଚନ ଲଢ଼ିବାକୁ ସେ ଘୋଷଣା କରିଛନ୍ତି । ଆଜିଠାରୁ ପ୍ରଚାର ଆରମ୍ଭ କରିବେ ବୋଲି କହିଛନ୍ତି । ମମତା ବାନାର୍ଜୀ ମଧ୍ୟ ତାଙ୍କ ପାଇଁ ପ୍ରଚାର କରିବାକୁ ରେଜିନଗର ଆସିପାରନ୍ତି ବୋଲି ସେ ସଙ୍କେତ ଦେଇଛନ୍ତି ।ନାର୍ଜୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

GOVERNMENT OF ODISHA 34001/813/2627
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI

**E-Procurement Notice**

Bid Identification No. S.E (R&B)-MLK-14/2026-27

No. 4915 Date. 05.09.2026

| | | |
|---|---|---|
| 1. Name of the work | : | Civil Work |
| 2. Total No. of Works | : | 01 Nos. |
| 3. Estimated cost | : | 40.19 lakhs |
| 4. Period of completion | : | 03(Three) months |
| 5. Date & time of availability of bid document in the portal | : | From 17.00 hrs. of 19.09.2026 To 17.00 hrs. of 29.09.2026 |
| 6. Last date / Time for receipt of bids in the Portal | : | 17.00 hours of 29.09.2026 |
| 7. Date of opening of Tender | : | 10.00 hours of 30.09.2026 |
| 8. Name and address of the Officer Inviting Bid | : | Superintending Engineer Malkangiri (R&B) Division |

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri (R&B) Division

OIPR-34001/34063/1/26-27/0012

39001/56/2627
Phone No. (06854) 241159 / 232714
Email: ceo@koraputccb.bank.in

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 2888 / P&S / 2026-27 Date: 18/09/2026

**QUOTATION CALL NOTICE**

Quotations are invited from registered Chartered Accountants (CA) firms, Cost Management Accountants (CMA) firms or authorized Tax Consultants for outsourcing the **GST compliance and tax return filing work** of "The Koraput Central Cooperative Bank Ltd., Jeypore" for the F.Y 2026-2027.

1. **Scope of Work**

The selected service provider will be responsible for:
- Monthly/Quarterly filing of **GSTR-1 and GSTR-3B**.
- Periodic reconciliation of **GSTR-2B/2A** with purchase registers to maximize Input Tax Credit (ITC).
- Advising on GST compliance, amendments, and notifications.
- Preparation and filing of **Annual Return (GSTR-9)** and **Reconciliation Statement (GSTR-9C)**, if applicable.
- Handling routine GST queries or notices from the tax department during the contract period.

2. **Eligibility Criteria**
- Must have a valid GSTIN registration.
- Must possess a valid PAN card.
- Minimum 3 (Three) years of experience in handling GST compliance for corporate/ government/semi-government organizations.

3. **Submission Details**

Interested parties must submit their financial bid through mail to: ceo@koraputccb.bank.in subject marked as **"Quotation for GST Return Filing Services"**.
- **Last Date of Submission: 25th September 2026 by 2:00 PM** & will be opened on the same day i.e., on **Dtd. 25th September 2026** at 5.00 P.M. in presence of the authorized representative.
- **Submission Address:** Secretary, Koraput Central Cooperative Bank Ltd., Jeypore.

The shortlist shall be made basing upon the rates offered by the quotation. The authority reserves the right to reject all or any quotations without assigning any reason thereof and the rate is also negotiable after opening the quotations, if it is required. TDS will be deducted as applicable at the time of payment of bill amount. The quotation is available in our website www.koraputccb.bank.in.

For detail specifications / clarifications/ any queries please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
K.C.C Bank Ltd., Jeypore.

OIPR-39001/39035/1/26-27/0002

**ODISHA ADARSHA VIDYALAYA PITATALI, CHIKITI**
AT/PO-PITATALI, BLOCK-CHIKITI, GANJAM-761010
UDISE CODE-21190709502, CBSE Affiliation No-1520043

27001/174/2627

**ADVERTISEMENT**

Odisha Adarsha Vidyalaya, Pitatali, Chikiti invites applications for the recruitment of supporting staff for its Boys Hostel. Detailed information regarding the vacancy' details and eligibility criteria is available on the official website, **https://ganjam.odisha.gov.in**. Interested candidates must submit their applications exclusively through Registered or Speed Post before ________. No applications submitted by hand or regular mail will be accepted. The authorities reserve the right to cancel any or all applications without assigning any reason. For complete details and to apply, visit **https://ganjam.odisha.gov.in** today.

By order of Collector-cum-Chairman OAVs of Ganjam District
Sd/-Principal, OAV Pitatali, Chikiti, Ganjam

OIPR-27001/27264/1/26-27/0001

ଓଡିଶା ସରକାର 24001/462/2627
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ପ୍ରତ୍ୟାହାର ବିଜ୍ଞପ୍ତି

**No. RDM-LAA-BDK-0008-2023 -34159 /R&DM, dated:11.08.2026**

ଭୂମି ଅର୍ଜନ, ପୁନର୍ବାସ ଓ ଥାଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା- **ଲକ୍ଷ୍ମୀପ୍ରସାଦ**, ତହସିଲ – ଚାନ୍ଦବାଲି, ଜିଲ୍ଲା- ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ **୨୨.୪୪୫୦ ଏକର** ଜମିରୁ **୮.୧୪ ଏକର** କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୪୨୭୦୫ ତା ୦୫.୧୨.୨୦୨୩ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୫୦ ତା ୦୫.୦୧.୨୦୨୪ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୮୦୭ ତା ୦୨.୦୨.୨୦୨୬ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୬୯୩ ତା ୧୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି (ପ୍ରସ୍ତାବିତ)ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: ଲକ୍ଷ୍ମୀପ୍ରସାଦ ଥାନା ଓ ନଂ.: ବାଁଶଡା, ୧୦୩ ତହସିଲ: ଚାନ୍ଦବାଲି ଜିଲ୍ଲା: ଭଦ୍ରକ

11(1) Notification No. 42705/R&DM Dt. 05.12.2023 (Ac.22.4450)

L.A. Case No. 2/23

| କ୍ର.ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୮ | ୩୦୬ | ୬.୩୦୦ | ୬.୩୦୦ | ଶାରଦ-୨ | ଶ୍ରୀ ଶ୍ରୀ ଗୌରାଙ୍ଗ ଜିଉ ବିଜେ ନିଜଗାଁ ମାର୍ଫତ ବା:, ଅମୀୟ କୁମାର ମହାପାତ୍ର, ଅଶୀମ କୁମାର ମହାପାତ୍ର ପି: ଯତିନ୍ଦ୍ର ନାଥ ମହାପାତ୍ର ଜା: କରଣ ବା: କିଶୋର ପ୍ରସାଦ |
| ୨ | ୩୩ | ୩୦୭ | ୪.୭୫ | ୧.୮୪ | ଶାରଦ-୨ | ଝାଡେଶ୍ୱର ପାତ୍ର ପି:ହରି ପ୍ରସାଦ ପାତ୍ର ଜା: କରଣ ବା: କିଶୋର ପ୍ରସାଦ |
| | | ମୋଟ | ୧୧.୦୫ | ୮.୧୪ | | |

ରାଜ୍ୟପାଳଙ୍କ ଆଦେଶାନୁସାରେ
(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0150

**AFFIDAVIT**

By virtue of an affidavit sworn before Executive Magistrate Puri dated 07.07.2026 I Sneha Dikhit, Address: At Sulabhadeipur, P.O. Birabalabhadrapur, P.S.Chandanpur, Dist. Puri, Pin-752012 declare that I have changed my name from Snehalata Mali to Sneha Dikhit Henceforth I shall be known as **Sneha Dikhit** for all purpose.

(Sneha Dikhit)

**AFFIDAVIT**

By virtue of an affidavit sworn before Executive Magistrate, Sohela vide no. 8 dtd. 18.9.2026, I, Lalitmohan Senapati, S/o-Damodar Senapati resident of Saradhapali, Po.- Tungibandhali, Ps.- Sohela, Dist.- Bargarh, Odisha, Pin- 768033 state that, I have changed my minor son's name from **Chintu Senapati** to **Ayushman Senapati**. Hence-forth he will be known as **Ayushman Senapati** for all future purposes.

**ପୂର୍ବ ତଟ ରେଳପଥ**

(1)ବିଜ୍ଞପ୍ତି ସଂ. eT-Central-RGDA-12-2026 ତା.15.09.2026ରିଖ

**କାର୍ଯ୍ୟର ନାମ :** ରାୟଗଡ଼ା ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ରାୟଗଡ଼ା ପରିସୀମା ଅଧିନରେ 36 ମାସ ଅବଧି ପାଇଁ ରେଳବାଇ ସାମଗ୍ରୀର ପରିବହନ ନିମନ୍ତେ ସିନିୟର ସେକ୍ସନ ଇଞ୍ଜିନିୟର/P/ରାୟଗଡ଼ା, ସିନିୟର ସେକ୍ସନ ଇଞ୍ଜିନିୟର/P/ଲକ୍ଷ୍ମୀପୁର ରୋଡ୍ ଏବଂ ସିନିୟର ସେକ୍ସନ ଇଞ୍ଜିନିୟର/P/ଟିକିରି ପ୍ରତ୍ୟେକଙ୍କ ପାଇଁ 3.5/4 MT କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,11,13,284.24, EMD : ₹ 2,05,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି) ମାସ ।

(2)ବିଜ୍ଞପ୍ତି ସଂ. eT-Central-RGDA-13-2026 ତା.15.09.2026ରିଖ

**କାର୍ଯ୍ୟର ନାମ :** ରାୟଗଡ଼ା ମଣ୍ଡଳର ପାରଳାଖେମୁଣ୍ଡି-ଗୁଣୁପୁର ଲାଇନରେ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧିନସ୍ଥ ପାରଳାଖେମୁଣ୍ଡି (କି.ମି. 36.94)-ଗୁଣୁପୁର (କି.ମି. 90.433) ମଧ୍ୟସ୍ଥ ସେକ୍ସନରେ 30.06.2027ରେ ଶେଷ ହେବାକୁ ଥିବା ବର୍ଷ ନିମନ୍ତେ ସିଭିଲ୍ କାର୍ଯ୍ୟଗୁଡ଼ିକ ପାଇଁ ଜେନାଲ୍ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 48,08,739.27, EMD : ₹ 96,200/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 08.10.2026, 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ), ରାୟଗଡ଼ା

PR-451/R/26-27

**ହଜିଯାଇଛି**

ଭଦ୍ରକର ନୋଟାରୀ ପବ୍ଲିକ୍‌ଙ୍କ ନିକଟରେ ୧୧.୯.୨୬ ତାରିଖରେ ଦାଖଲ କରାଯାଇଥିବା ଏକ ଶପଥପତ୍ର ମାଧ୍ୟମରେ, ମୁଁ ବନିତା ମହାନ୍ତି (ବୟସ୩୮), ସ୍ୱାମୀ-ଦସ୍ମାନିଧି ମହାନ୍ତି, ସାକିନ୍ - ମହାନ୍ତିସାହି, ବିଦେଇପୁର, ବାସୁଦେବପୁର, ଭଦ୍ରକ, ଏହା ଘୋଷଣା କରୁଛି ଯେ ମୌଜା- ସୁଣ୍ଡୁଡ଼ା, ଖାତା ନଂ ୫୧୬/୭୦୯, ପ୍ଲଟ୍ ନଂ ୪୦୧/୧୩୪୧ ବିଶିଷ୍ଟ ମୋର ମୂଳ ଆର.ଓ.ଆର୍. (R.O.R.) ୦୫.୦୯.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୨ଟା ସମୟରେ ବାସୁଦେବପୁର ବଜାରକୁ ଜେରକ୍ସ କରିବାକୁ ଆସିବା ସମୟରେ କେଉଁଠାରେ ହଜିଯାଇଛି। ଉକ୍ତ ଆର.ଓ.ଆର୍. ଶ୍ରୀମତୀ ସୂର୍ଯ୍ୟମଣି ନାୟକଙ୍କ ନାମରେ ଲିପିବଦ୍ଧ ରହିଛି, ଯିଏକି ଉକ୍ତ ସମ୍ପତ୍ତି ମୋନିକଟକୁ ବିକ୍ରୟ କରିଥିଲେ । ମୁଁ ଏସମ୍ପର୍କରେ ଆଇ.ଆଇ.ସି. ଙ୍କ ନିକଟରେ ଏସ୍.ଡି. ନଂ ୨୩ (S.D. No. 23) ମାଧ୍ୟମରେ ଏକ F.I.R. ଦାଖଲ କରିଛି ।

**AFFIDAVIT**

By virtue of an affidavit no.66 before the Executive Magistrate, Bhubaneswar, dtd.18.09.2026, I, Balaram Pradhan, S/o- Sudarsan Pradhan, At-Mathatentulia, P.O.-Kaniary, P.S.-Kabisuryanagar, Dist.-Ganjam-761111 hereby declare that I have changed my name from BALIA PRADHAN to BALARAM PRADHAN. Henceforth, I shall be known as **BALARAM PRADHAN** for all purposes.

**Sd/- BALARAM PRADHAN**

**AFFIDAVIT**

By virtue of an affidavit sworn before Executive Magistrate, Sohela vide no. 02 dtd. 19.9.2026, I, Achyut Padhan, S/o- Kartika Padhan, Ro Village/Po.- Kalangapali, P.S.-Melchhamunda, Dist.- Bargarh state that, I have changed my minor son's name from **Guptash Padhan** to **Gupteswar Padhan**. Henceforth he will be known as **Gupteswar Padhan** for all future purposes.

Sd/- Achyut Padhan

**AFFIDAVIT**

By virtue of an affidavit sworn before Executive Magistrate, Paralakhemundi, Gajapati Affidavit No. 958 on dated 18/09/2026, I **NARAYAN SAHU**, S/o Hari Sahu resident of Ram Nagar, Vill. / Po / PS - Paralakhemundi, Dist: Gajapati, Odisha, PIN: 761200, declare that I have changed my minor daughter's name from **DIPALI SAHU (Old Name)** to **DEEPIKA SAHU (New Name)**. Henceforth, she shall be known as **DEEPIKA SAHU** for all purposes.

Sd- **NARAYAN SAHU**

**AFFIDAVIT**

I, Balal Ahmed, aged about 52 years, S/o- Shafique Ahmad, resident of Urdu High School Street, Main Road Rourkela PO: Plant Site , PS: Plantsite, Dist: Sundargarh, Odisha Pincode- 769001 declared by this affidavit No. A/33, dtd- 18/09/2026 that from now onwards I shall be known as **BALAL AHMAD** for all future purposes.

**AFFIDAVIT**

I, Gosya Parween, aged about 36 years, W/o- Balal Ahmad, resident of Anand Bhawan Lane, Near Orissa Auto Spares, Rourkela PO: Plant Site , PS: Plantsite, Dist: Sundargarh, Odisha Pincode- 769001 declared by this affidavit No. A/28, dtd- 18/09/2026 that from now onwards I shall be known as **GOSYA PERWEEN** for all future purposes.

**AFFIDAVIT**

I, Nawal Kusar, aged about 64 years,W/o-Sayed Najmul Haque, resident of At-Biswanathpur, Po-Mahasinghpur, Ps-Jagatpur, Dist- Cuttack Odisha declared by this affidavit No. 7129, dtd-17.09.2026 that now onwards I shall be known as **NAWAL KAUSAR** all future purposes.

**AFFIDAVIT**

I, Sahista Khatun, aged about 31 years, W/o-Shaikh Motiulla, resident of Plot No. 709/2740, Laxmisagar, PS-Laxmisagar, Bhubaneswar, Dist-Khordha, Odisha declared by this affidavit No. 75, dtd- 17.09.2026 that now onwards I shall be known as **SAHISTA BEGUM** for all future purposes.



## ଚର୍ଚ୍ଚାରେ 'ଅଯୋଗ୍ୟ'

ବର୍ତ୍ତମାନ ସ୍ମିତ ପଟ୍ଟନାୟକଙ୍କ ନୂଆ ଓଡ଼ିଆ ସିନେମା 'ଅଯୋଗ୍ୟ' ଚର୍ଚ୍ଚାରେ ଅଛି । ସିନେମାର କାହାଣୀ, କଳାକାର, ସଂଗୀତ ସବୁକିଛିକୁ ନେଇ ଜୋର୍‌ଦାର ଚର୍ଚ୍ଚା ହେଉଛି । ସିନେମାର କାହାଣୀ ଓ ନିର୍ଦ୍ଦେଶନାରେ ସ୍ମିତ ପଟ୍ଟନାୟକ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ବୃନ୍ଦାବନ ମିଶ୍ର । ସେହିପରି ସିନେମାର ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ପ୍ରସନ୍ନ ରଥ ଓ ଅନିଲ ବାରିକ । ସଙ୍ଗୀତରେ ସୋମେଶ ଶତପଥୀ ଏବଂ ଗୌରବ ଆନନ୍ଦ ଅଛନ୍ତି । ତେବେ ସିନେମାର ବିଭିନ୍ନ ଚରିତ୍ରରେ କେକେ, ଲିପି, ଅଭିଷେକ, ପାର୍ଥସାରଥୀ, ଦିବ୍ୟା, କ୍ରିଷ୍ଣା ପ୍ରମୁଖ ନଜର ଆସିବେ । ସିନେମାର କଷ୍ଟ୍ୟୁମ୍ ଡିଜାଇନର ଅଛନ୍ତି ସୁମନ ଓ ଦାମିନୀ । 'ଅଯୋଗ୍ୟ' କାହାଣୀ ପ୍ରତି ବର୍ଗର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି । ■

## ୨୦୨୭ରେ 'ବ୍ୟାକ୍ ବେଞ୍ଚର୍ସ'

ଆସନ୍ତାବର୍ଷ ପ୍ରେକ୍ଷାଳୟକୁ ଆସିବ 'ସୂର୍ଯ୍ୟା ସିନେ ପ୍ରଡକ୍ସନ' ନିବେଦିତ ନୂଆ ଓଡ଼ିଆ ସିନେମା 'ବ୍ୟାକ୍ ବେଞ୍ଚର୍ସ' । ଆଧୁନିକ ଯୁଗରେ ଗୁରୁଶିଷ୍ୟ ମଧ୍ୟରେ ଥିବା ଅତୁଟ ସମ୍ପର୍କକୁ ଏହି କାହାଣୀ ଦେଖାଇବ । ତେବେ ଜଣେ ଟ୍ୟୁସନ ଶିକ୍ଷକ କିଭଳି ତ୍ୟାଗ ଓ ସୁସମ୍ପର୍କ ବଳରେ ପଥଭ୍ରଷ୍ଟ ପିଲାଙ୍କୁ ବାଟକୁ ଆଣୁଛନ୍ତି, ତାହାକୁ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି । ସୂର୍ଯ୍ୟନାରାୟଣ ଗୌଡ଼ ସିନେମାର ପ୍ରଯୋଜନାରେ ଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ । ଦ୍ୱୀପାନ୍ୱିତ ଦାସ ମହାପାତ୍ର, ଶୁଭମ ନାୟକ, କୁନା ତ୍ରିପାଠୀ, ଜୋସିକା ବୋଷ, ରଶ୍ମି ରଥ, ସୁଶାନ୍ତ ଦାସ ମହାପାତ୍ର, ଜଗନ୍ନାଥ ମଲ୍ଲ, ସୋନାଲି ଓଝା, ହରିହର ପାତ୍ର, ଆଶିଷ ଦାସ, ସରୋଜ ଶତପଥୀ, ସୋମ ରୟ ପ୍ରମୁଖ କଳାକାର ନଜର ଆସିବେ । ■



## ଡେଞ୍ଜର ଦେବଦାସ୍‌ରେ ଅମ୍ଲାନ




ଖୁବ୍‌ଶୀଘ୍ର ନୂଆ ରୂପରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟକ ଅମ୍ଲାନ । 'ସାଇ ଲୁମ୍ବିନୀ ପ୍ରଡକ୍ସନ'ରେ ନିର୍ମିତ ତଥା ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଞ୍ଜର ଦେବଦାସ୍' ସିନେମାରେ ଅମ୍ଲାନ ଓ ଏଲିନାଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ । ସିନେମାର ପ୍ରଯୋଜନାରେ ଶୁଭ୍ର କୁମାର ରହିଛନ୍ତି । ଅମ୍ଲାନ ଓ ଏଲିନାଙ୍କ ବ୍ୟତୀତ ସିନେମାରେ ଜ୍ୟୋତି, ଅନିଶାଙ୍କୁ ବି ଦେଖିବାକୁ ମିଳିବ । ଅନ୍ୟପଟେ ସିନେମାର ପ୍ରଥମ ଝଲକ ସାମ୍ନାକୁ ଆସିଛି । ଯେଉଁଥିରେ ଅମ୍ଲାନଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଏକ ରୂପରେ ଦେଖିବାକୁ ମିଳିଛି । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ତେବେ ଖୁବ୍‌ଶୀଘ୍ର ଏହାର ରିଲିଜ୍ ତାରିଖ ସାମ୍ନାକୁ ଆସିବା କୁହାଯାଉଛି । ■



## 'ମଙ୍ଗଳମୟୀ ତୁ ମା' ମଙ୍ଗଳା'

ଟେଲିଭିଜନ ପ୍ରିମିୟର୍

ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ-ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ବିଶ୍ୱାସ, ଭକ୍ତି ଓ ଭଲପାଇବାର ଅପୂର୍ବ କାହାଣୀ 'ମଙ୍ଗଳମୟୀ ତୁ ମା' ମଙ୍ଗଳା' ଚଳଚିତ୍ର । ମା' ମଙ୍ଗଳାଙ୍କ ଅଲୌକିକ ମହିମା, ଭକ୍ତି, ଏବଂ ନିଛକ ଭଲପାଇବାକୁ ନେଇ ପ୍ରସ୍ତୁତ ଏହି ସିନେମା ଦର୍ଶକଙ୍କ ମନ ଜିଣିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି । ଚଳଚ୍ଚିତ୍ରର କାହାଣୀ ଏକ ସରଳ, ଅନାଥ ତଥା ଦୟାଳୁ ଝିଅ 'ଗୌରୀ'କୁ ନେଇ ଆରମ୍ଭ ହୋଇଛି । ଯାହାର ବିବାହ 'ଅବିନାଶ' ସହ ହୋଇଛି । କିନ୍ତୁ ଅବିନାଶ ଅନ୍ୟ ଜଣେ ଝିଅକୁ ଭଲପାଏ ଏବଂ ଏହି ବିବାହକୁ ନେଇ ଅସନ୍ତୁଷ୍ଟ ଥାଏ । ଅବିନାଶ ଗୌରୀକୁ ସହରକୁ ନେଇଯାଏ, କିନ୍ତୁ ପତ୍ନୀର ମାନ୍ୟତା ନଦେଇ ସମସ୍ତଙ୍କ ସାମ୍ନାରେ ତାକୁ ଜଣେ ଘରୋଇ ଚାକରାଣୀ ଭାବରେ ପରିଚୟ କରାଏ । ଗୌରୀ ମା' ମଙ୍ଗଳାଙ୍କ ଜଣେ ବଡ଼ ଭକ୍ତ । ମା' ମଙ୍ଗଳଙ୍କୁ ଭରସା କରି, ସମସ୍ତ ଦୁଃଖ ଆଉ କଷ୍ଟକୁ ସହ୍ୟ କରି ଗୌରୀ ଧୈର୍ଯ୍ୟର ଅବିନାଶ ପ୍ରତି ସମସ୍ତ ଦାୟିତ୍ୱ ତୁଲାଇଥାଏ । ଏତିକି ବେଳେ କାହାଣୀରେ ଏକ ରହସ୍ୟମୟୀ ତଥା ବୁଦ୍ଧିମତୀ ଛୋଟ ଝିଅ 'ଲାଲି'ର ପ୍ରବେଶ ହୁଏ । ଲାଲି କିଏ ଓ କାହିଁକି ସେମାନଙ୍କ ଜୀବନରେ ଆସେ ? ତେବେ ଅବିନାଶ ଗୌରୀର ପ୍ରକୃତ ଭଲପାଇବା ଓ ତ୍ୟାଗକୁ ବୁଝିପାରି ତାକୁ ପତ୍ନୀ ଭାବେ ଗ୍ରହଣ କରିବ ତ ? ଯାହାର ଉତ୍ତର ମିଳିବ ଶେଷରେ । ଏହି ସିନେମାରେ ଅବିନାଶ ଭୂମିକାରେ ଜ୍ୟୋତିପ୍ରକାଶ ପଣ୍ଡା, ଗୌରୀ ଭୂମିକାରେ ମାନସୀ ପାଲ୍, ଲାଲି ଭୂମିକାରେ ଈଶାନୀ ପଣ୍ଡା ଏବଂ ମୁଗ୍ଧା ଚରିତ୍ରରେ ପିହୁ ମହାପାତ୍ର ଅଭିନୟ କରିଛନ୍ତି । ■



## ଚଳଚ୍ଚିତ୍ରରେ ନୂଆ ଗୀତିକାର

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ ଗୀତିକାରଭାବେ ଡକ୍ଟର ବଦ୍ରି ମିଶ୍ର ଚର୍ଚ୍ଚାକୁ ଆସିଛନ୍ତି । ଫକୀରମୋହନ ସେନାପତିଙ୍କ 'ରେବତୀ'କୁ ଚଳଚ୍ଚିତ୍ର 'ଆଜିର ରେବତୀ' ମାଧ୍ୟମରେ ନବଜନ୍ମ ଦେଇଥିବା ଗୀତିକାର ଡକ୍ଟର ମିଶ୍ର ଆଜିକୁ ୨୫ ବର୍ଷ ତଳେ ଅରୁଚିକର ଭଜନ ବିରୋଧ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ ଆଧ୍ୟାତ୍ମିକ ଭଜନ-ଜଣାଣ ମାଧ୍ୟମରେ ଓଡ଼ିଶାରେ ଆଣିଛନ୍ତି ଜନଜାଗରଣ । ଏଯାବତ୍ ଦୂରଦର୍ଶନ, ଆକାଶବାଣୀ ସମେତ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ତାଙ୍କର ୮୪୦ରୁ ଊର୍ଦ୍ଧ୍ୱ ଗୀତି କବିତା, ସଂଗୀତ ହୋଇ ପ୍ରସାରିତ ହୋଇଛି । 'ମୂର୍ଚ୍ଛିତ ମୋକ୍ଷ'ର ଗାଳ୍ପିକ ଡକ୍ଟର ମିଶ୍ର ଶ୍ରୀଜଗନ୍ନାଥଙ୍କ ସଂପର୍କିତ ଚଳଚ୍ଚିତ୍ର 'ଶ୍ରୀଅଙ୍ଗ ଖଣ୍ଡୁଆ' ଓ ଏବେ ସୁଟିଂ ଆରମ୍ଭ ହେଉଥିବା ଆଧ୍ୟାତ୍ମିକ ଚଳଚ୍ଚିତ୍ର 'ମୋ ଭାଇ ଜଗନ୍ନାଥ'ର ନୂଆ ଗୀତିକାର ଭାବେ ଚର୍ଚ୍ଚାକୁ ଆସିଛନ୍ତି । ■

## ପରଦା ପଛର କାହାଣୀ

## ଶ୍ରୀଦେବୀଙ୍କ ପାଇଁ ଟ୍ରକ୍ ଭର୍ତ୍ତି ଗୋଲାପ

ରୂପେଲି ପରଦାରେ ଅନେକ ରୋଚକୀୟ କାହାଣୀମାନ ଦେଖିବାକୁ ମିଳିଥାଏ । ତେବେ ପରଦା ଅନ୍ତୁଆଳରେ ମଧ୍ୟ ଅନେକ କାହାଣୀ ଛପି ରହିଥାଏ । ସେମିତି ଏକ କାହାଣୀ ୧୯୯୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଖୁଦା ଗୱାହ'କୁ ନେଇ ରହିଛି । ଏହି ଫିଲ୍ମରେ ନିର୍ଦ୍ଦେଶକ ବିଗ୍ ବିଙ୍କ ସହ ଶ୍ରୀଦେବୀଙ୍କୁ କାଷ୍ଟ କରିବାକୁ ଚାହୁଁଥିଲେ । ହେଲେ ଶ୍ରୀଦେବୀ କେବଳ ଗ୍ଲାମରସ୍ ଭୂମିକା କରିବାକୁ ଚାହୁଁ ନ ଥିଲେ । ଏଥିପାଇଁ ସେ ଫିଲ୍ମ କରିବେନି ବୋଲି ମନା କରିଦେଇଥିଲେ । ଫଳରେ ଅମିତାଭ ବଚ୍ଚନ ତାଙ୍କୁ ମନାଇବା ପାଇଁ ଏକ ନିଆରା ଉପାୟ ଆପଣାଇଥିଲେ । ସେ ସୁଟିଂ ସେଟ୍‌କୁ ଏକ ଗୋଲାପ ଭର୍ତ୍ତି ଟ୍ରକ୍ ଶ୍ରୀଦେବୀଙ୍କ ପାଇଁ ପଠାଇଥିଲେ । ଏହାକୁ ଦେଖି ଶ୍ରୀଦେବୀ ଆଚମ୍ବିତ ହେବା ସହ ଖୁସି ମଧ୍ୟ ହୋଇଥିଲେ । ବିଗ୍ ବିଙ୍କର ଏଭଳି ଶୈଳୀରେ ମନାଇବା ତରିକା ତାଙ୍କୁ ଖୁବ୍ ଭଲ ଲାଗିଥିଲା । ସେ ଫିଲ୍ମ କରିବା ପାଇଁ ମଧ୍ୟ ରାଜି ହୋଇଥିଲେ । କୋରିଓ ଗ୍ରାଫର୍ ସରୋଜ ଖାନ୍ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଟ୍ରକ୍‌ରେ ଆସିଥିବା ସମସ୍ତ ଗୋଲପ ଫୁଲକୁ ଶ୍ରୀଦେବୀଙ୍କ ଉପରେ ବର୍ଷା ଯାଇଥିଲା । ସେହି ସମୟଟି ବିଳାସପୂର୍ଣ୍ଣ ଅନୁଭୂତି ପ୍ରଦାନ କରିଥିଲା । ଅବଶ୍ୟ ଫିଲ୍ମ ପାଇଁ ରାଜି ହେବା ସହ ସେ ଏକ ସର୍ତ୍ତ ରଖିଥିଲେ । ସେ ଏଥିରେ ଉଭୟ ମାଆ ଏବଂ ଝିଅର ଭୂମିକା ନିର୍ବାହ କରିଥିଲେ । ତେବେ ଏହା ଏକ ଏପିକ୍ କ୍ରାଇମ୍ ଆକ୍ସନ ଫିଲ୍ମ ଥିଲା । ମୁକୁଲ ଏସ୍ ଆନନ୍ଦ ଏହାର ଲେଖକ ଓ ସହ ନିର୍ଦ୍ଦେଶକ ଥିଲେ । ଏଥିରେ ଅମିତାଭ ବଚ୍ଚନ, ଶ୍ରୀଦେବୀ, ନାଗାର୍ଜୁନ, ଶିଳ୍ପା, ଶିରୋଡେକର କିରଣ କୁମାର ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ■



## ସାକ୍ଷାତକାର

## 'ସିନେମାର କାହାଣୀକୁ ଗୁରୁତ୍ୱ ଦିଏ'

**ଆର୍ଲିନ ଅଙ୍କିତା, ଅଭିନେତ୍ରୀ**

**ମଡର୍ଣ୍ଣ ଲୁକ୍ ହେଉ କି ରୋମାଣ୍ଟିକ୍ ସିନ୍, ଇମୋଶନ, ସବୁଥିରେ ନିଜ ପ୍ରତିଭାକୁ ଚମତ୍କାର ଭାବେ ପ୍ରଦର୍ଶନ କରିଥାନ୍ତି ଓଲିଉଡ୍‌ର ଆଗଧାଡ଼ିର ନାୟିକା ଆର୍ଲିନ ଅଙ୍କିତା । ବାରିପଦା ତାଙ୍କର ଜନ୍ମସ୍ଥାନ । ନୃତ୍ୟ ଶିଳ୍ପୀରୁ ମ୍ୟୁଜିକ ଭିଡିଓ ଆଉ ତା'ପରେ ଓଲିଉଡ୍‌କୁ ତାଙ୍କର ଏଣ୍ଟ୍ରି । 'ଅଧା ଲେଖା ଗପ' ତାଙ୍କର ଡେବ୍ୟୁ ଫିଲ୍ମ । 'ମାୟାବୀ', 'ସନାତନୀ - କର୍ମ ହିଁ ଧର୍ମ', 'ରାକେଟ୍', 'ସାର୍', 'ମେହେରମୁଣ୍ଡା' ଆଦି ଅନେକ ସିନେମାରେ ସେ ଚମତ୍କାର ଅଭିନୟ କରିଛନ୍ତି । ଆଗକୁ ତାଙ୍କ ଅଭିନୀତ ତିନୋଟି ସିନେମା ରିଲିଜ୍ ଅପେକ୍ଷାରେ ଅଛି । ତେବେ ଖୁବ୍ କମ୍ ସମୟ ମଧ୍ୟରେ ଦର୍ଶକଙ୍କ ହୃଦୟ ଜିଣିଥିବା ଆର୍ଲିନଙ୍କଠାରୁ ଜାଣିବା ତାଙ୍କ ସଫଳତାର ରହସ୍ୟ ।**

**ଆର୍ଲିନ ଏବେ ଓଲିଉଡ୍‌ର ଜଣେ ଜଣାଶୁଣା ନାୟିକା କେମିତି ଲାଗୁଛି?**

● ମୟୂରଭଞ୍ଜର ପ୍ରସିଦ୍ଧ ଛଉନୃତ୍ୟ, ଓଡ଼ିଶୀ ଓ ଆଧୁନିକ ନୃତ୍ୟରେ ମୁଁ ପାରଙ୍ଗମ ଥିଲି । ଅଭିନେତ୍ରୀ ହେବାକୁ ଇଚ୍ଛା ଥିଲା । ପ୍ରଥମେ ମ୍ୟୁଜିକ୍ ଭିଡିଓ ଆରମ୍ଭ କରିଥିଲି । ଅସୀମା ପଣ୍ଡା କଣ୍ଠଦାନ କରିଥିବା ମୋର 'ସଖି ସଙ୍ଗେ ଗଲେ' ଗୀତର କ୍ରେଜ୍ ବହୁତ । ସୌଭାଗ୍ୟବଶତଃ ପ୍ରଥମେ ଅଡିସନ୍ ଦେଇ 'ଅଧା ଲେଖା ଗପ' ସିନେମାରେ ଅଭିନୟ କରିଥିଲି । ଏଥିରେ ମୋର ଚରିତ୍ର ଥିଲା 'ସନ୍ଧ୍ୟା' । ସୁଧାଂଶୁ ସାର୍ ଏହି ଚରିତ୍ରକୁ କେମିତି ଜୀବନ୍ତ କରିପାରିବି ଗାଇଡ୍ କରିଥିଲେ । ଦର୍ଶକ ଏହି ଚରିତ୍ରଟିକୁ ଭଲ ପାଇବା ଦେଇଥିଲେ । ପ୍ରଥମ ସିନେମା ସରୁ ସରୁ ସୁଧାଂଶୁ ସାର୍ ମୋତେ 'ମାୟାବୀ' ସିନେମାରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ । ଦର୍ଶକଙ୍କ ଭଲପାଇବା ଓ ଆଶୀର୍ବାଦ ଯୋଗୁଁ ଆଜି ମୁଁ ଏଇଠି ।

**ସିନେମା ସୁଟିଂ ର ପ୍ରଥମ ଦିନ?**

● 'ଅଧା ଲେଖା ଗପ' ମୋର ପ୍ରଥମ ସିନେମା ଥିଲା । ପ୍ରଥମ ଥର ପାଇଁ ବଡ଼ ଟିମ୍, କ୍ୟାମେରା, ବ୍ୟାନରରେ କାମ କରିବାକୁ ନର୍ଭସ ଲାଗିଥିଲା ।

**'ମେହେରମୁଣ୍ଡା' ଆଉ 'ସାର' ସିନେମା ପାଇଁ କିପରି ପ୍ରସ୍ତୁତ ହୋଇଥିଲେ?**

● ନିକୁଞ୍ଜ ହୋତାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମେହେରମୁଣ୍ଡା' ସିନେମାଟି ଓଡ଼ିଶାର ପାରମ୍ପରିକ ଶାଢ଼ି ବୁଣାକାରମାନଙ୍କ ଜୀବନଶୈଳୀ ଏବଂ କରୋନା ମହାମାରୀ ସମୟରେ ସେମାନଙ୍କ ସଂଘର୍ଷ ଉପରେ ଆଧାରିତ । ଏଥିରେ ମୁଁ ବୁଣାକାରଙ୍କ ପତ୍ନୀ ପିଙ୍କି ମେହର ଚରିତ୍ରରେ ଅଭିନୟ କରିଥିଲି । ପିଙ୍କି ଶାନ୍ତ ଓ ଗମ୍ଭୀର ସ୍ୱଭାବର ଝିଅ । ତା'ର ଜୀବନରେ ତ୍ୟାଗ ଓ ସଂଘର୍ଷ ଭରି ରହିଛି । ସେହିପରି କେଶବ ମଲ୍ଲିକ ସାର୍‌ଙ୍କ ନିର୍ଦ୍ଦେଶିତ 'ସାର୍' ଗୁରୁଙ୍କ ଉପରେ ଆଧାରିତ । ମୋର ଗୁରୁଙ୍କ ପାଖରୁ ପାଠ ପଢ଼ି ଡାକ୍ତର ହେଉଛି । ଡାକ୍ତର ହୋଇ ଦୀର୍ଘ ବର୍ଷ ପରେ ମୋର ଗୁରୁଙ୍କୁ ଭେଟିଛି । ତେବେ କେବଳ ଏହି ଦୁଇଟି ସିନେମା ନୁହେଁ, ପ୍ରତ୍ୟେକଟି ସିନେମା ପାଇଁ ମୁଁ ମୋର ଚରିତ୍ର ଅନୁଯାୟୀ ପ୍ରସ୍ତୁତ ହୁଏ । କଠିନ ପରିଶ୍ରମକୁ ବିଶ୍ୱାସ କରେ ।

**ଆପଣଙ୍କ ରୁଚି?**

● ବୁଲିବା, ମନ୍ଦିର ଯିବା ସହିତ ଖାଇବାକୁ ଭଲଲାଗେ । ପରିବାର ଲୋକଙ୍କ ସହିତ ସମୟ ବିତାଏ । ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ପ୍ରକାଶ କରେ ।

**ସୁଟିଂସେଟ୍‌ର ଫ୍ରି ସମୟକୁ କେମିତି ଉପଯୋଗ କରନ୍ତି?**

● ଯେତେବେଳେ ମୋର ପିଜି ପଢ଼ା ଚାଲିଥିଲା, ସୁଟିଂ ନଥିଲେ ପଢ଼ାପଢ଼ି କରୁଥିଲି । ହେଲେ ଏବେ ନିଜ ଚରିତ୍ରକୁ କେମିତି ଭଲ କରିବି ତାହାକୁ ଗୁରୁତ୍ୱ ଦେଉଛି ।

**ଫିଟ୍ ରହିବାର ମନ୍ତ୍ର?**

● ମୁଁ ଖାଦ୍ୟପ୍ରେମୀ । ହେଲେ ମୋ ବାପା ଘର ପାଖ ପଡ଼ିଆରେ ସକାଳୁ ନେଇ ତିନି ଚାରି ରାଉଣ୍ଡ ଦୌଡ଼ାନ୍ତି । ସନ୍ଧ୍ୟା ସମୟରେ ବି ଦୌଡ଼ାଦୌଡ଼ି କରେ । ଆଗରୁ ଜିମ୍ ଯାଉଥିଲି । ଏବେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଜିମ୍ ହେଉନାହିଁ ।

**ସ୍ମରଣୀୟ ମୁହୂର୍ତ୍ତ?**

● ପ୍ରଥମ ସିନେମା ପାଇଁ ଅଡିସନ୍ ଦେବା ସମୟରେ ମୋ ବାପା ଏଗ୍ରିମେଣ୍ଟ କରୁଥିବାବେଳେ ମୁଁ ଲେଖକଙ୍କଠାରୁ ସିନେମାର କାହାଣୀ ଶୁଣୁଥିଲି । ସେହି ସମୟଟି ମୋ ଜୀବନର ସବୁଠାରୁ ସ୍ମରଣୀୟ ମୂହୁର୍ତ୍ତ ଥିଲା ।

**ଆଗାମୀ ଯୋଜନା ?**

● ଭଲ କାହାଣୀର ସିନେମାରେ କାମ କରିବାକୁ ଇଚ୍ଛା ଅଛି । ମୁଁ ବଜେଟ୍ ନୁହେଁ, କାହାଣୀକୁ ଗୁରୁତ୍ୱ ଦିଏ । ଆଗକୁ 'ମୋହନଗିରି', 'ଲାଡୋ' ଆଦି ସିନେମା ରିଲିଜ୍ ଅପେକ୍ଷାରେ ।

**ନବାଗତା କଳାକାରଙ୍କୁ କ'ଣ ବାର୍ତ୍ତା ଦେବେ?**

● ଅଭିନୟ ଜଗତକୁ ଆସୁଥିଲେ ଆତ୍ମବିଶ୍ୱାସୀ ଆଉ ସାହସୀ ହୁଅନ୍ତୁ । କାହା ସହିତ କାମ କରୁଛନ୍ତି ତାକୁ ଅଧିକ ଗୁରୁତ୍ୱ ନଦେଇ କାମକୁ ଗୁରୁତ୍ୱ ଦିଅନ୍ତୁ । ତେଣୁ କର୍ମର ଫଳ ଭଗବାନ ନିଶ୍ଚୟ ଦେବେ । ■



# ‘ହୃଦୟର କ୍ରୀଡ଼ା’ ଏସିଆନ୍ ଗେମ୍ସ ଉଦ୍‌ଘାଟିତ

ଟୋକିଓ,୧୯।୯ (ଏଜେନ୍ସି)

ଆଇଚି-ନାଗୋୟାରେ ନବନିର୍ମିତ ମିଜୁହୋ ପାର୍କ ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ୨୦ତମ ଏସୀୟ କ୍ରୀଡ଼ାର ହୃଦୟସ୍ପର୍ଶୀ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଯାଇଛି। ଷ୍ଟାଡିୟମ୍‌ର ମଧ୍ୟ ଭାଗରେ ଫ୍ୟୁଜନ ରଶ୍ମିର ହୃଦୟକୃତି ଆଲିଆ, ଉଦ୍‌ଘାଟନୀ ସମାରୋହର ମଞ୍ଚଠାରୁ ଆରମ୍ଭ କରି ଖେଳାଳିଙ୍କ ପରେଡରେ ଥିବା ନାମ ପ୍ଲାକାର୍ଡରେ ହୃଦୟର ପ୍ରତୀକ ସ୍ପଷ୍ଟ ଭାବେ ବାରିହୋଇପଡ଼ିଥିଲା। ଜାପାନର ରାଜା ନାରୋହିତୋ ବିଶ୍ୱର ଏହି ଦ୍ୱିତୀୟ ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହ ୧୧୦ ମିନିଟ୍‌କାଳ ଆୟୋଜିତ ହୋଇଥିଲା ଓ ଏଥିରେ ହୃଦୟର କଥା, ମାନବ ଓ ମାନବ ମଧ୍ୟରେ ସଂଯୋଗ, ଏକତା ଓ ସେମାନଙ୍କ ସାମୁହିକ ଭାବନା ଉପରେ ଗୁରୁତ୍ୱ ଦିଆଯାଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଦୁଇ ସହର ସହ ଆୟୋଜକଙ୍କ ଲକ୍ଷ୍ୟ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିଥିଲା। ଅକ୍ଟୋବର ୪ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୬ଟି ଦେଶରୁ ପ୍ରାୟ ୧୧,୦୦୦ ପ୍ରତିଯୋଗୀ ଭାଗ ନେଉଛନ୍ତି। ୧୬ ଦିନ ଧରି ହେବାକୁ










ଥିବା ଏସିଆ ମହାଦେଶର ଏହି କ୍ରୀଡ଼ା ମହାକୁମ୍ଭରେ ୪୩ଟି ଖେଳରେ ୭୧ଟି ଇଭେଣ୍ଟ ଆୟୋଜିତ ହେବ। ମୋଟ ୪୬୯ଟି ପଦକ ଲାଗି ଲଢ଼େଇ ହେବ। ଜାପାନ ଏହି ପ୍ରତିଯୋଗିତା ଲାଗି ସର୍ବାଧିକ ୯୨୭ଜଣଙ୍କୁ ଚୟନ କରିଥିଲାବେଳେ ଭାରତରୁ ପାଖା ପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ସମାରୋହ ପରେଡ୍‌ରେ ଭାରତ ପକ୍ଷରୁ ମାନୁ ଭାକର ଓ କବାଡି ଖେଳାଳି ପୱନ ସେରାୱତ ତିରଙ୍ଗା ବହନ କରିଥିଲେ।

ଉଦ୍‌ଘାଟନୀ ସମାରୋହର ନିର୍ଦ୍ଦେଶକ ଥିଲେ ନାଗୋୟାରେ ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ସୁସୁମି ୟୁକିହିକୋ। ଉଦଘାଟନୀ ଉତ୍ସବର ଥିମ୍ ଅର୍ଥାତ୍ ବିଷୟବସ୍ତୁ ଥିଲା "ହାରମୋନିକ୍ ହାର୍ଟ ବିଟ୍"। ଏହାର ଅର୍ଥ ହେଉଛି ସମଗ୍ର ଏସିଆର ଖେଳାଳିମାନଙ୍କୁ ହୃଦୟରୁ ହୃଦୟ ସହିତ ସଂଯୋଗ କରିବାର ପ୍ରତୀକ। ବିଭିନ୍ନ କଳାମାର, ପରିବେଷଣକାରୀ, ଦୃଶ୍ୟାୟନ, ମଞ୍ଚ ବ୍ୟବସ୍ଥା, ସମନ୍ୱୟ ଓ ଖେଳାଳିଙ୍କ ପରେଡ ଏହି ବିଶାଳ ହୃଦୟର ପ୍ରତୀକ ନିଶ୍ଚିତ ଭାବେ ଏସିଆର ଯୁବପିଢ଼ିକୁ ଅନୁପ୍ରାଣୀତ କରିବ। ହୃଦୟକୁ ହୃଦୟ ସହ ଯୋଡିବା ସହ ବନ୍ଧୁତ୍ୱ ଓ ଭ୍ରାତୃତ୍ୱବୋଧ ସୃଷ୍ଟି କରିବାରେ ଏହି ଉଦ୍‌ଘାଟନୀ ସମାରୋହ ନିଶ୍ଚିତ ଭାବେ ଏକ ଉଦାହରଣ ହୋଇ ରହିବ ବୋଲି ୟୁକିହିକୋ କହିଛନ୍ତି।

ଭାୟୋଲିନ୍ ବାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ହାକାସେ ତାରୋଙ୍କ ସହ ଆୟୋଜିତ କାର୍ଯ୍ୟକ୍ରମ ହେଉ କିମ୍ବା ଏଞ୍ଜେଲ ଡ୍ରୋନ୍‌ରେ ଥିବା ସୁସଜ୍ଜିତ ବସ୍ତ୍ର ସବୁଥିରେ ହୃଦୟର ପ୍ରତୀକ ରହିଥିଲା। ଏବରି ଏକ ବିଶାଳ ହୃଦୟ ନିଶ୍ଚିତଭାବେ ବିଶ୍ୱରେ ଏଭ ଭିନ୍ନ ପରମ୍ପରା ସୃଷ୍ଟି କରିବ। ହୃଦୟ ମାଧ୍ୟମରେ କେବଳ ଏସୀୟ ଲୋକ ନୁହଁନ୍ତି, ବରଂ ବିଶ୍ୱର ସମସ୍ତ ଜନସାଧାରଣ ପରସ୍ପର ସହ ଯୋଡିହୋଇପାରିବେ। ନାଗୋୟା ଦୁର୍ଗକୁ କେନ୍ଦ୍ରକରି ହାର୍ଟ ବିଟ୍ ଅଫ୍ ଟ୍ରାଡିସନ ବା ପରମ୍ପରାର ହୃଦ୍‌ସ୍ପନ୍ଦନ କାର୍ଯ୍ୟକ୍ରମଟି ଜାପାନର ପ୍ରସିଦ୍ଧ କାବୁକି କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅତୀତରୁ ବର୍ତ୍ତମାନ ଏବଂ ବର୍ତ୍ତମାନରୁ ଭବିଷ୍ୟତ ଆଡକୁ ଯାତ୍ରାର ଚିତ୍ରଣ କରାଯାଇଥିଲା। ଆଇଚି-ନାଗୋୟାର ସଂସ୍କୃତି, ଶିଳ୍ପର ପ୍ରଭାବ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେସିତ ହୋଇଥିଲା।

ଦୈନନ୍ଦିନ ଜୀବନରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ସମାବେଶ ଯୋଗୁଁ ଉତ୍ସବରେ ବ୍ୟବହୃତ ଅନେକ ଗୀତ ଏଆଇ ବା କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ପ୍ରସ୍ତୁତ କରାଯାଇଥିଲା। ଏହାର ଅର୍ଥ ଆଇଚି ନାଗୋୟା କେବଳ ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରିନାହିଁ, ବରଂ ବୃହତ୍ତର ଲକ୍ଷ୍ୟରେ ଐତିହାସିକ ଅତୀତ, ସଂସ୍କୃତି, ପରମ୍ପରା ଓ ଜ୍ଞାନକୌଶଳରେ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

■ ଏସିଆନ୍ ଗେମ୍ସ କିଟ୍ ବିବାଦର ସମାଧାନ

## ଜାପାନ ବିପକ୍ଷରେ ନିୟମିତ ଜର୍ସି

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଜର୍ସିକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇଛି। ଆଗାମୀ ଜାପାନ ବିପକ୍ଷ ଟି-୨୦ ମ୍ୟାଚ୍‌ରେ ଭାରତୀୟ ଦଳ ବିସିସିଆଇର ନିୟମିତ ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇବ ବୋଲି ଜଣାପଡ଼ିଛି। ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ ପାଇଁ ସ୍ୱତନ୍ତ୍ର କିଟ୍‌ର ବ୍ୟବସ୍ଥା କରାଯିବା ନେଇ ପୂର୍ବରୁ ଆଲୋଚନା ହୋଇଥିଲା। ତେବେ ଜର୍ସି ଓ କିଟ୍ ସମ୍ପର୍କିତ କିଛି ପ୍ରଶାସନିକ ଓ ପ୍ରାୟୋଜକ ସମସ୍ୟା ଯୋଗୁଁ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏବେ ସମ୍ପୃକ୍ତ ପକ୍ଷମାନଙ୍କ ମଧ୍ୟରେ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଥିବା ସୂଚନା ମିଳିଛି। ଫଳରେ ଜାପାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ବିସିସିଆଇର ନିୟମିତ ଜର୍ସି ପିନ୍ଧିବେ। ଏହା ପରେ ଏସୀୟ କ୍ରୀଡ଼ା ପାଇଁ ଆବଶ୍ୟକ କିଟ୍ ନେଇ ମଧ୍ୟ ବ୍ୟବସ୍ଥା ସ୍ପଷ୍ଟ ହୋଇଛି। ଏସୀୟ କ୍ରୀଡ଼ାରେ କ୍ରିକେଟ୍‌କୁ ନେଇ ଭାରତୀୟ ଦଳର ଅଂଶଗ୍ରହଣ ଗୁରୁତ୍ୱ ବହନ କରୁଥିବାରୁ ଜର୍ସି ସମସ୍ୟାର ସମାଧାନ ପରେ ଦଳର ପ୍ରସ୍ତୁତି ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ।

## ସମସ୍ୟା ସତ୍ତ୍ୱେ ସୁଟିଂରେ ଭାରତୀୟ ଅଭିଯାନ ଆଜିଠୁ

ନାଗୋୟା, ୧୯।୯ (ଏଜେନ୍ସି): ଏସୀୟ କ୍ରୀଡ଼ାରେ ରବିବାରଠାରୁ ଭାରତୀୟ ସୁଟିଂ ଦଳର ଅଭିଯାନ ଆରମ୍ଭ ହେବ। ଭାରତର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ଓ ଦକ୍ଷିଣ କୋରିଆ ହୋଇଥିବାରୁ ଆରମ୍ଭରୁ ହିଁ ଭାରତୀୟ ସୁଟରଙ୍କ ପାଇଁ କଠିନ ପରୀକ୍ଷା ରହିବ। ଜାପାନରେ ପହଞ୍ଚିବା ପରେ ରହଣି ଓ ଯାତାୟାତ ସମସ୍ୟା ଯୋଗୁଁ ଦଳକୁ କିଛି ଅପ୍ରତ୍ୟାଶିତ ଅସୁବିଧାର ସାମ୍ନା କରିବାକୁ ପଡ଼ିଥିଲେ ମଧ୍ୟ ଏବେ ଖେଳାଳିଙ୍କ ନଜର ପଦକ ଉପରେ ରହିଛି। ନାଗୋୟା ବିମାନବନ୍ଦରରେ ଦୀର୍ଘ ସମୟ ଅପେକ୍ଷା ପରେ ହୋଟେଲରେ ପହଞ୍ଚିବା, ପରେ ଯାତାୟାତ ସମସ୍ୟା ଯୋଗୁଁ ଗୋଟିଏ ଦିନର ଅଭ୍ୟାସ ହରାଇବା ଭଳି ସମସ୍ୟା ଦଳର ପ୍ରସ୍ତୁତିକୁ ପ୍ରଭାବିତ କରିଛି। ଶୁଟିଂ ଭେନ୍ୟୁଠାରୁ ୫୦ କିଲୋମିଟରରୁ ଅଧିକ ଦୂରରେ ଦଳର ରହଣି ବ୍ୟବସ୍ଥା ହୋଇଥିବାରୁ ଯାତାୟାତ ମଧ୍ୟ ଚ୍ୟାଲେଞ୍ଜ ହୋଇଛି। ତେବେ ଭୋପାଳ ଜାତୀୟ ଶିବିରରେ ଖେଳାଳିମାନେ ଏହି ସମସ୍ୟାପୂର୍ଣ୍ଣ ପରିବେଶରେ ଅଭ୍ୟାସ କରିଥିଲେ। ହୃଦ୍‌ସ୍ପନ୍ଦନ ନିୟନ୍ତ୍ରଣ ପାଇଁ ବୈଜ୍ଞାନିକ ପଦ୍ଧତି ସହ ଯୋଗ, ଧ୍ୟାନ ଓ ଶ୍ୱାସକ୍ରିୟାର ଅଭ୍ୟାସ କରାଯାଇଥିଲା। ରବିବାର ମହିଳା ୧୦ ମିଟର ଏୟାର ରାଇଫଲରେ ଏଲାଭେନିଲ ଭାଲାରିଭାନଙ୍କ ଉପରେ ବିଶେଷ ନଜର ରହିବ। ତାଙ୍କ ସହ ସୋନମ ଉତ୍ତମ ମାସ୍କର ଓ ଭିଦର୍ଶା କେ ବିନୋଦ ମଧ୍ୟ ଦଳର ଆଶା ହେବେ।

## କ୍ରିକେଟରେ ନକ୍‌ଭି ପଦକ ଦେଲେ କ'ଣ କରିବ ବିସିସିଆଇ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳ ଚାମ୍ପିଅନ ହେଲେ ପଦକ ପ୍ରଦାନ କିଏ କରିବେ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏସୀୟ କ୍ରୀଡ଼ାର ପରିଚାଳନା କରୁଥିବା ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ (ଓସିଏ) ନିୟମ ଅନୁସାରେ ପଦକ ପ୍ରଦାନର ଦାୟିତ୍ୱ ଓସିଏ ଅଧ୍ୟକ୍ଷଙ୍କର। ସେ ଏହି ଦାୟିତ୍ୱ ଅନ୍ୟ ଓସିଏ ସଦସ୍ୟଙ୍କୁ ଦେଇପାରନ୍ତି। ଏସିଆ କପ୍‌ର ପୁରସ୍କାର ପ୍ରଦାନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଏବେ ମୋହସିନ ନକଭିଙ୍କ ନାମ ଚର୍ଚ୍ଚାରେ ରହିଛି। ଗତ ଦୁଇବର୍ଷ ହେବ ଭାରତୀୟ ଦଳ ନକଭିଙ୍କଠାରୁ ଟ୍ରଫି ନେଉନାହିଁ। ନକଭି ଏସୀୟ କ୍ରିକେଟ୍ କାଉନସିଲ୍‌ର ଅଧ୍ୟକ୍ଷ ଏବଂ ପାକିସ୍ତାନ କ୍ରିକେଟ୍ ବୋର୍ଡର ମୁଖ୍ୟ ଅଛନ୍ତି। ତେବେ ଏସୀୟ କ୍ରୀଡ଼ାରେ ସେ ପଦକ ପ୍ରଦାନ କରିବେ ବୋଲି ଏପର୍ଯ୍ୟନ୍ତ ଓସିଏ ପକ୍ଷରୁ କୌଣସି ନିଶ୍ଚିତତା ମିଳିନାହିଁ। ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, ଦଳ ପଦକ ଜିତିବା ପରେ ପରିସ୍ଥିତିକୁ ବିଚାର କରି ନିଷ୍ପତ୍ତି ନିଆଯିବ। ଓସିଏ ନିୟମ ଅନୁସାରେ ପଦକ ପ୍ରଦାନ ସମାରୋହରେ ରାଜନୈତିକ, ବାଣିଜ୍ୟିକ, ଧାର୍ମିକ କିମ୍ବା ଜାତିଗତ ପ୍ରଚାର ନିଷିଦ୍ଧ। ତେଣୁ ପଦକ ହାସଲ କରିବା ପରେ ଭାରତୀୟ ଦଳ କି ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ବାକି ରହିଲା।






ଅଲ୍ ଓଡ଼ିଶା ୬-ରେଡ୍ ଓପନ ସ୍ନୁକର

## ଫାଇନାଲରେ ଆଶୁତୋଷ-ଆକାଶ

ଭୁବନେଶ୍ୱର,୧୯।୯ (ସମିସ): ଓଡ଼ିଶାର ନଂ-୧ ଖେଳାଳି ଆଶୁତୋଷ ପାଢ଼ୀ ଓ ଚ୍ୟାଲେଞ୍ଜର ଆକାଶ ମହାପାତ୍ରଙ୍କ ମଧ୍ୟରେ ଜିକେ ଅଲଓଡ଼ିଶା ୬-ରେଡ୍ ଓପନ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ଖେଳାଯିବ। କଟକରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା।



ଏଥିରେ ଗୁରୁ ତଥା ରାଜ୍ୟର ବରିଷ୍ଠ ଖେଳାଳି ସୁବ୍ରତ ଦାସଙ୍କୁ ହରାଇ ନଂ-୧ ଖେଳାଳି ଆଶୁତୋଷ ଏବଂ ନବାଗତ ରୁମିତ ଗୁପ୍ତାଙ୍କୁ ପରାସ୍ତ କରି ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ଫାଇନାଲରେ ପ୍ରବେଶ କରିଥିଲେ। ଆସନ୍ତାକାଲି ବା ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

### ଆଜିଠୁ ‘ଭାରତ ମସଲା’ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି

## ଟାଇଟଲ୍ ବଜାୟ ଲକ୍ଷ୍ୟରେ କଟକ ପାନ୍ଥର୍ସ



ଭୁବନେଶ୍ୱର, ୧୯।୯ (ସମିସ)

‘ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି’ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୨୦ ତାରିଖ ବା ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଆଇକନିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଏହାର ଅର୍ଥ ଆସନ୍ତାକାଲିଠାରୁ ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ବାରବାଟୀରେ ହେବ ବଲ୍ ଓ ବ୍ୟାଟର ଜୋରଦାର ସଂଘର୍ଷ। ଛକା ଚୌକା ଓ କରତାଳିରେ କମ୍ପିବ ବାରବାଟୀ। ଉଦ୍‌ଘାଟନୀ ମୁକାବିଲାରେ ଓଡ଼ିଶାର ତାରକା ଖେଳାଳିଙ୍କୁ ନେଇ ମଇଦାନକୁ ଓହ୍ଲାଇବ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ। ସାମ୍ନାରେ ରହିବ ସମ୍ବଲପୁର ୱାରିୟର୍ସ। ଭାରତ ମସଲା ମାଲିକାନାରେ ଥିବା ପାନ୍ଥର୍ସ ଟିମ ଏଥର ମଧ୍ୟ ଚାମ୍ପିଅନ ହେବାର ଆତ୍ମବିଶ୍ୱାସ ରହିଛି। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଅଭିଜ୍ଞତା ସହ କୋଚ୍ ପ୍ରଭଞ୍ଜନ ମଲ୍ଲିକଙ୍କ ରଣକୌଶଳ ଦଳକୁ ଟାଇଟଲ ବଜାୟ ରଖିବାରେ ସହାୟକ ହେବ। ଟାଇଟଲ ରକ୍ଷା କରିବା ଲାଗି ମଧ୍ୟ ଜୋରଦାର ପ୍ରସ୍ତୁତି କରିଛି କଟକ ପାନ୍ଥର୍ସ। ରାଜ୍ୟର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣି ବିଶ୍ୱଦରବାରରେ ପହଞ୍ଚାଇବା ‘ଭାରତ ମସଲା’ର ଲକ୍ଷ୍ୟ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଏହି ଅବସରରେ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ।

ଗତବର୍ଷ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ ମଧ୍ୟରେ ୯ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ଏହି ଛଅଗୋଟି ଦଳ ହେଲା ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ସୁପରଷ୍ଟାରର୍ସ, କେନ୍ଦୁଝର ମାଇନର୍ସ ଓ ସମ୍ବଲପୁର ୱାରିୟର୍ସ। ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହାପରେ ପଏଣ୍ଟର ଶୀର୍ଷରେ ରହିଥିବା ଦଳ ସିଧାସଳଖ ୨୯ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ଲକ୍ଷ ଓ ରନର୍ସଅପ୍ ଦଳ ୨୦ ଲକ୍ଷ ଟଙ୍କା ପାଇବ। ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସଡର ସୁରେଶ ରାଇନା ଓ ଦେବାଶିଷ ମହାନ୍ତି ଉଦଘାଟନୀ ଦିବସରେ ଉପସ୍ଥିତ ରହିବାର କାର୍ଯ୍ୟସୂଚୀ ରହିଛି।

**କଟକ ପାନ୍ଥର୍ସ ଦଳ** : ବିପ୍ଳବ ସାମନ୍ତରାୟ (ଅଧିନାୟକ), ଡି ଆୟୁଷ, ଗୌତମ ଗୋପାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଶିବୁନା ନନ୍ଦ, ଅଭିରୂପ ଦାସ, ସାର୍ଥକ ପ୍ରକାଶ, ଶୁଭାଶିଷ ମଲ୍ଲିକ, ରାଜା ଯାଦବ, ପ୍ରିୟାଂଶୁ ମହାନ୍ତି, ପିୟୁଷ ମନ୍ତ୍ରୀ, ଅଭିଷେକ ସିଂ, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ, ସୌରଭ ଗୌଡ଼ା ଓ ଶୁଭମ ଶତ୍ରୁଜିତ।






PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS